

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୩୦ ନଭେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 30 NOVEMBER 2023

Vol.No. 34 ■ No. 313■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ବଢ଼ିଲା ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅବଧି: ଆହୁରି ୫ ବର୍ଷ ମିଳିବ ମାଗଣା ରାସନ



ନୂଆଦିଲ୍ଲୀନୂଆଦିଲ୍ଲୀ, ୨୯/୧୧ : ମୋଦୀ ସରକାରଙ୍କ ବଡ଼ ଘୋଷଣା। ବଢ଼ିଲା ପଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଅବଧି। ଆହୁରି ପାଞ୍ଚ ବର୍ଷ ମିଳିବ ମାଗଣା ରାସନ। ବୁଧବାର କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଚଗଏକଇଣକୁ ଆଗାମୀ ପାଞ୍ଚ ବର୍ଷ ଯାଏଁ ବୃଦ୍ଧିକୁ ମଞ୍ଜୁରୀ ମିଳିଛି। ଏହି ଯୋଜନାର ଅବଧି ଡିସେମ୍ବର ୩୧ରେ ଶେଷ ହେବାକୁ ଯାଉଥିଲା। ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ବୁଧବାର ଏନେଇ ସୂଚନା ଦେବା ସହ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ୨୦୨୪ ଜାନୁଆରୀ ୧ ଠାରୁ ଆଗାମୀ ପାଞ୍ଚ ବର୍ଷ ପାଇଁ ବଢ଼ାଯାଇଛି। ପୂର୍ବରୁ ମଧ ଏହି ଯୋଜନାର ଅବଧି ୨୦୨୩ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି ହୋଇଥିଲା। ସେ ଆହୁରି କହିଛନ୍ତି ଆଗାମୀ ପାଞ୍ଚ ବର୍ଷରେ ଏହି ଯୋଜନାରେ ପ୍ରାୟ ୧୧.୮ କୋଟି ଟଙ୍କା ଖର୍ଚ୍ଚ ହେବ। ଉଲ୍ଲେଖଯୋଗ୍ୟ, ୨୦୨୦ରେ କେନ୍ଦ୍ର ସରକାର କରୋନା ମହାମାରୀ ପରଠାରୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାର ଆରମ୍ଭ କରିଥିଲେ। କରୋନା ମହାମାରୀ କଟକଣା ଫଳରେ ଲୋକଙ୍କ ଜୀବିକା ପ୍ରଭାବିତ ହୋଇଥିଲା। ଗରିବଙ୍କୁ ଖାଦ୍ୟ ସମସ୍ୟା ଦେଖାଦେଇଥିଲା। ଏମିତିରେ ପିଏମ ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ସାହାଯ୍ୟ ପାଇଁ ମାଗଣା ରାସନ ସ୍କିମ୍‌ର ଆରମ୍ଭ କରିଥିଲେ। କୁହାଯାଉଛି, ଯେ, ଏହି ଯୋଜନାର ଲାଭ ୮୦ କୋଟି ଦେଶବାସୀ ଉଠାଉଛନ୍ତି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଅନୁଯାୟୀ ଲାଭାର୍ଥୀଙ୍କୁ ପାଞ୍ଚ କେଜି ଗହମ କିମ୍ବା ଚାଉଳ ମିଳିଥାଏ। ଏହା ପରଠାର ବିଭିନ୍ନ ପର୍ଯ୍ୟାୟରେ ଏହାର ଏହି ସ୍କିମକୁ ବଢ଼ାଯାଇଛି ମଧ । ଅନେକ ଥର ଏହାର ଅବଧି ବୃଦ୍ଧି ମଧ କରାଯାଇଛି।

## ଲାଞ୍ଚ ନେବା ବେଳେ ଧରାପଡ଼ିଲେ ଆରଆଇ



ସୁନ୍ଦରଗଡ଼, ୨୯/୧୧ (ନି.ପ୍ର): ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ସୁନ୍ଦରଗଡ଼ ଜିଲ୍ଲା ଟାଙ୍ଗରପାଲି ତହସିଲ ତସଲାଡ଼ିହି ରାଜସ୍ୱ ନିରୀକ୍ଷକ (ଆରଆଇ) ଲିଲି ଚୌଧୁରୀ। ଜମିର କିସମ ପରିବର୍ତ୍ତନ ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଆରଆଇ ଲିଲି ଚୌଧୁରୀଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଧରିଥିଲେ। ଲିଲି ଚୌଧୁରୀ ଲାଞ୍ଚ ମାଗୁଥିବା ନେଇ ଉକ୍ତ ବ୍ୟକ୍ତି ଜଣଙ୍କ ପୂର୍ବରୁ ଭିଜିଲାନ୍ସକୁ ଜଣାଇଥିଲେ। ତାଙ୍କ ଅଭିଯୋଗକ୍ରମେ ଯୋଜନାବଦ୍ଧ ଭାବେ ଆଜି ଭିଜିଲାନ୍ସ ଚଢ଼ାଉ କରି ଆରଆଇ ଲିଲି ଚୌଧୁରୀଙ୍କୁ ଲାଞ୍ଚ ଅର୍ଥ ଗ୍ରହଣ କରୁଥିବା ଅବସ୍ଥାରେ ଧରିଛି। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ସୁନ୍ଦରଗଡ଼ ଭିଜିଲାନ୍ସ ପକ୍ଷରୁ ଏହି ଘଟଣାରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଉଛି।

## ଓଡ଼ିଶା ଜଙ୍ଗଲରେ କଳା ବାଘ

ଭୁବନେଶ୍ୱର, ୨୯/୧୧ (ନି.ପ୍ର): ଓଡ଼ିଶା ଜଙ୍ଗଲରେ ଦେଖାଗଲା କଳା ବାଘ। କଳା ରଙ୍ଗର କଲରା ପତରିଆ ବାଘ ଟ୍ରାପ କ୍ୟାମେରାରେ ଧରାପଡ଼ିଛି। ଏହା ରାଜ୍ୟ ପାଇଁ ବେଶ ଉତ୍ସାହଜନକ ଘଟଣା। ରାଜ୍ୟରେ ଚାଲିଥିବା ବାଘଗଣନା ବେଳେ ରାଜ୍ୟରେ କଳା ରଙ୍ଗର କଲରା ପତରିଆ ବାଘ ଦେଖିବାକୁ ମିଳିଥିଲା। କଲରା ପତରିଆ କଳା ବାଘ ମିଳିଥିବାନେଇ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ପିସିସିଏଫ) ସୁଶାନ୍ତ ନନ୍ଦ ଟ୍ୱିଟ୍ ଯୋଗେ ସୂଚନା ଦେଇଛନ୍ତି। କେନ୍ଦ୍ରୀୟ ଓଡ଼ିଶାର ଏକ ନିର୍ଦ୍ଦିଷ୍ଟ ଜଙ୍ଗଲରେ କଳା ବାଘ ଦେଖାଯାଇଥିବା ସୂଚନା ମିଳିଛି।

## ‘ଚିନୁକ୍’ରେ ଏମ୍ସ ଗଲେ ଉଦ୍ଧାର ୪୧ ଶ୍ରମିକ



ନୂଆଦିଲ୍ଲୀ, ୨୯/୧୧ : ଋଷିକେଶ ଗଲେ ଉତ୍ତରକାଶୀର ଟନେଲ ରୁ ଉଦ୍ଧାର ହୋଇଥିବା ୪୧ ଶ୍ରମିକ। ବାୟୁସେନାର ସ୍ୱତନ୍ତ୍ର ବିମାନ ‘ଚିନୁକ୍’ରେ ଏମାନଙ୍କୁ ଏୟାରଲିଫ୍ଟ କରାଯାଇ ଋଷିକେଶର ଏମ୍ସରେ ଭର୍ତ୍ତି କରାଯାଇଛି। ଏହାପୂର୍ବରୁ ସମସ୍ତ ଶ୍ରମିକଙ୍କୁ ଏକ ଅସ୍ଥାୟୀ ହସ୍ପିଟାଲରେ ରଖାଯାଇଥିଲା। ଏମାନଙ୍କୁ ଏୟାରଲିଫ୍ଟ କରିବା ପାଇଁ ବାୟୁସେନାର ଚିନୁକ ବିମାନ ଚିନ୍ୟାଲିସୌଡ଼ରେ ପହଞ୍ଚିଥିଲା। ଋଷିକେଶ ଏମ୍ସର ଟ୍ରମା ସେଣ୍ଟରରେ ୪୧ ଶ୍ରମିକଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ଏଠାରେ ସମସ୍ତ ଶ୍ରମିକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ହେବ। ଏହା ପୂର୍ବରୁ ହସ୍ପିଟାଲରେ ଶ୍ରମିକଙ୍କୁ ଭେଟିଥିଲେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି। ଭେଟିବା ସମୟରେ ଶ୍ରମିକମାନଙ୍କୁ ଏକ ଲକ୍ଷ ଟଙ୍କାର ସହାୟତା ରାଶି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ। ଏହା ସହ ଶ୍ରମିକଙ୍କୁ ଭେଟି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି। ▶▶ପୃଷ୍ଠା ୭

## ରୋଷେୟା ବୁଲାଇଲେ କଳାକନା: ସିସିଟିଭିରେ ପୂରା କାରନାମା କଏଦ



ଭୁବନେଶ୍ୱର, ୨୯/୧୧ (ନି.ପ୍ର): ବେଶ୍ କିଛି ଦିନ ହୋଇଗଲାଣି ରାଜଧାନୀ ଭୁବନେଶ୍ୱରରେ ଘରୁ ଚୋରି, ଡକାୟତି ଓ ଲୁଟ୍ ଭଳି ଘଟଣା ସାମ୍ନାକୁ ଆସୁଛି, ଯାହା ସମସ୍ତଙ୍କୁ ଚିନ୍ତିତ କରିଛି। ଏପରି ସମୟରେ ଏକ ସିସିଟିଭିରେ କଏଦ ହୋଇଥିବା ଚୋରିର ଦୃଶ୍ୟ ସାମ୍ନାକୁ ଆସିଛି, ଯାହା ଆପଣମାନଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଦେବ। କାରଣ ଏହି ସିସିଟିଭିରେ କଏଦ ହୋଇଥିବା ଚୋର ଜଣେ ରୋଷେୟା। ସେ ଯାହା ଘରେ କାମ କରୁଥିଲେ, ତାଙ୍କ ଘରୁ ଟଙ୍କା ଚୋରି କରୁଥିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଘଟଣା ଘଟିଛି ଭୁବନେଶ୍ୱରର ଝାରପଡ଼ାର ଜଗନ୍ନାଥ ନଗରରେ ରହୁଥିବା ବିଭୁ ପ୍ରସାଦ ମହାପାତ୍ରଙ୍କ ଘରେ। ତାଙ୍କ ଘରେ ମାମି ପାତ୍ର ନାମକ ଜଣେ ମହିଳା ରୋଷେୟା ଭାବେ କାର୍ଯ୍ୟ କରୁଥିଲେ। ସେ ଗତ ଫେବ୍ରୁଆରୀ ମାସରୁ ବିଭୁ ପ୍ରସାଦ ମହାପାତ୍ରଙ୍କ ଘରେ କାମ କରି ଆସୁଥିଲେ। ସେ ମାସକୁ ୪୦୦୦ ହଜାର ଟଙ୍କା ନେଉଥିଲେ। ବିଭୁ ପ୍ରସାଦ ମହାପାତ୍ରଙ୍କର ଘର କାମ ଚାଲିଛି। ତେଣୁ ସେ ଘରେ ସବୁବେଳେ ନଗଦ ଟଙ୍କା ରଖୁଛନ୍ତି। ରୋଷେୟା ମାମି ପାତ୍ର ଏ କଥା ଭଲ ଭାବେ ଜାଣିଥିଲେ। ତେଣୁ ସମୟ ଓ ସୁଯୋଗ ଦେଖି ସେ ବେଡ୍ ରୁମ୍‌ର ଆଲମିରାରୁ ଟଙ୍କା ନେଉଥିଲେ। ସେ ପାଖାପାଖି ଏକ ଲକ୍ଷ ଟଙ୍କା ଚୋରି କରିଥିବା ବେଳେ ତା’ର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଏହି ଘଟଣାକୁ ନେଇ ବିଭୁ ପ୍ରସାଦ ମହାପାତ୍ରଙ୍କ ଘର ଲୋକେ ଲକ୍ଷ୍ମୀସାଗର ଥାନାରେ ରୋଷେୟା ମାମା ପାତ୍ରଙ୍କ ବିରୋଧରେ ଏତଲା ଦେଇଛନ୍ତି।

## ଦିନେ ଲୋକଙ୍କ ଗୁହାରି ଶୁଣୁଥିଲେ: ଆଜି ସେ ଅସହାୟ, ଦାଦନ ଶ୍ରମିକ



ସମ୍ବଲପୁର, ୨୯/୧୧ (ନି.ପ୍ର): ଦିନେ ସେ ଲୋକଙ୍କୁ ଗୁହାରୀ ଶୁଣୁଥିଲେ। ଆଉ ସମାଧାନ କରୁଥିଲେ। ଭୋକିଲାର ପେଟ ଚିହ୍ନି ଖାଇବାକୁ ଦେଉଥିଲେ। ହେଲେ ଆଜି ସେ ଅସହାୟ। ନିଜେ ଭୋକର ଜ୍ୱାଳାରେ ଜର୍ଜରିତ। ପାଲଟି ଯାଇଛନ୍ତି ଦାଦନ ଶ୍ରମିକ। ପେଟ ଚାଖଣ୍ଡକ ପାଇଁ ତାମିଲନାଡୁରେ ଦାଦାନ ଖଟୁଛନ୍ତି। ଏମିତିକା ଜଣେ ଦାଦନ ଶ୍ରମିକ ହେଉଛନ୍ତି ସମ୍ବଲପୁର ଜିଲ୍ଲା ଧନକଉଡା ବ୍ଲକ୍‌ର ପୂର୍ବତନ ଅଧକ୍ଷା କାନ୍ତି କୁମ୍ଭାର। ୧୯୯୭ ମସିହାରେ କାନ୍ତି କୁମ୍ଭାରଙ୍କୁ ୧୯ ବର୍ଷ ହୋଇଥିଲା। ସେହି ବର୍ଷ ସେ ପଞ୍ଚାୟତ ନିର୍ବାଚନକୁ ଲମ୍ଫ ମାରିଥିଲେ। ଆଉ କଳାମାଟି ପଞ୍ଚାୟତରୁ ସମିତି ସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ। ନିର୍ଦ୍ୱନ୍ଦ୍ୱରେ ଧନକଉଡା ବ୍ଲକ ଅଧକ୍ଷା ହୋଇପାରିଥିଲେ। ବ୍ଲକ ଅଧକ୍ଷା ହେବା ପରେ ପ୍ରତିଦିନ ଘରେ ଓ ଅଫିସ୍‌ରେ ଲାଗୁଥିଲା ଲୋକଙ୍କ ଭିଡ଼। ଲୋକମାନେ ନିଜର ସମସ୍ୟା ନେଇ ତାଙ୍କ ପାଖକୁ ଆସୁଥିଲେ। ଲୋକଙ୍କ ଅଳି ଅର୍ଦ୍ଦଳି ବୁଝୁବୁଝୁ ସମୟ ବିତି ଯାଉଥିଲା। ▶▶ପୃଷ୍ଠା ୭

## ଅମିତ ଶାହଙ୍କ ଦମ୍ଭୋକ୍ତି: ସିଏଏ ଲାଗୁ ହେବ, କେହି ବି ଅଟକାଇ ପାରିବେ ନାହିଁ



ନୂଆଦିଲ୍ଲୀ, ୨୯/୧୧ : ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)କୁ ନେଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ବଡ଼ ବୟାନ ଦେଇଛନ୍ତି। ସିଏଏ ଦୀର୍ଘ ଦିନରୁ ସଂସଦରେ ପାରିତ ହୋଇଥିଲେ ମଧ କେନ୍ଦ୍ର ସରକାର ଏହାକୁ ଲାଗୁ କରି ପାରି ନାହାନ୍ତି। ତେବେ ଆଜି ଅମିତ ଶାହ କହିଛନ୍ତି ଯେ କେନ୍ଦ୍ର ସରକାର ସିଏଏ ଲାଗୁ କରିବେ ଓ ଏହାକୁ କେହି ବି ଅଟକାଇ ପାରିବେ ନାହିଁ। କୋଲକାତାରେ ବିଜେପିର ନିର୍ବାଚନ ରାଲିକୁ ସମ୍ବୋଧନ କରି ଅମିତ ଶାହ ତୁଷ୍ଟୀକରଣ, ଅନୁପ୍ରବେଶ, ଦୁର୍ନୀତି ଓ ରାଜନୀତିକ ହିଂସା ପ୍ରସଙ୍ଗ ଉଠାଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଟାର୍ଗେଟ କରିଛନ୍ତି। ଆସନ୍ତା ନିର୍ବାଚନରେ ମମତା ସରକାରଙ୍କୁ ବିଦା କରି ବିଜେପିକୁ ଶାସନ କରିବାକୁ ଅନୁମତି ଦିଅନ୍ତୁ ବୋଲି ଶାହ ଲୋକଙ୍କୁ ଅନୁରୋଧ କରିଛନ୍ତି। ରାଲିରେ ପ୍ରବଳ ଲୋକଙ୍କ ଉପସ୍ଥିତ ଦେଖି ମଧ ଅମିତ ଶାହ ବେଶ ଉତ୍ସାହିତ ହୋଇପଡ଼ିଥିଲେ। ଏପରି ଭିଡ଼ ଲୋକଙ୍କ ମୁଡକୁ ଦର୍ଶାଉଛି ଓ ୨୦୨୬ ବିଧାନସଭା ନିର୍ବାଚନରେ ବିଜେପି ଦୁଇ ତୃତୀୟାଂଶ ଜନମତ ସହ ପଶ୍ଚିମବଙ୍ଗରେ ସରକାର ଗଠନ କରିବ ବୋଲି ସେ କହିଛନ୍ତି। ତାଙ୍କ କହିବା ▶▶ପୃଷ୍ଠା ୭

## ଇଞ୍ଜିନିୟରିଂ ଛାତ୍ରଙ୍କ ଉପରେ ଚଢ଼ିଗଲା ଟ୍ରକ୍

ଭୁବନେଶ୍ୱର, ୨୯/୧୧ (ନି.ପ୍ର): ଭୁବନେଶ୍ୱରର ବାଣୀ ବିହାର ଓଭରବ୍ରିଜ୍‌ରେ ଆଜି ସକାଳେ ଟ୍ରକ୍ ମାଡ଼ି ଯିବାରୁ ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାଁ ପ୍ରତ୍ୟୁତପର୍ଣ୍ଣ ଦାସ। ତାଙ୍କ ଘର ରସୁଲଗଡ଼ ଅଞ୍ଚଳରେ। ସେ ଓଡ଼ିଶା ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚରେ ବିଟେକର ଇଲେକଟ୍ରୋନିକ୍ସ ବିଭାଗର ପ୍ରଥମ ବର୍ଷ ଛାତ୍ର ଥିଲେ। ପ୍ରତ୍ୟୁତପର୍ଣ୍ଣ ଆଜି ସ୍କୁଟିରେ କଲେଜ ଅଭିମୁଖେ ଯାଉଥିବା ବେଳେ ବାଣୀବିହାର ଓଭରବ୍ରିଜ୍‌ରେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ସ୍କୁଟି ପଛରେ ଟ୍ରକ୍‌ଟି ଯାଉଥିଲା। ହଠାତ୍ ସ୍କୁଟି ଚାଳକ ଟ୍ରକ୍ ସାମ୍ନାକୁ ଚାଲି ଯାଇଥିଲେ। ଟ୍ରକ୍‌ଟି ତାଙ୍କ ମୁଣ୍ଡ ଉପରେ ଚଢ଼ି ଯାଇଥିଲା।

## ଆଣ୍ଡାମାନ ସାଗରରେ ସୁଦୃଶ୍ୟ ଲଘୁଚାପ: ୧ରେ ବାତ୍ୟା



ଭୁବନେଶ୍ୱର, ୨୯/୧୧ (ନି.ପ୍ର): ଆଣ୍ଡାମାନ ସାଗରର ଲଘୁଚାପ କ୍ଷେତ୍ର ୱେଲ ମାର୍କଡ୍ ଲୋ ପ୍ରେସରରେ ପରିଣତ ହୋଇଛି। ଦକ୍ଷିଣ ପୂର୍ବ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ଆଣ୍ଡାମାନ ସାଗରରେ ଗତକାଲି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିଲା। ଆଜି ତାହା ସୁଦୃଶ୍ୟ ଲଘୁଚାପରେ ପରିଣତ ହୋଇଛି। ଏହା ଆହୁରି ଘନୀଭୂତ ହୋଇ ଆସନ୍ତାକାଲି ଅବପାତରେ ପରିଣତ ହେବ। ତାର ୪୮ ଘଣ୍ଟା ମଧ୍ୟରେ ତାହା ବାତ୍ୟାରେ ପରିଣତ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ବୈଜ୍ଞାନିକ ଉମାକାନ୍ତ ଦାସ ଦେଇଥିବା ସୂଚନା ଅନୁଯାୟୀ, ଦକ୍ଷିଣ ଆଣ୍ଡାମାନ ସାଗର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଅଞ୍ଚଳରେ ଯେଉଁ ଲଘୁଚାପ କ୍ଷେତ୍ରଟି ଥିଲା, ଆଜି ସକାଳ ୫ଟା୩୦ରେ ତାହା ଘନୀଭୂତ ହୋଇ ସୁଦୃଶ ଲଘୁଚାପରେ ପରିଣତ ହୋଇଛି। ଏହା ପଶ୍ଚିମ, ଉତ୍ତର ପଶ୍ଚିମ ଦିଗରେ ଗତି କରିବ ଏବଂ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଅଞ୍ଚଳରେ ପହଞ୍ଚି ଅଧିକ ଘନୀଭୂତ ହେବ । ଆସନ୍ତାକାଲି ଅର୍ଥାତ ୩୦ ତାରିଖ ସୁଦ୍ଧା ଏହା ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଏହାପରେ ତାହା ୪୮ ଘଣ୍ଟା ପରେ ବାତ୍ୟାର ରୂପ ନେବ । ପରବର୍ତ୍ତୀ ସମୟରେ ବାତ୍ୟାର ତୀବ୍ରତା ଓ ଗତିପଥ କ’ଣ ରହିବ ସେ ନେଇ କିନ୍ତୁ କୌଣସି ଆକଳନ କରାଯାଇନି। ଅବପାତ ସୃଷ୍ଟି ହେବା ପରେ ତାହା ଉତ୍ତର-ପଶ୍ଚିମ ଦିଗକୁ ଗତି କରିବ । ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଅଞ୍ଚଳରେ ପହଞ୍ଚି ଆହୁରି ଘନୀଭୂତ ହୋଇ ସାମୁଦ୍ରିକ ଝଡ଼ର ରୂପ ନେବାର ସମ୍ଭାବନା ରହିଛି ବୋଲି କହିଛନ୍ତି ବୈଜ୍ଞାନିକ ଦାସ । ଆସନ୍ତାକାଲି ଅବପାତ ସୃଷ୍ଟି ହେଉଥିଲେ ମଧ ତାହା ପ୍ରଭାବରେ ଓଡ଼ିଶା ଉପକୂଳ ତଥା ଓଡ଼ିଶାର କୌଣସି ଅଞ୍ଚଳକୁ ଚେତାବନୀ ଜାରି କରାଯାଇ ନାହିଁ। ଆସନ୍ତା ୩ ଓ ୪ ତାରିଖରେ କେବଳ ହାଲକା ବର୍ଷା ହେବାର ଅନୁମାନ କରାଯାଉଛି। କିନ୍ତୁ ଏହା ପ୍ରଭାବରେ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରେ ବାତ୍ୟା ସୃଷ୍ଟି ହେବାର ସମ୍ଭାବନା ରହୁଥିବାରୁ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଆସନ୍ତା ୧ ତାରିଖରୁ ୪୦ରୁ ୫୦ କିମି ବେଗରେ ପବନ ବୋହିପାରେ। ପବନର ବେଗ ବଢ଼ି ୨ ତାରିଖ ବେଳକୁ ୫୦ରୁ ୬୦ କିମି ଓ ସର୍ବାଧିକ ୭୦ କିମି ପର୍ଯ୍ୟନ୍ତ ଯାଇପାରେ ବୋଲି କହିଛନ୍ତି ବୈଜ୍ଞାନିକ ଉମାଶଙ୍କର ଦାସ। ଏହା ପ୍ରଭାବରେ ୧ ତାରିଖରୁ ସମୁଦ୍ର ଅଶାନ୍ତରୁ ଅଧିକ ଅଶାନ୍ତ ରହିବ । ତେଣୁ ମତ୍ସ୍ୟଜୀବୀଙ୍କୁ କେନ୍ଦ୍ରୀୟ ବଙ୍ଗୋପସାଗରର ଗଭୀର ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି। ଯେଉଁ ମତ୍ସ୍ୟଜୀବୀ ଗଭୀର ସମୁଦ୍ରରେ ରହିଛନ୍ତି, ସେମାନେ ୧ ତାରିଖ ସୁଦ୍ଧା କୂଳକୁ ଫେରି ଆସିବାକୁ କୁହାଯାଇଛି।

## ଆପକୁ ସୁପ୍ରିମକୋର୍ଟ ଝଟକା: ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟକାଳ ବଢ଼ିଲା



ନୂଆଦିଲ୍ଲୀ, ୨୯/୧୧ : ସୁପ୍ରିମକୋର୍ଟରେ ଦିଲ୍ଲୀ ସରକାରଙ୍କୁ ବଡ଼ ଝଟକା ଲାଗିଛି। କେନ୍ଦ୍ର ସରକାର ଦିଲ୍ଲୀର ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟକାଳ ବୃଦ୍ଧି କରିଥିବାରୁ ଏହାକୁ ଆପ୍ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏହି ଆବେଦନର ଶୁଣାଣି ସୁପ୍ରିମକୋର୍ଟ କରିଥିଲେ ହେଁ ମୁଖ୍ୟ ଶାସନ ସଚିବ ନରେଶ କୁମାରଙ୍କ କାର୍ଯ୍ୟକାଳ ବୃଦ୍ଧି ଉପରେ କୌଣସି ପ୍ରକାରର ରୋକ ଲଗାଇ ନାହାନ୍ତି। ଏହାର ଅର୍ଥ ନରେଶ କୁମାର ଦିଲ୍ଲୀର ମୁଖ୍ୟ ଶାସନ ସଚିବ ଭାବେ ଆଉ ୬ ମାସ କାର୍ଯ୍ୟ କରିବେ। ନଭେମ୍ବର ୩୦ରେ ନରେଶ କୁମାରଙ୍କ କାର୍ଯ୍ୟକାଳ ଶେଷ ହେଉଥିଲା। କିନ୍ତୁ କେନ୍ଦ୍ର ସରକାର ତାଙ୍କ କାର୍ଯ୍ୟକାଳକୁ ୬ ମାସ ବୃଦ୍ଧି କରିଥିଲେ। ଏହାକୁ ଦିଲ୍ଲୀ ସରକାରଙ୍କ ପକ୍ଷରୁ ଚ୍ୟାଲେଞ୍ଜ କରାଯାଇଥିଲା। କେନ୍ଦ୍ର ସରକାର ଦିଲ୍ଲୀ ସରକାରଙ୍କ ଆଲୋଚନା ନ କରି ପ୍ରଶାସନିକ ▶▶ପୃଷ୍ଠା ୭

## ପତଳା ଗ୍ରାମରେ ଅଲେଖ ମହିମା ନାମଯଜ୍ଞ

ଚମ୍ପୁଆ, ୨୯/୧୧ (ନି.ପ୍ର): ଉପାନ୍ତ ଚମ୍ପୁଆ ବ୍ଲକ, ରଜିଆ ପଂଚାୟତ ଅନ୍ତର୍ଗତ ପତଳା ଗ୍ରାମର ପାତ୍ର ସାହିରେ ୧୧୪ ତମ ବାର୍ଷିକ ଅଲେଖ ମହିମା ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ବ୍ରହ୍ମାଣ୍ଡର ମଙ୍ଗଳ ଓ ପ୍ରାକୃତିକ ବିପର୍ଯ୍ୟୟରୁ ସୃଷ୍ଟିର ସୁରକ୍ଷା, ସର୍ବଧର୍ମ ସୁରକ୍ଷା ନିମନ୍ତେ ଅଖଣ୍ଡ ବ୍ରହ୍ମଧ୍ୱନିରେ ଘୃତାହୁତୀ ପ୍ରଦାନ ପୂର୍ବକ ଅଲେଖ ମହିମା ମହାପ୍ରଭୁଙ୍କ ଠାରେ ସାମୁହିକ ପ୍ରଭୁ ପ୍ରାର୍ଥନା କରା ଯାଇଥିଲା। ଏହି ଯଜ୍ଞ କାର୍ଯ୍ୟରେ ଢେଙ୍କାନାଳ ମହିମା ଗାଦିର ବାବା ଅଭୟ ଦାସ ଓ ଦେବ ଦାସ ପୁରୋହିତ ଭାବେ କାର୍ଯ୍ୟ ତୁଲାଇ ଥିବାବେଳେ ଏଥିରେ ଚମ୍ପୁଆ ଅଂଚଳର ଘମ୍ପାରୀଆ ଭଜନ ମଣ୍ଡଳୀ ଓ ଅନୁଗୁଳର ଭଅଁରପାଳ ଭଜନ ମଣ୍ଡଳୀଙ୍କ ଦ୍ୱାରା ଅହରାତ୍ର ଭୀମଭୋଇଙ୍କ ଭଜନ ପରିବେଷଣ କରା ଯାଇଥିଲା। ଯଜ୍ଞ ଅନୁଷ୍ଠାନର ସଭାପତି ଶ୍ରୀ ପଟେଲ ପାତ୍ର ଓ ସମ୍ପାଦକ ଧିରେନ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମ ପରିଚାଳନାରେ ସଦସ୍ୟ ଉତମ ପାତ୍ର, ଗୁରୁ ପାତ୍ର, ଚୁନୁ ପାତ୍ର, ବିଶ୍ୱଜିତ ପାତ୍ର, ହେମନ୍ତ ପାତ୍ର, ଲିଟୁନ ପାତ୍ର, ଟୁରୁ ପାତ୍ର, ପର୍ଶୁରାମ ପାତ୍ର, ସ୍ୱର୍ଣ୍ଣଜିତ ପାତ୍ରଙ୍କ ସମେତ ସମସ୍ତ ସାହି ବାସିନ୍ଦା ସହଯୋଗ କରିଥିଲେ। ତେବେ ଏହି ଯଜ୍ଞ କାର୍ଯ୍ୟରେ ଆଖପାଖ ଅଂଚଳର ଶତାଧିକ ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା।

## ବିକଶିତ ଭାରତ ସଙ୍କଳ୍ପ ଯାତ୍ରା ପାଇଁ ବିଜେପିର ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୨୯/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିଜେପି ତରଫରୁ ନଭେମ୍ବର ୧୫ ତାରିଖରେ ଭାରତର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା "ବିକଶିତ ଭାରତ ସଙ୍କଳ୍ପ ଯାତ୍ରା"ର ଏକ ପ୍ରସ୍ତୁତି ବୈଠକ ଇଛାପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ରାଷ୍ଟ୍ରୀୟ ପରିଷଦର ସଭ୍ୟ ବୈଦନାଥ ଚାଟାର୍ଜୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ପ୍ରସାଦ ଦାସ, ସୁନାକର ବେହେରା, କଳ୍ପନା ମଲିକ, ରାଜ୍ୟ ପ୍ରବକ୍ତା ତେଜେଶ୍ୱର ପରିଡା, ଲୋକସଭା ବିସ୍ତାରକ ଅନୂପ ପରିଡ଼ା, ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ ପ୍ରମୁଖ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ ହିତକାରୀ ଯୋଜନା ଗୁଡିକୁ ଲୋକାଭିମୁଖୀ କରିବା ପାଇଁ ସରକାରଙ୍କ ତରଫରୁ ଜିଲ୍ଲାର ୯ଟି ବ୍ଲକର ପ୍ରତ୍ୟେକ ପଂଚାୟତ ସ୍ତରରେ ସଚେତନତା ରଥ ପରିକ୍ରମା କରିବ। କେନ୍ଦ୍ରୀୟ ଯୋଜନାଗୁଡିକର ବ୍ୟାପକ ପ୍ରଚାର ପ୍ରସାର ଓ ସଚେତନତା "ବିକଶିତ ଭାରତ ସଙ୍କଳ୍ପ ଯାତ୍ରା"ର ମୂଳ ଉଦ୍ଦେଶ୍ୟ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏହି ଅଭିଯାନରେ ବିଭିନ୍ନ କେନ୍ଦ୍ର ଯୋଜନାରୁ ବଂଚିତ ହୋଇଥିବା ହିତାଧିକାରୀମାନେ ଆବେଦନ କରିପାରିବା ସହିତ ବିଭିନ୍ନ ପ୍ରତିଯୋଗିତା, ସଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ ବୋଲି ପ୍ରକାଶ କରିଥିଲେ । ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଉପ ସଭାପତି ଉପୀନ ରାଉତ, ସଂଜୟ ସାହୁ, ସାଧାରଣ ସଂପାଦକ ସରୋଜକାନ୍ତ ନାୟକ, ଶଶାଙ୍କ ଶେଖର ସେଠୀ, ବିକ୍ରମ ରାଉତରାୟ, ଅମିତାବ ସୁଆର, କୃଷକ ମୋର୍ଚ୍ଚା ସଭାପତି ଶ୍ରୀଧର ପ୍ରଧାନ, ପ୍ରଦେଶ ନାୟକ, ପ୍ରତିମା ନାୟକ, ବୃରହାନ ଅଲ୍ଲୀ, ସତ୍ୟ ପ୍ରକାଶ ସାମଲ, ପ୍ରିୟଦର୍ଶନୀ ନନ୍ଦ, ଦୟାନିଧି ବଳ, କ୍ଷିରୋଦ ବରାଳ, କଳ୍ପତରୁ ବେହେରା, ଶଶାଙ୍କ ଶେଖର ଓଝାଙ୍କ ସହିତ ବହୁ ବିଜେପି କର୍ମୀ ଓ ନେତା ଯୋଗଦାନ ଦେଇ କାର୍ଯ୍ୟକ୍ରମ କିପରି ଭାବରେ ତୃଣମୂଳ ସ୍ତରରେ ପହଁଚିବା ସହିତ ଏହାର ସୁଫଳ ସାଧାରଣ ଜନତାଙ୍କ ନିକଟରେ ପହଁଚିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

## ପୂର୍ବତନ ପୁଇଁନ୍ତଲା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନାମୟୀ ମିଶ୍ରଙ୍କ ପରଲୋକ

ବଲାଙ୍ଗୀର, ୨୯/୧୧ (ନି.ପ୍ର): ପୂର୍ବତନ ପୁଇଁନ୍ତଲା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନାମୟୀ ମିଶ୍ରଙ୍କ ଗତକାଲି ରାତ୍ରୀ ୯.୩୦ ସମୟରେ ପରଲୋକ ହୋଇଯାଇଛି। ତାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ବରଗଡ ଏକ ଘରୋଇ ହସପିଟାଲକୁ ନେବା ସମୟରେ ରାସ୍ତାରେ ଦେହାନ୍ତ ହୋଇଥିଲା। ପରେ ତାଙ୍କୁ ତାଙ୍କ ବଲାଙ୍ଗିର ସ୍ଥିତ ଘରକୁ ଅଣାଯାଇଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୬୭ ବର୍ଷ ହେଉଥିଲା। ମୃତ୍ୟୁ ସମୟରେ ତାଙ୍କ ଦେଢସୁର ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର, ସ୍ୱାମୀ ଆଇନଜୀବୀ ବିନାୟକ ମିଶ୍ର, ବଡପୁଅ ଆଇନଜୀବୀ ସିଦ୍ଧାର୍ଥ ମିଶ୍ର, ସାନପୁଅ ହେମନ୍ତ ମିଶ୍ର, ବହୁ ମନୀଶା, ଲଭଲି, ଭଣଜା ଆକାଶ ମିଶ୍ର, ନାତି ଡୁଗଡୁଗ, ଦେବ, ନାତୁଣୀ ଅପୂର୍ଭା, ବିଧିଙ୍କ ସମେତ ପରିବାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଆଜି ସକାଳ ୧୦ଟା ସମୟରେ ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ଛତାମଖନା ତାଙ୍କ ଶଶୁରାଳୟ ଗ୍ରାମରେ ତାଙ୍କର ଅନ୍ତେଷ୍ଟିକ୍ରିୟା କରାଯାଇଥିଲା। ବଡପୁଅ ସିଦ୍ଧାର୍ଥ ମୁଖାଗ୍ନୀ ଦେଇଥିଲେ। ଏହି ଅବସରରେ ଖରିଆର ବିଧାୟକ ଅଧିରାଜ ପାଣିଗ୍ରାହୀ, ତାଙ୍କ ପରିବାର ସଦସ୍ୟ ବିରେନ ମିଶ୍ର, ଆଇନଜୀବୀ ବାବୁଲୁ ମିଶ୍ର, ଜିଲ୍ଲା ସମବାୟ ବ୍ୟାଙ୍କ ସଭାପତି ସ୍ମାରକ ମିଶ୍ର, ରାହୁଲ ମିଶ୍ରଙ୍କ ସମେତ ପରିବାରର ସମସ୍ତ ସଦସ୍ୟ, ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସଂପାଦକ ହରୀନାରାୟଣ ପୁଝାରୀ, ଆଇନଜୀବୀ ସୁବାସ ନନ୍ଦ, ମନୋଜ ସାହୁ, ସୁଦ୍ଧାର୍ଥୀ ପଟେଲ, ସମିର ରଥ, ମନୀଷ ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ଓଡ଼ିଶା ସରକାରଙ୍କ ଆମ ବ୍ୟାଙ୍କ ଯୋଜନାକୁ ବିଜେପି ବିଧାୟକଙ୍କ ଟାର୍ଗେଟ୍

ଭୁବନେଶ୍ୱର, ୨୯/୧୧ (ନି.ପ୍ର): ଓଡ଼ିଶା ସରକାର "ଆମ ବ୍ୟାଙ୍କ" ନାମରେ ଭାରତ ସରକାରଙ୍କ ବିଭିନ୍ନ ଆର୍ଥିକ ସମାବେଶର ଯୋଜନାକୁ ଓ ରାଷ୍ଟ୍ରାୟତ ବ୍ୟାଙ୍କମାନଙ୍କର ସେବାର ବ୍ୟାପକତାର ପ୍ରଚେଷ୍ଟାକୁ ହଡପ କରିବାକୁ ଚେଷ୍ଟା ଚଳାଇଛନ୍ତି । ନବୀନ ସରକାରଙ୍କ ଅବ୍ୟବସ୍ଥା ଓ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ସବୁବେଳେ ପର ଘର ତିଅଣରେ ଅତିଥି ଚର୍ଚ୍ଚା କରନ୍ତି ବୋଲି ବିଜେପି ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଅଭିଯୋଗ କରିଛନ୍ତି।

ସୋସିଆଲ ସାଇଟ୍ ରେ ବିଧାୟକ ଏକ ପୋଷ୍ଟରେ ଲେଖିଛନ୍ତି ସମସ୍ତ ଅଣସେବା ପ୍ରାପ୍ତ ଗ୍ରାମ ପଂଚାୟତ ଗୁଡ଼ିକରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ବ୍ୟାଙ୍କ ଓ ଆର୍ଥିକ ସେବା ପହଁଚାଇବା ପାଇଁ ମାର୍ଚ୍ଚ ୨୦୧୭ରେ ନବୀନ ଓଡ଼ିଶାଙ୍କ ଓଡ଼ିଶା ଜୀବିକା ମିସନ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ସହ ବୁଝାମଣା କରିଥିଲେ । ସେ ବୁଝାମଣାର ସ୍ଥିତି ଆଜି କଣ ? ରାଜ୍ୟର ଜନସାଧାରଣଙ୍କୁ ଜଣାଇବେ କି ? କେତେ ଗ୍ରାମ ପଂଚାୟତରେ ଓଡ଼ିଶା ସରକାର ନିଜ ବ୍ୟାଙ୍କ ସେବା ପହଂଚାଇଲେ ? ପିଠା ଆଉ ଯୁବ ବାହିନୀ ଭଳି ଯୋଜନା ସର୍ବସ୍ୱ ହୋଇ ରହିଗଲା କି ପ୍ରଚାର ସର୍ବସ୍ୱ ନବୀନ ସରକାର ? ଲୋକଙ୍କୁ ଆର୍ଥିକ ସେବା ପ୍ରଦାନ କରିବା ପାଇଁ କୌଣସି ଦୂରଦୃଷ୍ଟି, ରୋଡ଼ମ୍ୟାପ କିମ୍ୱା ରଣନୀତି ନକରି କେବଳ ନିର୍ବାଚନକୁ ନଜର କରି ପ୍ରଚାର ଉଦ୍ଦେଶ୍ୟରେ ଏହି ଅପଚେଷ୍ଟା ରଚୁଛନ୍ତି । କାମ କରନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ; କିନ୍ତୁ ନବୀନ ବାବୁ କେବଳ ଡ୍ରାମା କରନ୍ତି । ଯାହାକି ରାଜ୍ୟବାସୀ ବୁଝି ସାରିଛନ୍ତି ।

ସେ ଲେଖିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରରେ ଓଡ଼ିଶାରେ ବ୍ୟାଙ୍କିଙ୍ଗ୍ ସେବା କ୍ଷେତ୍ରରେ ଅଭୁତପୂର୍ବ ପରିବର୍ତନ ହୋଇଛି । ୨୦୧୪ ବେଳେ ଓଡ଼ିଶାରେ ମାତ୍ର ୪୩୩୮ଟି ବ୍ୟାଙ୍କ ଶାଖା ଥିବା ବେଳେ ମୋଦି ସରକାରରେ ଏହା ବଢି ୬,୦୬୦ରେ ପହଂଚିଛି । ୭,୩୮୦ ଭାରତୀୟ ପୋଷ୍ଟ ପେମେଂଟ ବ୍ୟାଙ୍କ ଦ୍ୱାରା ଓଡ଼ିଶାର ଜନସାଧାରଣଙ୍କୁ ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ସେବା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ୭,୬୨୭ଟି ଏଟିଏମ ତଥା ଡିଜିଟାଲ ବ୍ୟାଙ୍କିଙ୍ଗ୍, ମୋବାଇଲ ବ୍ୟାଙ୍କିଙ୍ଗ୍ ସହ ମୋଟ ୪୮,୯୨୩ ଜଣ 'ବ୍ୟାଙ୍କ ମିତ୍ର'ଙ୍କ ଦ୍ୱାରା ଓଡ଼ିଶାର କୋଣ ଅନୁକୋଣରେ ବ୍ୟାଙ୍କ ସେବା ପହଂଚାଇ ଦିଆଯାଉଛି। ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ରାଜ୍ୟରେ ମୋଟ ୨,୦୭,୮୧, ୫୮୨ ରୁ ଉର୍ଦ୍ଧ୍ୱ ବ୍ୟାଙ୍କ ଖାତା ଖୋଲାଯିବା ଦ୍ୱାରା ଗରିବ ଶ୍ରେଣୀର ଲୋକେ ୯୨୯୦ କୋଟି ଟଙ୍କା ସଂଚୟ କରିଛନ୍ତି। ଓଡ଼ିଶାର ଦୁର୍ଗମ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ଏହି ଯୋଜନାରେ ଅଧିକରୁ ଅଧିକ ବ୍ୟାଙ୍କ ଖାତା ଖୋଲା ଯାଇ ଦଶନ୍ଧି ଦଶନ୍ଧି ଧରି ବ୍ୟାଙ୍କ ସେବା ପାଇ ନଥିବା ଲୋକଙ୍କ ପାଖରେ ଆଜି ବ୍ୟାଙ୍କ ଡୋରଷ୍ଟେପରେ ପହଂଚିପାରିଛି। ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା, ଅଟଳ ପେନସନ୍ ଯୋଜନା, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଗରିବ, ଚାଷୀ, ମହିଳା, ବଂଚିତ ବର୍ଗର ଲୋକଙ୍କୁ ସଶକ୍ତ କରିଛନ୍ତି। ଅନ୍ୟପକ୍ଷରେ ଓଡିଶାରେ ନୂଆ ଖୋଲିବାକୁ ଯାଉଥିବା ସମସ୍ତ ସିଏସପି ପ୍ଲସ୍ କାଉଂଟର ଗୁଡ଼ିକରେ ମିଳୁଥିବା ସମସ୍ତ ସେବା ଭାରତ ସରକାରଙ୍କର । ଭାରତ ସରକାରଙ୍କ ରାଷ୍ଟ୍ରାୟତ ବ୍ୟାଙ୍କ ଓ ସେମାନଙ୍କ ଦ୍ୱାରା ନିୟୋଜିତ ବ୍ୟାଙ୍କ ମିତ୍ର ଲୋକଙ୍କୁ ସେବା ଯୋଗାଉଛନ୍ତି । ଏହି ନୂଆ କାଉଂଟର ଗୁଡ଼ିକରେ ଭାରତ ସରକାରଙ୍କ ସହଯୋଗର କିଛି ବି ଚିହ୍ନବର୍ଣ୍ଣ ନଥିବା ଭଳି ମନେହେଉଛି । କେବଳ ମୁଖ୍ୟମନ୍ତ୍ରୀଙ୍କର ଫଟୋ, ଏହା ହେଉଛି ଓଡ଼ିଶା ସରକାରଙ୍କ ସିଏସପି ସ୍କିମ୍ । ଓଡ଼ିଶା ସରକାର ବାସ୍ତବିକ ଏହି ଯୋଜନା ବାବଦରେ କିଛି ନକରି ମିଛରେ ପ୍ରଚାର କରି ଲୋକଙ୍କୁ ଭୂଆଁ ବୁଲାଇବାର ଅର୍ଥ କଣ? ୨୦୧୪, ୨୦୧୬, ୨୦୧୮ ମୁଖ୍ୟମନ୍ତ୍ରୀ ନିଜସ୍ୱ ଯୋଜନାରେ ବ୍ୟାଙ୍କ ସେବା ପ୍ରତି ପଂଚାୟତରେ ପହଂଚାଇବା ପାଇଁ ପ୍ରତିଶୃତି ଦେଇଥିଲେ । ସେହି ପ୍ରତିଶ୍ରୁତି କୁଆଡେ ଗଲା ? ଏବେ ପୁଣି ନିର୍ବାଚନ ଆସିବାରୁ ପୁଣି ନୂଆ ଶୁଆଙ୍ଗ କାହିଁକି ?ବୋଲି ସେ ପ୍ରଶ୍ନ କରିଛନ୍ତି।

## ରାସ୍ତା ନିର୍ମାଣ ପାଇଁ ଅନୁମତି ପ୍ରଦାନ ନେଇ ଦାବି

ଜୟପୁର, ୨୯/୧୧ (ନି.ପ୍ର): ରାସ୍ତା ନିର୍ମାଣ ନିମନ୍ତେ ଅନୁମତି ଦେବାକୁ ଜୟପୁର ଡିଏଫଓଙ୍କ ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ । ବୋରିଗୁମ୍ମା ବ୍ଲକ ରଣସପୁର ପଂଚାୟତର ରାଣିଗଡ ସଂଯୁକ୍ତ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି । ଜୟପୁର ଡିଏଫଓ ପ୍ରତାପ ବେହେରାଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗ୍ରାମକୁ ଯିବାକୁ ରାସ୍ତା ନାହିଁ । ରାସ୍ତା ନଥିବା ଯୋଗୁଁ ଗ୍ରାମବାସୀ ମାନେ ବହୁତ ହଇରାଣର ସମ୍ମୁଖୀନ ହେଉଛନ୍ତି । ଗ୍ରାମରେ ଏକ ପଲ୍ଲି ସଭା କରି ପ୍ରଶାସନ ଓ ବୋରିଗୁମ୍ମା ବନ ବିଭାଗ ଠାରେ ଦାବି କରାଯାଇଥିଲା । ଗ୍ରାମବାସୀ ମାନଙ୍କ ଦାବିକୁ ଗୁରୁତ୍ୱର ସହ ନେଇ ବୋରିଗୁମ୍ମା ବ୍ଲକ ତରଫରୁ ଟଙ୍କାର ବ୍ୟବସ୍ଥା କରାଯାଇଛି । ଗ୍ରାମରେ ୭୦ ପରିବାର ରହୁଥିବା ବେଳେ ଲୋକସଂଖ୍ୟା ୩ ଶହ ହେବ । ଏହି ୩ କି.ମି. ଅଣ ଓସାରିଆ ରାସ୍ତାରେ କୌଣସି ଗଛ ନାହିଁ, ତେଣୁ ଗ୍ରାମକୁ ଯିବା ଆସିବା ପାଇଁ ରାସ୍ତାର ଆବଶ୍ୟକତା ରହିଛି। ବନ ବିଭାଗ ଅନୁମତି ଦେଲେ ରାସ୍ତା ନିର୍ମାଣ ହେବ ବୋଲି ଗ୍ରାମବାସୀ ପେଟା ମୁଦୁଲି, କେଶବ ମୁଦୁଲି, ବଲି ମଦୁଦୁଲି, ବୁଟୁ ମଦୁଲୁଲି ପ୍ରମୁଖ ଦାବି କରିଛନ୍ତି ।

## ନବୀନ ସରକାର ଓଡ଼ିଶାର ବେକାର ଯୁବକ ଯୁବତୀଙ୍କୁ ପ୍ରତାରିତ କରିଛନ୍ତି: ଯାସିର ନୱାଜ

ଭୁବନେଶ୍ୱର, ୨୯/୧୧ (ନି.ପ୍ର): ୬ ଦଫା ଦାବିରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଯାସିର ନୱାଜଙ୍କ ନେତୃତ୍ୱରେ ମଙ୍ଗଳବାର ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଛାତ୍ର କଂଗ୍ରେସର "ନିଯୁକ୍ତିକ୍ରାନ୍ତି" କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ପକ୍ଷରୁ ଛାତ୍ର କଂଗ୍ରେସ ଜିଲ୍ଲା ସଭାପତି ଜଗଦୀଶ ଗଜେନ୍ଦ୍ରଙ୍କ ନେତୃତ୍ୱରେ ଭୁବନେଶ୍ୱର ଏଡିଏମଙ୍କ କାର୍ଯ୍ୟାଳୟ ସମ୍ମୁଖରେ "ନିଯୁକ୍ତିକ୍ରାନ୍ତି" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଯାସିର ନୱାଜ କହିଛନ୍ତି ଯେ ନବୀନ ସରକାର ଓଡ଼ିଶାର ବେକାର ଯୁବକଯୁବତୀଙ୍କୁ ପ୍ରତାରିତ କରିଛନ୍ତି। ଗତ ୨୪ ବର୍ଷ ହେଲା ନବୀନ ସରକାର ଦେଇଥିବା ବର୍ଷକୁ ୨ଲକ୍ଷ ନିଯୁକ୍ତି ପ୍ରତିଶ୍ରୁତି ପୂରଣ କରିପାରିଲେ ନାହିଁ। ଏବେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଧାନସଭାରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ ରାଜ୍ୟ ସରକାରଙ୍କର ୨ଲକ୍ଷ ୨୬ ହଜାର ଚାକିରୀ ଖାଲି ପଡ଼ିଥିବା ବେଳେ ଓଡ଼ିଶାରେ ୯ଲକ୍ଷ ପଞ୍ଜିକୃତ ବେକାର ଯୁବକ ଯୁବତୀ ଚାକିରୀ ଅନ୍ୱେଷଣରେ ଘୁରି ବୁଲୁଛନ୍ତି। ଓଡ଼ିଶାର ଶିଳ୍ପାଂଚଳର ଲୋକ ଧୂଳି ଧୂଆଁ ଖାଇ ରୋଗାଗ୍ରସ୍ତ ହେଉଛନ୍ତି। ସେଠିକାର ଜଳବାୟୁ ଓ ବିଶେଷ କରି ପରିବେଶ ସଂପୂର୍ଣ୍ଣ ନଷ୍ଟ ହୋଇଯାଉଛି। ମାତ୍ର ସେଠିକାର ବେକାର ଯୁବକ ଯୁବତୀଙ୍କ ସ୍ୱାର୍ଥକୁ ଦୃଷ୍ଟି ଦିଆଯାଉ ନାହିଁ। ଓଡ଼ିଶାରେ ବେସରକାରୀ ଶିଳ୍ପ-ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଓ ନବୀନ ସରକାରଙ୍କ ମଧୁଚନ୍ଦ୍ରିକାରେ ଓଡ଼ିଶାର ବେକାର ଯୁବକ ଯୁବତୀଙ୍କ ଭାଗ୍ୟ ଧୂଳିସାତ ହୋଇଯାଉଛି। କାରଣ ଶିଳ୍ପାଂଚଳର ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆଯାଉନାହିଁ। ମାତ୍ର ନବୀନ ସରକାରଙ୍କ ବାହୁଛାୟା ତଳେ ଏହି ଶିଳ୍ପପତିମାନେ ସୁରକ୍ଷିତ ରହିଛନ୍ତି ଏବଂ ଓଡ଼ିଶାକୁ ଲୁଟୁଛନ୍ତି। ଛାତ୍ର କଂଗ୍ରେସ ପକ୍ଷରୁ ସତର୍କ କରିଦିଆଯାଇଛି ଯେ ଯଦି ଓଡ଼ିଆ ଯୁବକ ଯୁବତୀଙ୍କୁ ଏଥିରେ ୮୦ ପ୍ରତିଶତ ନିଯୁକ୍ତି ନ ମିଳେ ତେବେ ଆଗାମୀ ଦିନରେ ଶିଳ୍ପସଂସ୍ଥା ଗୁଡ଼ିକ ଆଗରେ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯିବ ଏବଂ ଚକାଜାମ ଆନ୍ଦୋଳନ କରାଯିବ।

ଆଜିର କାର୍ଯ୍ୟକ୍ରମରେ ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱର ଏଡିଏମଙ୍କୁ ୬ଦଫା ଦାବି ସମ୍ୱଳିତ ନିମ୍ନ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଦାବି ଗୁଡିକ ହେଲା ଖାଲି ପଡ଼ିଥିବା ୨ଲକ୍ଷ ୨୬ ହଜାର ସରକାରୀ ପଦବୀକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପୂରଣ କରାଯାଉ। ସମସ୍ତ ସରକାରୀ ପଦବୀ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପୂରଣ କରାଯାଉ। ସମସ୍ତ ଘରୋଇ ଶିଳ୍ପ ଓ ବ୍ୟବସାୟ ପ୍ରତିଷ୍ଠାନରେ ୮୦ ପ୍ରତିଶତ ଓଡ଼ିଶା ଲୋକଙ୍କୁ ନିଯୁକ୍ତି ଦିଆଯାଉ। ସରକାରୀ ଚାକିରୀରେ ଚୁକ୍ତିଭିତିକ ଓ ଠିକା ନିଯୁକ୍ତି ବାତିଲ କରାଯାଉ। ଯେଉଁ ପ୍ରବାସୀ ଓଡ଼ିଆ, ଓଡ଼ିଶାକୁ ଫେରି ଓଡ଼ିଶାରେ ଜୀବିକା ନିର୍ବାହ କରିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ସରକାର ତୁରନ୍ତ ପ୍ୟାକେଜ କରନ୍ତୁ।ବେକାରୀ ଭତା ୫୦୦୦ ଟଙ୍କା ଦିଆଯାଉ ଏବଂ ୨୪ ବର୍ଷ ଧରି ଅଣଓଡ଼ିଆ ଠିକାଦାରଙ୍କୁ ଦିଆଯାଉଥିବା ପ୍ରାଧାନ୍ୟର ଅନ୍ତ ହେଉ। ଓଡ଼ିଆ ଠିକାଦାରଙ୍କୁ ଉପେକ୍ଷା ନକରି ରାଜ୍ୟ ସରକାର ସେମାନଙ୍କ ଉପରେ ଗୁରୁତ୍ୱ ଦିଆଯାଉ। ନିଯୁକ୍ତିକ୍ରାନ୍ତି ହେଉଛି ଓଡ଼ିଶାର ବେକାର ଯୁବକ ଯୁବତୀମାନଙ୍କର ଯନ୍ତ୍ରଣାର ସ୍ୱର। ତୁରନ୍ତ ନିଯୁକ୍ତିକ୍ରାନ୍ତିର ଦାବି ଗୁଡ଼ିକ ନବୀନ ସରକାର ପୂରଣ କରନ୍ତୁ। ନହେଲେ ଛାତ୍ର କଂଗ୍ରେସ ପକ୍ଷରୁ ନିଯୁକ୍ତି କ୍ରାନ୍ତିର ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଯାସିର କହିଛନ୍ତି।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର : ୬୦ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର, ୨୯/୧୧ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଡୁଙ୍ଗୁରିପାଲି ପଂଚାୟତ ସମିତି କାର୍ଯ୍ୟାଳୟ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୁବର୍ଣ୍ଣପୁର୍ବିମଳେନ୍ଦୁ ରାୟ ଓ ଆରକ୍ଷୀ ଅଧିକ୍ଷକଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣ ଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୬୦ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୫୨ ଗୋଟି, ସାମୁହିକ ଦରଖାସ୍ତ ୦୮ ଗୋଟି ଓ ସି ଏମ ଆର ଏଫ ଆର୍ଥିକ ସହାୟତା ନିମନ୍ତେ ୦୨ ଗୋଟି ଦରଖାସ୍ତ ଗ୍ରହଣ କରାଯାଇଥିବା ବେଳେ ସମସ୍ତ ଅଭିଯୋଗ ଦରଖାସ୍ତ କୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗକୁ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତୁରନ୍ତ ସମାଧାନ ନିମନ୍ତେ ପ୍ରେରଣ କରାଯାଇଛି କ୍ଷ ଡୁଙ୍ଗୁରିପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ରୋହିତ ଭୋଇ ଙ୍କ ତତ୍ୱାବଧାନ ରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ସୁବର୍ଣ୍ଣପୁର ଶ୍ରୀ ଅଶ୍ୱିନୀ ମେହେର , ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ଼ ଦୈତ୍ୟ ନାରାୟଣ ପାଢ଼ୀ, ଜିଲ୍ଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଶ୍ରମ ଉପ ନିର୍ଦ୍ଦେଶକ ଡିଲେଶ୍ୱର ଖାକା, ଜିଲ୍ଲା ପଂଚାୟତ ଅଧିକାରୀ ଅର୍ଜୁନ ମାଝୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ ପଟ୍ଟନାୟକ, ଟି ପି ଡବ୍ଲୁ ଓ ଡି ଏଲ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ମିଶ୍ର ସମେତ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲଦାର ରାମପୁର ,ବ୍ଲକ ସ୍ତରୀୟ କର୍ମଚାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦାନ କରିଥିଲେ।

## ଗାଡକଣ ଡମ୍ପିଂ ୟାର୍ଡର ଦୁର୍ଗନ୍ଧମୟ ପରିବେଶ ପାଇଁ ବିଜେପି ପକ୍ଷରୁ ସତ୍ୟାଗ୍ରହ

ଭୁବନେଶ୍ୱର, ୨୯/୧୧ (ନି.ପ୍ର): ରାଜଧାନୀର ମଧ୍ୟବର୍ତୀ ଅଂଚଳରେ ଥିବା ଗାଡକଣସ୍ଥିତ 'ଅସ୍ଥାୟୀ ଡମ୍ପିଂ ୟାର୍ଡ' ଆଜି 'ସ୍ଥାୟୀ ଡମ୍ପିଂ ୟାର୍ଡ'ରେ ପରିଣତ ହୋଇ କୃତ୍ରିମ ପାହାଡର ଭ୍ରମ ସୃଷ୍ଟି କରିଛି । ଅଳିଆ ଆବର୍ଜନାପୂର୍ଣ୍ଣ ଏହି କୃତ୍ରିମ ପାହାଡରୁ ନିର୍ଗତ ଅସହ୍ୟ ଦୁର୍ଗନ୍ଧ କାରଣରୁ ସ୍ଥାନୀୟ ଗାଡକଣ, ରଙ୍ଗମାଟିଆ, ଡମଣା, ମଂଚେଶ୍ୱରବାସିନ୍ଦାଙ୍କ ଜୀବନ ଅତିଷ୍ଠ ହୋଇପଡିଛି । ରାଜ୍ୟ ସରକାରଙ୍କ ଏଭଳି ଅମାନୁଷିକ ପଦକ୍ଷେପ ପ୍ରତିବାଦରେ ଭାରତୀୟ ଜନତା ପାର୍ଟି ଭୁବନେଶ୍ୱର ଜିଲ୍ଲା ପକ୍ଷରୁ 'ଡମ୍ପିଂ ୟାର୍ଡ'କୁ ନେଇ ସୈନିକ ସ୍କୁଲ ସମ୍ମୁଖରେ ସତ୍ୟାଗ୍ରହ ଆରମ୍ଭ କରିଛି। ୨୩ ବର୍ଷର ବିଜେଡି ସରକାର ସାଧାରଣ ଲୋକଙ୍କ ଦୁଃଖର କାରଣ ସାଜିଛି । ଭୁବନେଶ୍ୱରର ଲୋକେ ଭୋଟ ଓ ଟିକସ ଦେଇ ରୋଗକୁ ଉପାହାରରେ ପାଉଛନ୍ତି । ସର୍ବସାଧାରଣରେ ସ୍ୱଚ୍ଛତା ରକ୍ଷା ପାଇଁ ସାଧାରଣଜନତାଙ୍କଠାରୁ ଟିକସ ନେଉଛନ୍ତି ପ୍ରଶାସନ ଓ ରାଜ୍ୟ ସରକାର । ଟିକସ ନେଇ ନିଜ ଦାୟୀତ୍ୱ ଭୁଲି ଯାଉଛି ବିଏମସି । ସ୍ମାର୍ଟସିଟି ଭୁବନେଶ୍ୱରର ସ୍ୱଚ୍ଛତା ରକ୍ଷା ପାଇଁ ରାଜ୍ୟ ସରକାର, ମେୟର, କମିଶନର, ବିଭାଗୀୟ ଅଧିକାରୀ, ବିଏମସି କର୍ତୃପକ୍ଷ ମିଳିତ ଭାବେ ଦାୟୀତ୍ୱ ନିଅନ୍ତୁ। ଏଥି ସହ ଏଭଳି ଦୂଷିତ ପରିବେଶ ପାଇଁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଲୋକଙ୍କ ଚିକିତ୍ସା ଖର୍ଚ୍ଚ ବିଏମସି ଓ ରାଜ୍ୟ ସରକାର ବହନ କରନ୍ତୁ ବୋଲି ଜିଲ୍ଲା ସଭାପତି ବାବୁ ସିଂ କହିଛନ୍ତି। ଏହି ଦୁର୍ଗନ୍ଧ ପରିବେଶ ପାଇଁ ଭୁବନେଶ୍ୱରବାସିନ୍ଦାଙ୍କ ଦୁଃଖ ଓ ଧର୍ଯ୍ୟର ସୀମାକୁ ରାଜ୍ୟ ସରକାର ପରୀକ୍ଷା ନକରି ଏହାର ସୁବ୍ୟବସ୍ଥା କରନ୍ତୁ ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି କହିଛନ୍ତି। ନବୀନ ବାବୁ ଏହି 'ଡମ୍ପିଂ ୟାର୍ଡ'ର ସ୍ଥାୟୀ ସମାଧାନ ନକଲେ ଭାରତୀୟ ଜନତା ପାର୍ଟି ଏହି ସତ୍ୟାଗ୍ରହକୁ ଜାରି ରଖିବ ବୋଲି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ କହିଛନ୍ତି। ଏହି ଆନ୍ଦୋଳନରେ ହିମାଂଶୁ ଶେଖର ଛୋଟରାୟ, ସୁଶାନ୍ତ ସାବତ, ରାଜେନ୍ଦ୍ର ଦାସ, ପ୍ରଶାନ୍ତ ମହାନ୍ତି, ସୁଜିତ୍ କୁମାର ଦାସ୍, ସୁଭାଷିନୀ ପୃଷ୍ଟି, ଲିପା ଦାସ ଓ ଅଞ୍ଜନା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ନୀତି, ବ୍ୟଭିଚାର ଓ ଅଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ବିରୋଧରେ ଖଇରା ବ୍ଲକ ଘେରାଓ

ବାଲେଶ୍ୱର, ୨୯/୧୧ (ନି.ପ୍ର): ଦୁର୍ନୀତି, ଭ୍ରଷ୍ଟାଚାର ଓ ବ୍ୟଭୀଚାରରେ ଲିପ୍ତ 'ବିଜେଡି ସରକାର' ଓଡ଼ିଶାବାସୀଙ୍କୁ ନ୍ୟାୟ ଦେବାରେ ବିଫଳ ହୋଇଛନ୍ତି। ଓଡିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ଯୋଜନା, କେନ୍ଦ୍ରୀୟ ଅନୁଦାନ ଓ ଅନ୍ୟ ବାବଦରେ ଓଡିଶାକୁ ବିଗତ ୯ ବର୍ଷରେ ୧୮ ଲକ୍ଷ ୮୩ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସହାୟତା ଦେଇଛନ୍ତି । କିନ୍ତୁ ଓଡିଶାରେ ଚାଲିଥିବା ଭ୍ରଷ୍ଟାଚାରୀ ବିଜେଡି ସରକାର କେନ୍ଦ୍ରୀୟ ଯୋଜନାକୁ ହରିଲୁଟ କରି ଗରିବ ଲୋକଙ୍କ ବିକାଶରେ ବାଧକ ସାଜିଛି । ଓଡିଶାରେ ୫୦ ପ୍ରତିଶତ ପିସି ସରକାର ଚାଲିଛି । ବର୍ଷକୁ ୧ ଲକ୍ଷ କୋଟି ଟଙ୍କାର ଦୁର୍ନୀତି ହେଉଛି । ପଂଚାୟତରୁ ନେଇ ସଚିବାଳୟ ପର୍ଯ୍ୟନ୍ତ ସବୁଠାରେ ୫୦ ପ୍ରତିଶତ କମିଶନରେ ଦୁର୍ନୀତି ଚାଲିଛି । କେନ୍ଦ୍ର ସରକାରଙ୍କ ଅର୍ଥ କମିଶନ ପ୍ରତି ପଂଚାୟତକୁ ବାର୍ଷିକ ୫୦ ଲକ୍ଷ ଟଙ୍କା ଦେଉଥିଲା ବେଳେ ଏହି ଅର୍ଥକୁ ବିଜେଡି ସରକାର ଲୁଟ୍ କରୁଛି । ଏବେ 'ଆମ ଓଡିଶା ନବୀନ ଓଡିଶା' ନାଁରେ ଆଉ ଏକ ଦୁର୍ନୀତିର ପେଡି ଖୋଲି ବିଜୁ ଜନତା ଦଳର କର୍ମୀ ମାନଙ୍କୁ ନିର୍ବାଚନୀ ଖର୍ଚ୍ଚ ଦେବାର ମସୁଧା କରାଯାଇଛି । ଓଡିଶା ସରକାରଙ୍କ ସମସ୍ତ ସ୍କିମ୍ ଆଜି ସ୍କାମରେ ପରିଣତ ହୋଇଛି । ଏନେଇ ଭାରତୀୟ ଜନତା ପାର୍ଟି ଆଜି ଓଡିଶାରେ ଚାଲିଥିବା ଦୁର୍ନୀତି, ବ୍ୟଭିଚାର ଓ ଅଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ବିରୋଧରେ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ କାର୍ଯ୍ୟାଳୟ ଆଗରେ ଘେରାଓ କରିଛି। ଏହି ଘେରାଓ କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଯୋଗ ଦେଇ କହିଛନ୍ତି ଯେ, ଖଇରା ବ୍ଲକ ଅନ୍ତର୍ଗତ 'କୁପାରୀ ଶାରୀଶୁଆ' ପାହାଡ ସମେତ ପାଖାପାଖି ଅଂଚଳରୁ ବେଆଇନ ଭାବେ ମାଙ୍କଡା ପଥର ଏବଂ ମୋରମ ଖନନ କରି ଖଣି ମାଫିଆମାନେ ହଜାର ହଜାର ଟ୍ରିପ ଚୋରା ଚାଲାଣ କରୁଛନ୍ତି। ବ୍ୟକ୍ତିଗତ ଓ ଦଳୀୟ ସ୍ୱାର୍ଥ ଚରିତାର୍ଥ କରିବା ପାଇଁ ଶାସକ ବିଜେଡିର ବିଧାୟକ ଓ ନେତାମାନେ ମନଇଚ୍ଛା 'ବିଡିଓ'ଙ୍କୁ ବଦଳି କରାଉଥିବାରୁ ବ୍ଲକରେ ଉନ୍ନତୀମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଏଠାକାର ବିଭିନ୍ନ ପଂଚାୟତରେ ରାସନ ହିତାଧିକାରୀମାନେ ମାସ ମାସ ଧରି ରାସନ ସାମଗ୍ରୀ ପାଇବାରୁ ବଂଚିତ ହେଉଛନ୍ତି। ଓଡିଶାରେ ଚାଲିଥିବା ଗଣତନ୍ତ୍ରର ହତ୍ୟାର ମୁଖ୍ୟମନ୍ତ୍ରୀ ହେଉଛନ୍ତି ମୁଖ୍ୟ ଅପରାଧୀ । ମୁଖ୍ୟମନ୍ତ୍ରୀ ନିଜେ ଓଡ଼ିଶାରେ ହେଉଥିବା ଦୁନିର୍ତୀ, ଅରାଜକତାର ନିର୍ଦ୍ଦେଶକ, ପ୍ରଯୋଜକ ଓ ଦର୍ଶକ ବୋଲି ଶ୍ରୀ ସାମଲ କହିଛନ୍ତି । ଏହି ଆନ୍ଦୋଳନରେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ, ରାଜ୍ୟ ଉପସଭାପତି ବିରଚିଂନାରାୟଣ ତ୍ରିପାଠୀ, ରାଜ୍ୟ ସମ୍ପାଦକ ସରୋଜ କର, ଅଭିମନ୍ୟୁ ସେଠୀ, ରାଜ୍ୟ ମୁଖପାତ୍ର ଠାକୁର ରଞ୍ଜିତ ଦାସ, ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁଙ୍କ ସମେତ ସ୍ଥାନୀୟ ସରପଂଚ ଏବଂ ବହୁ ସଂଖ୍ୟାରେ କାର୍ଯ୍ୟକର୍ତା ଓ ସାଧାରଣ ଜନତା ସାମିଲ ହୋଇଥିଲେ ।

## ଡିସେମ୍ବର ୧ରେ ଭୁବନେଶ୍ୱରରୁ ଶ୍ରୀକ୍ଷେତ୍ରକୁ କଂଗ୍ରେସର ତୁଳସୀ ଯାତ୍ରା

ଭୁବନେଶ୍ୱର, ୨୯/୧୧ (ନି.ପ୍ର): ପୁରୀ ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲିବା, ରତ୍ନ ଭଣ୍ଡାରର ରତ୍ନର ଗଣତି, ମଣତି ଓ ରତ୍ନ ଭଣ୍ଡାରର ମରାମତି, ବେଦାନ୍ତ ଅଧିକୃତ ଅମୃତମଣୋହୀ ଜମି ଓ ଚାଷୀଙ୍କ ଜମିକୁ ଫେରସ୍ତ କରିବା, ଭୂମିହୀନ ସେବାୟତଙ୍କୁ ଭୂମି ଦେବା ସମେତ ସମୁଦାୟ ୬ ଗୋଟି ଦାବିକୁ ନେଇ ପ୍ରଦେଶ କଂଗ୍ରେସ ପକ୍ଷରୁ ଆସନ୍ତା ଡିସେମ୍ବର ୧ ତାରିଖରେ ପୁଣି ଥରେ ତୁଳସୀ ଯାତ୍ରା ଅନୁଷ୍ଠିତ ହେବ। ମଙ୍ଗଳବାର ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ରଜନୀ ମହାନ୍ତି, ଭୁବନେଶ୍ୱର ଜିଲ୍ଲା ମୁଖ୍ୟ ମୁଖପାତ୍ର ଜୟଶ୍ରୀ ପାତ୍ର, ପିସିସି ସାଧାରଣ ଚିନ୍ମୟ ସୁନ୍ଦର ଦାସ, ଭୁବନେଶ୍ୱର ବ୍ଲକ କଂଗ୍ରେସ ସଭାପତି ଅଶୋକ ଦାସ ଆସନ୍ତା ଡିସେମ୍ବର ୧ ତାରିଖ ଦିନ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଶ୍ରୀକ୍ଷେତ୍ରକୁ ତୁଳସୀ ଯାତ୍ରା କରାଯିବ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ବିଶ୍ୱଜିତ ଦାଶଙ୍କ ତତ୍ୱାବଧାନରେ ଭୁବନେଶ୍ୱରର ସମସ୍ତ ୱାର୍ଡରୁ ଆରମ୍ଭ କରି ପଂଚାୟତ, ଛକ ବଜାରର ସାଧାରଣ ଜନତା, ଜଗନ୍ନାଥ ପ୍ରେମୀ, ଭକ୍ତ, ଶ୍ରଦ୍ଧାଳୁ, ଛାତ୍ରଛାତ୍ରୀ, ମା ମାଉସୀ, ଭାଇ ଭଉଣୀଙ୍କ ଠାରୁ ତୁଳସୀ ସଂଗ୍ରହ ଜାରି ରହିଛି। ତୁଳସୀ ସଂଗ୍ରହରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସର କର୍ମକର୍ତା, ୱାର୍ଡ ସଭାପତି, ବ୍ଲକ ସଭାପତି ସମସ୍ତେ ସହଯୋଗ କରୁଛନ୍ତି। ଆସନ୍ତା ୧ ତାରିଖ ଦିନ ସଂଗ୍ରହ କରାଯାଇଥିବା ତୁଳସୀ ଓ ସଜ ତୁଳସୀ ଧରି ପିସିସି ସଭାପତିଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଭୁବନେଶ୍ୱରରୁ ଶ୍ରୀକ୍ଷେତ୍ର ଅଭିମୁଖେ ତୁଳସୀ ଯାତ୍ରା କରାଯିବ।

# ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ଗୁରୁବାର, ନଭେମ୍ବର ୩୦, ୨୦୨୩


## ପ୍ରେମ ଏମିତି ହୁଏ



ଦେବାପରେ ଲାଗୁଥିଲା କାଉ ତାକୁ ଧନ୍ୟବାଦ ଜଣାଇବା ପାଇଁ କିଛି ଗିଫ୍ଟ ଦେବା ଆରମ୍ଭ କରିଛି। ଏହିସବୁ ଗିଫ୍ଟ ମଧ୍ୟରେ ରହିଥିଲା ବଟନ, ମେଟାଲ,

କାହାପ୍ରତି ଯଦି ପ୍ରେମଭାବ ଜାଗ୍ରତ ହୁଏ ତ ତାକୁ ଆପଣ କିଛି ଗିଫ୍ଟ ଦେବା ସ୍ୱାଭାବିକ କଥା। ହେଲେ ଏମିତି ଏକ କାଉର ଫ୍ରେଣ୍ଡସିପ୍ ହୋଇଯାଇଛି ୮ ବର୍ଷର ଝିଅଟି ସହିତ। ଖାଲି ଫ୍ରେଣ୍ଡସିପ ନୁହେଁ କାଉଟି ମଧ୍ୟ ଝିଅଟିକୁ ଗିଫ୍ଟ ଦେବା ଆରମ୍ଭ କରିଛି। ପ୍ରକୃତ କଥା ହେଲା ଗେବି ନାମକ ଏହି ଝିଅଟି ଯେତେବେଳେ ୪ବର୍ଷର ଥିଲା ତ ପ୍ରତିଦିନ ନିଜେ ଖାଇବା ପୂର୍ବରୁ ଏହି କାଉକୁ କିଛି ନା କିଛି ଖାଇବାକୁ ଦେଇ ଆସୁଥିଲା। ଝିଅଟି ଖାଇବାକୁ ଇୟରରିଙ୍ଗ ପ୍ରଭୃତି। ତେବେ ଗେବିକୁ ମିଳୁଥିବା ଗିଫ୍ଟ ସେମିତି ଦାମିକା ନଥିଲେ ବି ସେ କିନ୍ତୁ ସେଗୁଡ଼ିକୁ ସ୍ନେହରେ ସହିତ ସାଇତି ରଖୁଥିଲା। ଭିନ୍ନ ଭିନ୍ନ ପ୍ଲାଷ୍ଟିକ ଖୋଳରେ। ଏହିସବୁ ଗିଫ୍ଟ ଗେବି ପାଇଁ ଥିଲା ଅମୂଲ୍ୟ। ହେଲେ ସେହି ଗିଫ୍ଟ ମଧ୍ୟରୁ ଗେବକୁ ସବୁଠାରୁ ବେଶୀ ପସନ୍ଦ ଆସିଛି ହୃଦୟ ଭଳି ଦେଖାଯାଉଥିବା ରଙ୍ଗୀନ ମୋତି। ସେ କହେ, କାଉଟି ତାକୁ ଭଲ ପାଇଥିବାର ସନ୍ତକ ହେଉଛି ଏହି ହୃଦୟ ଆକାରର ମୋତି।

## ଓଲଟା ଚାଲୁଥିବା ମଣିଷ

ବିଶ୍ୱରେ କିମ୍ଭୁତ କିମ୍ଭାକାର କାହାଣୀସବୁ ଶୁଣିବାକୁ ମିଳେ। ହେଲେ ତାମିଲନାଡୁର ତିରୁପୁରରେ ରହୁଥିବା ମଣିଷମାନଙ୍କ କାହାଣୀ ସମସ୍ତଙ୍କଠୁ ନିଆରା। ସେ ଓଲଟା ଚାଲନ୍ତି। ଭାବୁଛନ୍ତି କି ତଳକୁ ହାତ କରି ଉପରକୁ ଗୋଡ଼ ଟେକି ଚାଲୁଛନ୍ତି ବୋଲି। କଥାଟା କିନ୍ତୁ ସେଇଆ ନୁହେଁ ସେ ପଛକୁ ହିଁ ଚାଲୁଛନ୍ତି। ୧୯୮୯ରୁ ସାରା ଦେଶରେ ଘଟିଚାଲୁଥିବା ଆତଙ୍କବାଦୀ ଆକ୍ରମଣ ଘଟଣାର ସେ ମର୍ମାହତ ହୋଇ ବିଶ୍ୱ ଶାନ୍ତି ଲାଗି ପ୍ରଥମଥର ପାଇଁ ଏମିତି ଏକ କାର୍ଯ୍ୟ କରି ଆସୁଛନ୍ତି। ତାଙ୍କର ଏଭଳି ଏକ ବିରୋଧକୁ ୨୬ବର୍ଷ ପୂରିଗଲାଣି। ସେ ରାସ୍ତା ପାର ହୁଅନ୍ତୁ କି ସିଡ଼ି ଚଢ଼ନ୍ତୁ କିମ୍ବା ଯେକୌଣସି କାର୍ଯ୍ୟ କଲାବେଳେ ଓଲଟା ହିଁ ଚାଲୁଛନ୍ତି। ଯେମିତି ସିଧା ଚାଲିବାକୁ ସେ ଭୁଲିଯାଇଚନ୍ତି। ଓଲଟା ଚାଲିବାକୁ ତାଙ୍କୁ ସେମିତି କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁନି। ତାଙ୍କର ଏଭଳି କାରନାମା ବିଷୟରେ ମଧ୍ୟ ସେ ଆଖପାଖ ଗ୍ରାମରେ ଲୋକମାନେ ଜାଣିଗଲେଣି।



## ସଞ୍ଚୟରେ ଆଗୁଆ ଦେଶ



ସଞ୍ଚୟ କରିବାକୁ ଭଲ ଅଭ୍ୟାସ ବୋଲି କୁହାଯାଏ। ଭବିଷ୍ୟତ ଉଜ୍ଜ୍ୱଳମୟ କରିବାକୁ ସଞ୍ଚୟ ଆବଶ୍ୟକୀୟ ହୋଇଥାଏ। କେତେକ ଦେଶର ସଞ୍ଚୟ ଅନ୍ୟ ଦେଶଙ୍କ ତୁଳନାରେ ଅଧିକ ରହିଛି। ସବୁଠୁ ଅଧିକ ସଞ୍ଚୟ କରୁଥିବା ଦେଶର ଜିଡ଼ିପି ମଧ୍ୟ ଅଧିକ ହୋଇଥାଏ। ଇନଭେଷ୍ଟାପିଡ଼ିଆ ୱେବସାଇଟ ଗତ ୫ବର୍ଷର (୨୦୧୦-୨୦୧୪) ତଥ୍ୟ ରହିଛି। ଏହି ତାଲିକାରେ ସବୁଠୁ ଆଗରେ ରହିଛି କତାର। ଏହାର ଜାତୀୟ ସଞ୍ଚୟ ହାର ୫୭.୬୩ ପ୍ରତିଶତ। ୨୦୧୦ର କାତାର ତାଲିକାରେ ସପ୍ତମ ସ୍ଥାନରେ ଥିଲା। କିନ୍ତୁ ବର୍ଷକ ପରେ ଏହା ପ୍ରଥମ ସ୍ଥାନକୁ ଚାଲିଆସିଥିଲା। କତାର ନିକଟରେ ପୁରା ବିଶ୍ୱର ୧୩ ପ୍ରତିଶତ ପ୍ରାକୃତିକ ଗ୍ୟାସ ରହିଛି। ଦ୍ୱିତୀୟ ସ୍ଥାନରେ ଅଶୋଧିତ ତୈଳ ଉପରେ ନିର୍ଭର କରୁଥିବା କୁଏତ ରହିଛି। ପାଞ୍ଚବର୍ଷରେ ଏହାର ହାରାହାରି ସଞ୍ଚୟ ୫୫.୦୫ ପ୍ରତିଶତ। କୁଏତ ପାଖରେ ବିଶ୍ୱର ୬ ପ୍ରତିଶତ ଅଶୋଧିତ ତୈଳ ରହିଛି। ଏହି ଦେଶରେ କାମ କରୁଥିବା ୬୦ ପ୍ରତିଶତ ଲୋକ ପ୍ରବାସୀ। ଆଫ୍ରିକୀୟ ଦେଶ ଆଲଜେରିଆ ତୃତୀୟ ସ୍ଥାନରେ ରହିଛି। ଏହାର ସଞ୍ଚୟ ହାର ୫୪.୩୧ ପ୍ରତିଶତ। ହାଇଡ୍ରୋକାର୍ବନ ରପ୍ତାନୀରେ ପୂରା ଦୁନିଆରେ ଆଲଜେରିଆ ସବୁଠୁ ଆଗରେ ରହିଛି। ଆଫ୍ରିକାର ସବୁଠୁ ଛୋଟ ଦେଶ ଇକ୍ୱାଟୋରିଆଲ ଗିନି ସଞ୍ଚୟ ତାଲିକାରେ ଚତୁର୍ଥ ସ୍ଥାନରେ ରହିଛି। ଏଠାରେ ହାରାହାରି ସଞ୍ଚୟ ୫୨.୨ପ୍ରତିଶତ। ଏସିଆର ପାୱାର ହାଉସ



ଚୀନର ଅର୍ଥନୀତି ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ଅଛି। କିନ୍ତୁ ସଞ୍ଚୟର ଏହି ଦେଶ ପଞ୍ଚମ ସ୍ଥାନରେ ରହିଛି। ଟ୍ରିଲିୟନ ଡଲାର ଇକୋନମିକ ଭାବେ ପରିଚିତ ଏହି ଦେଶର ସଞ୍ଚୟ ହାର ୫୦.୩୫ ରହିଛି। ତାଲିକାରେ ଷଷ୍ଠ ସ୍ଥାନରେ ଥିବା ଆରବ ଦେଶ ଇରାନରେ ୨୦୧୪ରେ ସଞ୍ଚୟ ହାର ଜିଡ଼ିପିର ୪୯.୬୧ ପ୍ରତିଶତ ଥିଲା। ସଞ୍ଚୟ ମାମଲାରେ ସିଙ୍ଗାପୁର ସପ୍ତମ ସ୍ଥାନରେ ରହିଛି। ଏହାର ଜାତୀୟ ସଞ୍ଚୟ ହାର ୪୮.୭୪ ପ୍ରତିଶତ। ଆପେକର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ସାଉଦି ଆରବ ସଞ୍ଚୟ ମାମଲାରେ ୮ମ ସ୍ଥାନରେ ରହିଛି। ୪୩.୩୯ ପ୍ରତିଶତ ସଞ୍ଚୟ ହାର ସହ ଆଜରବାଇଜାନ ୯ମ ସ୍ଥାନରେ ରହିଛି। ଆଫ୍ରିକୀୟ ଦେଶ ଗାବନ ୪୧.୨୩ ପ୍ରତିଶତ ସଞ୍ଚୟ ସହିତ ୧୦ମ ସ୍ଥାନରେ ରହିଛି।

## ଭଲ କଲେ ଭଲ ଫଳ ମିଳେ



ସ୍କୁଲ ଦରମା ଭରିବା ପାଇଁ ଜଣେ ପୁଅ ଘରଘର ବୁଲି କିଛି ଜିନିଷ ବିକ୍ରି କରୁଥିଲା। ଦିନେ ତାର କୌଣସି ଜିନିଷ ବିକ୍ରି ହେଲା ନାହିଁ। ତାକୁ ଖୁବ ଜୋରରେ ଭୋକ ବି ଲାଗୁଥିଲା। ସେ ଚିନ୍ତାକଲା ଏଥର ଯାହା ଘରକୁ ଯିବ, ତାକୁ ଖାଦ୍ୟ ମାଗିବ। ପ୍ରଥମେ କବାଟ ବାଡ଼େଇବାରୁ ଗୋଟିଏ ଝିଅ କବାଟ ଖୋଲିଲା। ତାକୁ ଦେଖି ହଡ଼ବଡ଼େଇଗଲା ଓ ଖାଇବା ବଦଳରେ ପାଣି ଗ୍ଲାସ ମାଗିଲା। ଝିଅଟି ବୁଝିଗଲା ଯେ ପିଲା ଭୋକିଲା ଅଛି, ତେଣୁ ସେ ଗୋଟିଏ ବଡ଼ ଗ୍ଲାସରେ କ୍ଷୀର ଆରି ଦେଲା। ପୁଅଟି ଧୀରେ ଧୀରେ କ୍ଷୀର ପିଇଦେଲା ଓ ପଚାରିଲା କେତେଟଙ୍କା ଦେବି? ଝିଅ କହିଲା ଟଙ୍କା କଣ ପାଇଁ ? ମା ମୋତେ ଶିଖାଇଛି, ଯେବେ ବି କୌଣସି ପ୍ରକାର ସାହାଯ୍ୟ ବଦଳରେ ପଇସା ନେବା ଉଚିତ ନୁହେଁ। ପୁଅ କହିଲା ମୁଁ ଆପଣଙ୍କୁ ହୃଦୟର ସହ ଧନ୍ୟବାଦ ଜଣାଉଛି। ସେ ଘରୁ ଫେରିବା ପରେ ପୁଅକୁ ଶାରୀରିକ ଶକ୍ତି ମିଳିଗଲା, ତା ସହିତ ଭଗବାନ ଓ ମଣିଷ ଉପରେ ଭରସା ବି ବଢ଼ିଯାଇଥିଲା। ବହୁ ବର୍ଷପରେ ସେଇ ଝିଅଟି ଗମ୍ଭୀର ହୋଇ ରୋଗରେ ପଡ଼ିଲା। ସ୍ଥାନୀୟ ଡାକ୍ତର ତାକୁ ସହରର ବଡ଼ ଡାକ୍ତରଖାନାକୁ ପଠାଇଦେଲ। ବିଶେଷଜ୍ଞ ଡାକ୍ତର ହୋୱାର୍ଡ଼ କେଲୀଙ୍କୁ ରୋଗୀ ଦେଖିବା ପାଇଁ ଡକାଗଲା। ଝିଅର ଘର ଠିକଣା ଶୁଣିବା ମାତ୍ରେ ତାଙ୍କ ଆଖିରେ ଚମକ ଆସିଲା। ସେ ସିଟରୁ ଉଠି ଝିଅ ଶୋଇବା କକ୍ଷକୁ ଗଲେ। ଝିଅକୁ ଦେଖି ସେ ସଙ୍ଗେ ସଙ୍ଗେ ଚିହ୍ନିଗଲେ ଏବଂ ନିଷ୍ପତ୍ତି ନେଲେ, ତାକୁ ଭଲ କରିବା ପାଇଁ ସବୁ କିଛି କରିବେ। ଶେଷରେ ତାଙ୍କ ପରିଶ୍ରମ ସାଧକ ହେଲା ଓ ଝିଅର ଜୀବନ ବଞ୍ଚିଗଲା। ହୋୱାର୍ଡ଼ ଡାକ୍ତରଖାନାରେ ଅଫିସକୁ ଯାଇ ଝିଅର ଚିକିତ୍ସା ଖର୍ଚ୍ଚ ଲେଖାଥିବା ବିଲ୍ ନେଲେ। ବିଲର ଗୋଟିଏ କୋଣରେ କିଛି ଲେଖି ତାକୁ ଝିଅ ପାଖକୁ ପଠାଇଦେଲେ। ଝିଅ ବିଲ କାଗଜ ଦେଖି ଡରିଗଲେ। ସେ ଜାଣିଥିଲା, ରୋଗର ତ ବଞ୍ଚିଗଲା, କିନ୍ତୁ ଚିକିତ୍ସା ଖର୍ଚ୍ଚ ନିଶ୍ଚୟ ତା' ଜୀବନ ନେଇଯିବ। ତଥାପି ଧୀରେ ଧୀରେ ବିଲ ଖୋଲିଲା। ଖର୍ଚ୍ଚ ଟଙ୍କା ଦେଖିଲା ଓ ତାପରେ ହଠାତ୍ ବିଲ କୋଣରେ ଥିବା ଲେଖା ଉପରକୁ ତା ଆଖି ଚାଲିଗଲା। ସେଥିରେ ଲେଖାଥିଲା ଗୋଟିଏ ଗ୍ଲାସ କ୍ଷୀର ଦ୍ୱାରା ଚିକିତ୍ସା ଅର୍ଥ ଭରଣା ହୋଇସାରିଛି। ତଳେ ଡାକ୍ତର ହୋୱାର୍ଡ଼ କେଲୀଙ୍କ ହସ୍ତାକ୍ଷର ଥିଲା। ଖୁସି ଓ ଆଶ୍ଚର୍ଯ୍ୟରେ ଝିଅ ଆଖିରେ ଲୁହ ଚାଲିଆସିଲା। ସେ ଉପରକୁ ଦୁଇ ହାତଟେକି କହିଲା 'ହେ ଭଗବାନ। ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ । ଆପଣଙ୍କ ଭଲ ପାଇବା ମଣିଷର ହୃଦୟ ଓ ହାତ ଦ୍ୱାରା କାହିଁ କେତେଆଡ଼େ ପ୍ରସାରିଯାଇଛି। କଥାର ସାର ଆପଣ ଯଦି ଅନ୍ୟର ଭଲ କରିବେ, ଆପଣଙ୍କର ବି ମଙ୍ଗଳ ହେବ।

## ଟିକେ ଧ୍ୟାନ ଦିଅନ୍ତୁ



ଆଜିକାଲିର ବ୍ୟସ୍ତବହୁଳ ଜୀବନ ଶୈଳୀ ଏବଂ ଖାଦ୍ୟ ପାନୀୟ ମଣିଷର ପ୍ରଭୁତ କ୍ଷତି କରଉଛି। ଏମିତିକି ମଣିଷକୁ ପୌରୁଷତ୍ୱ ହୀନ କରିଦେଉଛି। ହେଲେ ଏଥିରୁ ରକ୍ଷାପାଇବା ପାଇଁ ଏବେ ବଜାରରେ ମେଡ଼ିସିନ ଉପଲବ୍ଧ ସତ କିନ୍ତୁ ଏହା ସ୍ୱାସ୍ଥ୍ୟ ପ୍ରତି କେତେ ଯେ ହାନୀକାରକ ତାହା ବ୍ୟବହାର କରୁଥିବା ବ୍ୟକ୍ତି ହିଁ ଜାଣେ। ହେଲେ ଆଜି ଆସନ୍ତୁ ଜାଣିବା ଏମିତି କିଛି ଖାଦ୍ୟ ବିଷୟରେ ଯାହାକୁ ଖାଇଲେ ଆପଣଙ୍କର ପୌରୁଷତ୍ୱ ସଦାବେଳେ ସହିସଲାମତ ରହିବ।

ପୌରୁଷତ୍ୱ ବଢ଼ାଇବା ପାଇଁ ସାମୁଦ୍ରିକ ଖାଦ୍ୟ ବ୍ୟତୀତ ଡ୍ରାଇ ଫୁଡ୍ସ ଏବଂ ଗଜା ଜାତୀୟ ପଦାର୍ଥ ନିଶ୍ଚିତ ଭଲ। ଏତଦବ୍ୟତୀତ ବିଶେଷଜ୍ଞଙ୍କ ମତରେ ସପ୍ତାହରେ ଥରେ ରେଡ଼ ମିଟ୍ ଏବଂ ୱାଇନର ଏକ ଛୋଟିଆ ଗ୍ଲାସ ବି ନେଇପାରନ୍ତି। ଯାହା ଆପଣଙ୍କ ପୌରୁଷତ୍ୱକୁ ଠିକ୍ ରଖିଥାଏ। କମି କମି ଯାଉଥିବା କାମଶକ୍ତି, ଇରେକ୍ଟାଇଲ ଡିସଫଙ୍କସନ ଭଳି ପୌରୁଷ ସମ୍ବନ୍ଧୀୟ ସମସ୍ୟା ଗୁଡ଼ିକରୁ ରକ୍ଷା ପାଇବାକୁ ଚାହୁଁଥିଲେ ଡାଏଟରେ କିଛିଟା ପରିବର୍ତ୍ତନ ନିଶ୍ଚିତ କରନ୍ତୁ। ଆପଣ ସି-ଫୁଡ଼ ନିଶ୍ଚିତ ଖାଆନ୍ତି, ଏଥିରୁ ଲାଭ ମିଳିବ। ସି ଫୁଡ଼୍ ଖାଇବା ଦ୍ୱାରା ରକ୍ତ ସଂଚାଳନ ଠିକ୍ ରହିଥାଏ



ଏବଂ ଶରୀରର ନିମ୍ନଭାଗରେ ରକ୍ତ ସଂଚାଳନ ତୀବ୍ର ହୋଇଥାଏ। ଏହାଦ୍ୱାରା ପୌରୁଷ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ମିଳିଥାଏ। ଡେଲିମେଲ ମୁତାବକ ଗ୍ରୀନ କାର୍ଡ଼ିଓଲୋଜିଷ୍ଟ ଏଥାନାସିଓସ ଆଞ୍ଜେଲିସ ତାଙ୍କ ଅଧ୍ୟୟନ ଆଧାରରେ ଏହା ଦାବି କରିଛନ୍ତି। ତାଙ୍କ ଅନୁସାରେ ମାଛ, ସାଲାଡ଼୍, ଅଲିଭ ଅଏଲରେ ପ୍ରସ୍ତୁତ ଖାଦ୍ୟ ପଦାର୍ଥ ଏବଂ ଏକଗ୍ଲାସ ୱାଇନ ପୌରୁଷତ୍ୱ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି। ଭାଏଗ୍ରାର ବିକଳ୍ପ ଭାବେ ସମୁଦ୍ର ମାଛ ସେବନକୁ ନିଆଯାଇପାରେ। ଡାକ୍ତର ଆଞ୍ଜେଲିସ ତାଙ୍କ ଅଧ୍ୟୟନରେ ଏହାକୁ ପ୍ରକାଶ କରିଛନ୍ତି।

## ମୋଟିମାନଙ୍କୁ ଚାକିରି

ଜାପାନର ରାଜଧାନୀ ଟୋକିଓରେ ନିକଟରେ ଗୋଟିଏ ରେସ୍ତୋରାଁ ଆରମ୍ଭ ହୋଇଛି, ଯେଉଁଠି କେବଳ ମୋଟି ଝିଅଙ୍କୁ ଚାକିରି ଦିଆଯାଉଛି। ଏମାନଙ୍କୁ ମାର୍ଶାମେଲୋ ଗାର୍ଲ କୁହାଯାଉଛି। ରେସ୍ତୋରାଁର ସଂସ୍ଥାପକ କୁହନ୍ତି, ଜାପାନର ଯୁବକଙ୍କ ମଧ୍ୟରେ ସେମାନଙ୍କ ଶରୀର ପ୍ରତି ସକାରାତ୍ମକ ଚିନ୍ତାଧାରା ଆଣିବା ପାଇଁ ଏପରି କରାଯାଉଛି। ଲୋକମାନଙ୍କ ଧାରଣା ଯେ ପତଳା ହେବା ଭଲ ଓ ମୋଟା ଲୋକ ଅସୁନ୍ଦର ଲାଗନ୍ତି। ଲୋକମାନଙ୍କ ଏପରି ଚିନ୍ତାଧାରା ବଦଳାଇବା ଆମର ଲକ୍ଷ୍ୟ ବୋଲି ରେସ୍ତୋରାଁର ସଂସ୍ଥାପକ କହିଛନ୍ତି। କେବଳ ମୋଟି ଝିଅମାନଙ୍କୁ ଚାକିରି ଦେଉଥିବା ଜାପାନର ଏହା ଏକମାତ୍ର ରେସ୍ତୋରାଁ। କିନ୍ତୁ ସେଠାରେ କୌଣସି ପ୍ରକାରର ଜଙ୍କଫୁଡ଼୍ ଦିଆଯାଏନି। ଏହି ନୂଆପ୍ରକାର ପ୍ରୟୋଗ ପାଇଁ ରେସ୍ତୋରାଁ ଖୁବ୍ କମ୍ ସମୟରେ ଖୁବ୍ ଲୋକପ୍ରିୟ ହୋଇଯାଇଛି। ଏଠି ଚାକିରି ପାଇଥିବା ଝିଅମାନେ ଓ ଗ୍ରାହକ ଏହାକୁ ନେଇ ଖୁସି ଅଛନ୍ତି।

## ପିମ୍ପଲେଶ୍ୱର ମହାଦେବ

ପିମ୍ପଲେଶ୍ୱର ମହାଦେବ ଏକ ଐତିହାସିକ ହିନ୍ଦୁ ମନ୍ଦିର। ଏଠାରେ ପ୍ରଭୁ ଶିବ ପୂଜା ପାଆନ୍ତି। ଗୁଜରାଟର ମେହସାନା ଜିଲା ଅନ୍ତର୍ଗତ ସାଲଦି ଗ୍ରାମରେ ଏହା ଅବସ୍ଥିତ। ହିନ୍ଦୁ ଧର୍ମରେ ଶିବଙ୍କୁ ମଧ୍ୟ ମହାଦେବ କୁହାଯାଏ। ସେ ସମସ୍ତ ଦେବତାଙ୍କ ଦେବତା। ପିମ୍ପଲେଶ୍ୱର ମନ୍ଦିର ଏହାର ବାର୍ଷିକ ପାରମ୍ପରିକ ଆନନ୍ଦୋତ୍ସବ 'ସାଲାଦିନୋ ମେଲୋ' ପାଇଁ ଏହି ପୀଠ ପ୍ରସିଦ୍ଧ। ଶ୍ରାବଣ ମାସର ଶେଷ ସୋମବାରରେ ଏଠାରେ ଏହି ଉତ୍ସବ ଧୁମ୍‌ଧାମ୍‌ରେ ପାଳିତ ହୁଏ। ଅଧିକାଂଶ ଶୈବପୀଠରେ ଶିବଙ୍କ ପବିତ୍ର ପ୍ରତୀକ କୁହାଯାଉଥିବା ଲିଙ୍ଗ ଥାଏ। କିନ୍ତୁ ପିମ୍ପଲେଶ୍ୱର ମହାଦେବ ମନ୍ଦିରର ଜଳାଧାରୀ ଲିଙ୍ଗ ରହିଛି, ଯାହାକି ସମ୍ପୂର୍ଣ୍ଣ ଭିନ୍ନ।




ଏହା ଏକ ପ୍ରାକୃତିକ ଜଳପ୍ରପାତ ସଦୃଶ। ଏହାକୁ ଏଠାରେ ପୂଜା କରାଯାଏ। ଅହମ୍ମଦାବାଦରୁ ଉତ୍ତରପଶ୍ଚିମକୁ ୬୦ କି.ମି. ଯାତ୍ରା କଲେ ଏହି ପବିତ୍ର ଶୈବପୀଠ ପଡିବ। ଏଠାକୁ ଗମନାଗମନର ସୁବ୍ୟବସ୍ଥା ରହିଛି। କାର୍, ବସ୍‌ରେ ଯାତ୍ରା କରିପାରିବେ। ୫୦ ଏକର ପରିବ୍ୟାପ୍ତ ଜମିରେ ମନ୍ଦିର ପରିସର ଅବସ୍ଥିତ। ଏଠାଂରେ ଉମିୟା, ଆମ୍ବା, ଲକ୍ଷ୍ମୀ ମାତା ଓ ନାଗ ଦେବତା ଅବସ୍ଥିତ। ଏହି ମନ୍ଦିରରେ ଗଣେଶ, ପାର୍ବତୀ ଓ ହନୁମାନଙ୍କ ବିଗ୍ରହ ରହିଛି। ଏଠାରେ ନିତିପୂଜା, ପାରମ୍ପରିକ ରୀତିନୀତି, ଧୁନ୍, ଧ୍ୟାନ ଓ ଆରତି ହୁଏ। ଆଖପାଖ ଗ୍ରାମର ଲୋକେ ନିୟମିତ କ୍ଷୀର, ଧୂପ, ଦ୍ୱୀପ ଏବଂ ଜଳ ନେଇ ମହାଦେବଙ୍କ ଦର୍ଶନ ଲାଗି ଯାଆନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଖାଲି ପାଦରେ ପିମ୍ପଲେଶ୍ୱରଙ୍କ ପୀଠକୁ ଯାଆନ୍ତି। ସେଠାରେ ଥିବା ଡିମ୍ବିରି ଗଛ ଚାରିପଟେ ଭକ୍ତଗଣ ପ୍ରଦକ୍ଷିଣ କରନ୍ତି। ଏଠାକୁ କାନାଡ଼ା, ଇଂଲଣ୍ଡ ଓ ଆମେରିକା ଭଳି ଦେଶରୁ ପର୍ଯ୍ୟଟକ ଆସନ୍ତି। ମହାଶିବରାତ୍ରୀ ଏଠାରେ ପାଳିତ ହୁଏ। ମହାଦେବଙ୍କୁ ବେଲପତ୍ର ଅର୍ପଣ ପରମ୍ପରା ଏଠାରେ ରହିଛି। ସ୍ଥାନୀୟ ବ୍ରାହ୍ମଣଙ୍କ ଜରିଆରେ ଭକ୍ତଗଣ ୧୦୮, ୧୦୦୮ ବେଲପତ୍ର ଚଢ଼ାନ୍ତି। ସେହିପରି ମୁଣ୍ଡନ ବା ଚଢ଼ାକର୍ମ ପ୍ରଥା ମଧ୍ୟ ଏଠାରେ ରହିଛି, ଯେଉଁଥିରେ ଶିଶୁଙ୍କୁ ପ୍ରଥମ କରି ଲଣ୍ଡା କରାଯାଏ।

## ଭାସମାନ ବୋନସାଇ

ବୋନସାଇ କଳାକୁ ଏକ ଭିନ୍ନ ସ୍ତରରେ ପହଞ୍ଚାଇଛି, ହୋସିନସୁ ନାମକ କାପନିକ୍ କଂପାନି। କଂପାନିର ବିଶେଷଜ୍ଞମାନେ ଏଭଳି କିଛି ବୋନସାଇ ବୃକ୍ଷ ବିକଶିତ କରିବାରେ ସଫଳ ହୋଇଛନ୍ତି। ଯେଉଁଗୁଡ଼ିକ କାରିଗରୀ କୌଶଳ ବଳରେ କୁଣ୍ଡ ଠାରୁ ପ୍ରାୟ ଅଧ ଇଞ୍ଚ ଉପରେ ଶୂନ୍ୟରେ ଭାସମାନ ଅବସ୍ଥାରେ ରହିପାରୁଛନ୍ତି ଏବଂ ଘୁରୁଛନ୍ତି ମଧ୍ୟ। ପାରମ୍ପରିକ ଚୁମ୍ବକୀୟ ଶକ୍ତିର ବ୍ୟବହାର ଦ୍ୱାରା ଏହା ସଂଭବ ହୋଇଥିବା ପ୍ରକାଶ। ବ୍ୟବସାୟିକ ଉତ୍ପାଦନ ଆସନ୍ତା ମାସ ସୁଦ୍ଧା ଆରମ୍ଭ ହେବ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଜୀବନ ଓ ସଂଘର୍ଷ...

ଉତ୍ତରକାଶୀର ସିଲ୍ୟାରା-ବାରକୋଟ୍ ସୁଡ଼ଙ୍ଗରେ ଫସି ରହିଥିବା ୪୧ ଜଣ ନିର୍ମାଣ ଶ୍ରମିକଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିବାର ଉଦ୍ୟମ ଦୁଇ ସପ୍ତାହରୁ ଅଧିକ ସମୟ ଧରି ଜାରି ରହିଛି। ୧୪୧ କୋଟି ଭାରତୀୟ ଉଣ୍ଠିତ ଭାବରେ ଚାହିଁ ରହିଛନ୍ତି ସେମାନଙ୍କ ପ୍ରତ୍ୟାବର୍ତ୍ତନକୁ। ପ୍ରତ୍ୟେକ ଦିନର ସକାଳ ହେବା ମାତ୍ରେ ଏହି ଆଲୋଚନା ପ୍ରତ୍ୟେକଙ୍କ ତୁଣ୍ଡରେ। ଏକ ମହତ୍ତ୍ୱାକାଂକ୍ଷୀ ସଡ଼କ ସମ୍ପ୍ରସାରଣ ପ୍ରକଳ୍ପର ଏକ ଅଂଶ ଭାବରେ ନିର୍ମାଣ ହେଉଥିଲା ଏଇ ସୁଡ଼ଙ୍ଗ । ଏବେ ଭୂଲମ୍ବ ଭାବରେ ଗାତ ଖୋଳି ସେମାନଙ୍କୁ ବାହାର କରିବା ନିମନ୍ତେ ଜୋରସୋରରେ ଚେଷ୍ଟା ଜାରି ରହିଛି। ତେବେ ଏ କ୍ଷେତ୍ରରେ ମଧ୍ୟ ଉଦ୍ଧାରକାରୀ ଦଳଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ପରିସ୍ଥିତିର ଗମ୍ଭୀରତା ଅନେକଙ୍କୁ ଜଣା ନାହିଁ କି ଜଣା ପଡ଼ିବା ମଧ୍ୟ ସହଜ ନୁହେଁ, କାରଣ ସବୁ ବ୍ୟକ୍ତିଙ୍କର ଏହି କାର୍ଯ୍ୟ କ୍ଷେତ୍ରର ପରିସର ସମ୍ପର୍କରେ ଜ୍ଞାନ ରହିବା ସମ୍ଭବପର ନୁହେଁ । ତେବେ ପ୍ରଶ୍ନ ଉଠେ, ଯେତେବେଳେ କର୍ତ୍ତୃପକ୍ଷମାନେ ଖବର ପାଇବା ପରେ ପରେ ସେମାନେ ନିଜେ ନିଜେ ପରିସ୍ଥିତିର ମୁକାବିଲା କରିବା ସମ୍ଭବପର ନୁହେଁ ବୋଲି ଜାଣିଲେ ବା ଆନ୍ତର୍ଜାତିକ ସ୍ତରର ବିଶେଷଜ୍ଞମାନଙ୍କୁ ଡାକି ପାରିଲେ ନାହିଁ, ସେତେବେଳେ ସେମାନଙ୍କୁ କେଉଁ କଥା ଏକା ସାଙ୍ଗରେ ବିକଳ୍ପ ଭାବରେ ଚିନ୍ତା କରିବାରୁ ରୋକିଲା, ଯାହା ଭିତରୁ ବର୍ତ୍ତମାନ ସେମାନେ ଗୋଟିଏରେ ବିଫଳ ହେବା ପରେ ଆଉ ଗୋଟିଏକୁ କାମରେ ଲଗାଇବାର ଉଦ୍ୟମ କରୁଛନ୍ତି ? ସ୍ମରଣ ରହିବା ଉଚିତ ଯେ ଏ କାମ ଏଇଟା ନହେଲେ ସେଇଟା ଖେଳ ଖେଳିବାର କଥା ନୁହେଁ । ସିଲ୍ୟାରା ବୁଲାଣି ସୁଡ଼ଙ୍ଗ ହେଉଛି ଉତ୍ତରାଖଣ୍ଡରେ କାର୍ଯ୍ୟକାରୀ ହେଉଥିବା ଚାର୍ ଧାମ୍ ପରିଯୋଜନା (ପ୍ରକଳ୍ପ)ର ଏକ ଅଂଶ । ଏହାର ଉଦ୍ଦେଶ୍ୟ ହେଉଛି ଚାରିଗୋଟି ଧାର୍ମିକ ତୀର୍ଥସ୍ଥଳୀ- ଗଙ୍ଗୋତ୍ରୀ, ଯମୁନୋତ୍ରୀ, କେଦାରନାଥ ଏବଂ ବଦ୍ରିନାଥ ମଧ୍ୟରେ ସଂଯୋଗ ସ୍ଥାପନର ଉନ୍ନତି କରିବା। ବର୍ତ୍ତମାନ ସୁଡ଼ଙ୍ଗ ଭିତରେ ଫସି ରହିଥିବା ଶ୍ରମିକମାନେ ଏହି ଚାରି ଧାମକୁ ଯାତ୍ରା କରିବାର ସମୟର ଅବଧିକୁ ଘଣ୍ଟାଏ ହ୍ରାସ କରିବା ନିମନ୍ତେ ଜାତୀୟ ରାଜପଥ ୧୩୪ର ସମ୍ପ୍ରସାରଣ କାମ କରୁଥିଲେ ଯାହା ଉପରେ ଏହି ସୁଡ଼ଙ୍ଗଟି ନିର୍ମାଣ ହେଉଥିଲା । ତେବେ ଏହା ଭୁଶୁଡ଼ି ପଡ଼ିବା ଏବଂ ଶ୍ରମିକମାନଙ୍କୁ ଉଦ୍ଧାର କରିବାର କାର୍ଯ୍ୟକୁ ଶହ ଶହ ଘଣ୍ଟା ବିତି ଯାଇଥିଲେ ସୁଦ୍ଧା ଏହି କାର୍ଯ୍ୟ ଏକ ନିଷ୍ଫଳ ଉଦ୍ୟମ ସାବ୍ୟସ୍ତ ହେଉଛି । ଫସି ରହିଥିବା ଶ୍ରମିକମାନେ ଏବଂ ସେମାନଙ୍କର ପରିବାରବର୍ଗ ଅତ୍ୟଧିକ ମାନସିକ ଚାପ ମଧ୍ୟରେ ସମୟ ଅତିବାହିତ କରୁଛନ୍ତି; ପ୍ରତ୍ୟେକଟି ଦିନ ଅତିବାହିତ ହେବା ସହିତ ସେମାନଙ୍କ ଆଶା ଆଶଙ୍କାରେ ପରିବର୍ତ୍ତିତ ହେଉଛି । ଏସବୁ ଘଟଣାକୁ ଦେଖିବା ପରେ ବେଳେବେଳେ ତ ଏମିତି ବି ମନେ ହେଉଛି ଯେ ଏ ପ୍ରକଳ୍ପ ଆଦୌ ଆରମ୍ଭ କରାଯିବାର ହିଁ ନଥିଲା । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ପାଇଁ ୯୦୦ କିଲୋମିଟରର ସଡ଼କର ସମ୍ପ୍ରସାରଣ କରାଯିବା ଆବଶ୍ୟକ ଥିଲା, ଯାହା ମଧ୍ୟରେ ସୁଡ଼ଙ୍ଗ, କଲଭର୍ଟ, ବାଇ-ପାସ୍ ଏବଂ ପୋଲ ଇତ୍ୟାଦିର ମଧ୍ୟ ସମ୍ପ୍ରସାରଣ ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପକୁ ଦୀର୍ଘ ଦିନ ଧରି ସମାଲୋଚନା କରାଯିବାର କାରଣ, ଏହା ହିମାଳୟ ଅଞ୍ଚଳର ପର୍ବତମାଳା ଦେଇ ଗତି କରିବ ଯାହା ଭୂସ୍ଖଳନ ସହିତ ଅନ୍ୟାନ୍ୟ ବିପର୍ଯ୍ୟୟଗୁଡ଼ିକୁ ମଧ୍ୟ ଡାକି ଆଣିବାର ସମ୍ଭାବନା ରଖେ। ଶେଷରେ ଯେତେବେଳେ 'ଜାତୀୟ ସୁରକ୍ଷା' କାରଣରୁ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ଏହି ପ୍ରକଳ୍ପକୁ ଅନୁମୋଦନ ମିଳିଲା, ସରକାର ଚାର୍ ଧାମ୍ ପରିଯୋଜନାକୁ ଛୋଟ ଛୋଟ ସ୍ୱାଧୀନ ଉଦ୍ୟମରେ ବିଭକ୍ତ କରି କାମ ଆରମ୍ଭ କରିବାକୁ ସ୍ଥିର କଲେ ଯାହା ବ୍ୟାପକ ପାରିବେଶିକ ଆକଳନ (ଇଆଇଏ)କୁ ଏଡ଼ାଇ ଯିବା ପାଇଁ ସାଧାରଣତଃ ଗ୍ରହଣ କରାଯାଉ ନଥିବା ଏକ ପଦକ୍ଷେପ । ଆଉ ଏହାର ପରିଣତି ବର୍ତ୍ତମାନ ସର୍ବ ସମକ୍ଷରେ, କାରଣ ଏପରି କାର୍ଯ୍ୟରେ ସମ୍ପୃକ୍ତ ଦୁର୍ବଳ ପାରିବେଶିକ ବ୍ୟବସ୍ଥାଗୁଡ଼ିକରେ ଇଞ୍ଜିନିୟରିଂ ପ୍ରକଳ୍ପଗୁଡ଼ିକର ହାନିକାରକ ପ୍ରଭାବ ସମ୍ପର୍କରେ ଉପଯୁକ୍ତ ଭାବରେ ବିଚାର କରାଯାଇ ନଥିଲା। ଏହାର ଅର୍ଥ ନୁହେଁ ଯେ ହିମାଳୟ ଅଞ୍ଚଳରେ ହେଉଥିବା ସବୁ ଇଞ୍ଜିନିୟରିଂ ପ୍ରକଳ୍ପ ତ୍ରୁଟିଯୁକ୍ତ। କହିବାର କଥା ହେଉଛି, ପାରିବେଶିକ ସନ୍ତୁଳନକୁ ରକ୍ଷା କରାଯାଇ ନୂତନ ଅର୍ଥନୀତିକ ସୁଯୋଗଗୁଡ଼ିକ ସମ୍ପର୍କରେ ଆବଶ୍ୟକ ବିଚାର କରାଯିବା ପରେ ହିଁ ସେସବୁର କାର୍ଯ୍ୟକାରୀ କରାଯିବା ଉଚିତ। ମନେହୁଏ, ଉତ୍ତରାଖଣ୍ଡରେ ନିକଟ ଅତୀତରେ ଅବିଚାରିତ ପ୍ରକଳ୍ପଗୁଡ଼ିକ ଯୋଗୁଁ ଯେଉଁସବୁ ଦୁର୍ଘଟଣା ଓ ବିପର୍ଯ୍ୟୟମାନ ସଂଘଟିତ ହୋଇ ସାରିଛି, ତାହା ଯଥେଷ୍ଟ ପରିମାଣରେ ସଚେତନ କରାଇ ପାରିନାହିଁ ସରକାରଙ୍କୁ । ଏମିତି ନୁହେଁ ଯେ ଗୋଟିଏ ସୁଡ଼ଙ୍ଗ ଭୁଶୁଡ଼ି ପଡ଼ିବା ଯୋଗୁଁ ଏକ ବିଶାଳ ପ୍ରକଳ୍ପର କାମକୁ ବନ୍ଦ କରିଦେବା ଉଚିତ, ଯାହା ଅନେକ ସଂଖ୍ୟକ ଲୋକଙ୍କୁ ଉପକୃତ କରିବ। କିନ୍ତୁ ପରିବେଶ ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳରେ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ପୁଙ୍ଖାନୁପୁଙ୍ଖ ଆଲୋଚନା, ବିଶେଷଜ୍ଞତା ଓ ପ୍ରକଳ୍ପ ନିରୀକ୍ଷଣକାରୀ କୌଶଳ ସହିତ କରାଯିବା ଉଚିତ । ସିଲ୍‌କ୍ୟାରା ସୁଡ଼ଙ୍ଗ ଦୁର୍ଘଟଣା ସମସ୍ତଙ୍କ ଆଖି ଖୋଲିଦେବା ଆଶା କରାଯାଏ । ଯାହା ହେଉ ସର୍ବଶେଷ ସମ୍ବାଦ ଅନୁଯାୟୀ ଇଶ୍ୱରଙ୍କ କୃପା ଓ ମଣିଷର ସାହସିକ ବୁଦ୍ଧି ଓ ଅକ୍ଲାନ୍ତ ଉଦ୍ୟମ ଯୋଗୁଁ ସୁଡ଼ଙ୍ଗରେ ଫସି ରହିଥିବା ସମସ୍ତ ୪୧ ଜଣ ଶ୍ରମିକ ଉଦ୍ଧାର ପାଇଛନ୍ତି ।

# ନାରୀ ଏବେ ସବୁଠୁ ଆଗରେ



## ପ୍ରଣତି ଆଚାର୍ଯ୍ୟ ମିଶ୍ର

ଓଢଣା, ହିଜାବ, ପରଦା, ଯୌତୁକ, ତିନି ତଲାକ ଓ ଦୁଷ୍କର୍ମ ଘଟଣାଗୁଡ଼ିକ ଶୁଣି ନୈରାଶ ମନୋଭାବ ମଧ୍ୟରେ ଖୁସି ଖବର ହେଉଛି ଝିଅମାନେ ଶିକ୍ଷା କ୍ଷେତ୍ରରେ କ୍ରମାଗତ ଭାବେ ଆଗେଇ ଚାଲିଛନ୍ତି। ନିକଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଗତ ୫ ବର୍ଷ ମଧ୍ୟରେ ଦକ୍ଷିଣ ଭାରତରେ ଆଇଆଇଟିରେ ଝିଅଙ୍କ ସଂଖ୍ୟା ୧୯ ପ୍ରତିଶତରୁ ୨୬ ପ୍ରତିଶତକୁ ବୃଦ୍ଧି ପାଇଛି। ଏହା କୌଣସି ସାମାଜିକ ବିପ୍ଳବଠାରୁ କମ୍ ନୁହେଁ। କିଛି ବର୍ଷ ତଳେ ଝିଅମାନେ ଗଣିତ ପରିବର୍ତ୍ତେ ଗୃହ ବିଜ୍ଞାନ ପଢ଼ିବାକୁ ବାଧ୍ୟ ହେଉଥିଲେ, ବିଶେଷ କରି ପୁଅମାନଙ୍କ ତୁଳନାରେ ଦୁର୍ବଳ ବୋଲି ବିଚାର କରୁଥିଲେ। ଆଜି ସ୍ଥିତି ବଦଳିବାରେ ଲାଗିଛି। ଝିଅମାନେ ବିଜ୍ଞାନ ଓ ଗଣିତ କ୍ଷେତ୍ରରେ ମଧ୍ୟ ନିଜର ଦକ୍ଷତା ପ୍ରମାଣିତ କରୁଛନ୍ତି ଏବଂ ବେଳେବେଳେ ପୁଅମାନଙ୍କ ତୁଳନାରେ ଭଲ ପ୍ରଦର୍ଶନ କରୁଛନ୍ତି । ୨୦୧୪ ସୁଦ୍ଧା ଆଇଆଇଟିରେ ଝିଅଙ୍କ ପ୍ରତିଶତ ମାତ୍ର ୧୪ ଥିଲା। ୨୦୧୮ରେ ଏହା ୧୭ ପ୍ରତିଶତକୁ ବୃଦ୍ଧି ପାଇଛି। ଏବେ ଏହା ୨୦ ପ୍ରତିଶତ ରହିଛି। ଫଳରେ ୨୦୧୭ରେ ଆଇଆଇଟିରେ ଝିଅଙ୍କ ସଂଖ୍ୟା ୯୯୫ ଥିବା ବେଳେ ଏବେ ଏହି ସଂଖ୍ୟା ୩୪୧୧କୁ ବୃଦ୍ଧି ପାଇଛି। ଆଗାମୀ ବର୍ଷଗୁଡ଼ିକରେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବ। ଏଥିରେ ମଧ୍ୟ ମୁମ୍ବାଇ ସମେତ ଦକ୍ଷିଣାଞ୍ଚଳ ରାଜ୍ୟଗୁଡ଼ିକରେ ଏହି ଅଗ୍ରଗତି ଭଲ ରହିଛି। ଅନ୍ୟାନ୍ୟ ସାମାଜିକ ଅଧ୍ୟୟନରୁ ମଧ୍ୟ ଜଣାପଡିଛି ଯେ ଦକ୍ଷିଣ ରାଜ୍ୟଗୁଡ଼ିକର ପ୍ରଗତିରେ ନାରୀ ଶିକ୍ଷା ଏକ ବିଶେଷ ଭୂମିକା ଗ୍ରହଣ କରିଛି । ଏହା ଅନ୍ୟ ଦେଶମାନଙ୍କର ଅଗ୍ରଗତିକୁ ଦର୍ଶାଉଛି ଯେଉଁଠାରେ ମହିଳା ଶିକ୍ଷା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଥିଲା । ଜାତିର ବିଭାଜନକାରୀ ଓ ଅବୈଜ୍ଞାନିକ ଆଲୋଚନା ମଧ୍ୟରେ ସାମାଜିକ ସମାନତା ଓ ସଦ୍ ଭାବନା ପାଇଁ ଏହି ପଦକ୍ଷେପ ଅଧିକ ଅର୍ଥପୂର୍ଣ୍ଣ ନୁହେଁ କି? ଏକବିଂଶ ଶତାବ୍ଦୀର ଭାରତରେ କେବଳ ଜାତି ଆଧାରରେ ବିକାଶ ଓ ପ୍ରକୃତ ସମାନତା ସମ୍ଭବ ନୁହେଁ।ଆଜି ଦେଶରେ ଝିଅମାନଙ୍କ ଶିକ୍ଷା ପାଇଁ ନିଆଯାଇଥିବା ପଦକ୍ଷେପର ବହୁତ ଭଲ ଫଳାଫଳ ମିଳୁଛି । ନିକଟରେ ଅନେକ ମହିଳା ବୈଜ୍ଞାନିକ ମଧ୍ୟ ଚନ୍ଦ୍ରଯାନ-୩ର ସଫଳତାରେ ଯୋଗଦାନ ଦେଇଛନ୍ତି। ଯୁବ ବୈଜ୍ଞାନିକ ପୁରସ୍କାର ପାଇଥିବା ମହିଳାଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ବିଗତ ୧୦୦ ବର୍ଷ ଧରି ଦେଶର ଲୋକମାନେ ମହିଳା ବୈଜ୍ଞାନିକମାନଙ୍କ ମଧ୍ୟରେ କେବଳ ଜଣେ ବିଦେଶୀ ମାଡାମ କ୍ୟୁରିଙ୍କ ନାମ ଜାଣନ୍ତି, କିନ୍ତୁ ବର୍ତ୍ତମାନ ଭାରତର ମହିଳାମାନେ ମଧ୍ୟ ବିଜ୍ଞାନର ଅନେକ କ୍ଷେତ୍ରରେ ନିଜର ନାମ ପଞ୍ଜୀକୃତ କରିଛନ୍ତି। ସିଭିଲ ସର୍ଭିସ ପରୀକ୍ଷାର ଫଳାଫଳ ସାରା ଦେଶ ଜାଣିଛି,। ୨୦୨୨ ପରୀକ୍ଷାରେ ପ୍ରଥମ ୫ ଜଣଙ୍କ ମଧ୍ୟରୁ ୪ ଜଣ ଝିଅ ଥିଲେ। ଏପରିକି ଗତ ୪ ବର୍ଷ ମଧ୍ୟରେ ଝିଅମାନେ କ୍ରମାଗତ ଭାବେ ଶୀର୍ଷରେ ରହିଛନ୍ତି। ପ୍ରତିବର୍ଷ ସିଭିଲ ସର୍ଭିସ ପରୀକ୍ଷାରେ ପୁଅଙ୍କ ତୁଳନାରେ ଝିଅଙ୍କ ସଫଳତା ଅନେକ ଗୁଣ ଅଧିକ ହୋଇଥାଏ। ଅଧିକାଂଶ ରାଜ୍ୟ ବୋର୍ଡ ପରୀକ୍ଷା ଫଳ ହେଉ ବା ସିବିଏସ୍‌ଇ ରେଜଲ୍ଟ, ଝିଅମାନଙ୍କ ସଫଳତା ଭବିଷ୍ୟତ ପାଇଁ ଆଶା ସୃଷ୍ଟି କରିଥାଏ।

ଦଶନ୍ଧି ଧରି ମହିଳାଙ୍କ ପାଇଁ ବନ୍ଦ ଥିବା ପ୍ରତିରକ୍ଷା ସେବାର ଦ୍ୱାର ମଧ୍ୟ ଏବେ ଖୋଲିଛି। ବର୍ତ୍ତମାନ ଦେଶର ତିନୋଟି ସେବାରେ ପ୍ରାୟ ୧୦ ହଜାର ମହିଳା ଅଧିକାରୀ କାର୍ଯ୍ୟ କରୁଛନ୍ତି ଏବଂ ଏହି ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଛି । ଏହା ସତ୍ତ୍ୱେ ସେମାନଙ୍କ ପ୍ରତି ଭେଦଭାବ ରହୁଥିବା ମଧ୍ୟ ଖବର ସାମ୍ନାକୁ ଆସୁଛି। ଦେଶର ଅନେକ ସ୍ଥାନରେ ଏବେ ବି ଝିଅମାନଙ୍କ ପ୍ରତି ଭେଦଭାବ କରାଯାଉଛି। କୋଚିଂ ରେ ପାଠ ପଢିବା ପାଇଁ ପୁଅମାନଙ୍କୁ ଦେଶର ଅନ୍ୟ ସହରକୁ ପଠାଯାଉଥିବା ବେଳେ ଝିଅମାନଙ୍କୁ ପଠାଯାଏ ନାହିଁ । ଏଥିପାଇଁ ଆଇନ ଶୃଙ୍ଖଳା ଓ ସାମାଜିକ କାର୍ଯ୍ୟ ସମାନ ଭାବେ ଦାୟୀ, କିନ୍ତୁ ମାନସିକ ସ୍ତରରେ ସମାଜ ସେମାନଙ୍କୁ ସମାନ ଅଧିକାର ଦେବାକୁ ପଡ଼ିବ। ପାଖାପାଖି ୧୦ ବର୍ଷ ତଳେ ଉତ୍ତରପ୍ରଦେଶର ମୁଜାଫରନଗର ଦଙ୍ଗା ପରେ ଝିଅମାନଙ୍କ ପାଠପଢ଼ା ସବୁଠାରୁ ଅଧିକ ପ୍ରଭାବିତ ହୋଇଥିଲା ଏବଂ ଉଭୟ ସମ୍ପ୍ରଦାୟ ଝିଅମାନଙ୍କୁ ସ୍କୁଲ କିମ୍ବା କଲେଜକୁ ପଠାଇବା ବନ୍ଦ କରିଦେଇଥିଲେ। ଏମିତି ଅନେକ ପରିବାର ଅଛି ଯେଉଁମାନଙ୍କପୁଅମାନେ ଇଞ୍ଜିନିୟର ଓ ଆଇଏଏସ ହୋଇଥିଲେ, କିନ୍ତୁ ସେମାନଙ୍କ ଝିଅମାନେ ଶିକ୍ଷିତ ନଥିଲେ ଏବଂ ବୟସ ପୂର୍ବରୁ ବିବାହ କରିଥିଲେ । ଏହି ଚିତ୍ରକୁ ତୁରନ୍ତ ବଦଳାଇବା ର ଆବଶ୍ୟକତା ରହିଛି ।

ସଂସଦରେ ମହିଳାଙ୍କ ପାଇଁ ବର୍ତ୍ତମାନର କେନ୍ଦ୍ର ସରକାର ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିବା ଏ ଦିଗରେ ଏକ ସକାରାତ୍ମକ ପଦକ୍ଷେପ। ଏଭଳି ରାଜନୈତିକ ପଦକ୍ଷେପର ବାର୍ତ୍ତା ବହୁ ଦୂରକୁ ଯାଇଥାଏ। ପଞ୍ଚାୟତିରାଜ ଓ ପୌର ସଂସ୍ଥାରେ ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିଥିବା ୭୩ତମ ଓ ୭୪ତମ ସମ୍ବିଧାନ ସଂଶୋଧନର ବହୁତ ଭଲ ଫଳାଫଳ ମିଳିଛି। ତଥାପି ଭାରତର ଗଣତନ୍ତ୍ରରେ ମହିଳାମାନେ ଯେଉଁ ସ୍ଥାନ ପାଇବାକୁ ଯୋଗ୍ୟ ତାହା ପାଇନାହାନ୍ତି। ୧୯୨୫ମସିହାରେ ଯେତେବେଳେ ମହାତ୍ମା ଗାନ୍ଧୀ ସରୋଜିନୀ ନାଇଡୁଙ୍କୁ କଂଗ୍ରେସ ଅଧକ୍ଷା ଭାବେ ମନୋନୀତ କରିଥିଲେ, ସେତେବେଳେ ୟୁରୋପ, ଆମେରିକା ଓ ଚୀନରେ ମଧ୍ୟ ମହିଳାଙ୍କ ଏଭଳି ସମାନତା ଘଟିନଥିଲା। ରାଜନୀତିରେ ସକ୍ରିୟ ଥିବା ମହିଳାମାନେ ଅଧିକାଂଶ ରାଜନୈତିକ ଘରର ହୋଇଥାନ୍ତି। ଏହି ବଂଶବାଦୀ ଗଣତନ୍ତ୍ରରେ ପରିବର୍ତ୍ତନ ମଧ୍ୟ ନାରୀ ଶିକ୍ଷା ମାଧ୍ୟମରେ ସମ୍ଭବ ହେବ, କିନ୍ତୁ ମହିଳାଙ୍କ ପ୍ରକୃତ ସମାନତା ପାଇଁ ଅନେକ ପ୍ରୟାସ କରିବାକୁ ପଡିବ । ଏପରିକି ବର୍ତ୍ତମାନର ଲୋକସଭାରେ ମହିଳାଙ୍କ ପ୍ରତିଶତ ମାତ୍ର ୧୪, ଯାହାକୁ ବିଶ୍ୱରେ ଗଣତନ୍ତ୍ରର ମାପକାଠିରେ ବହୁତ ଭଲ ବୋଲି କୁହାଯାଇପାରିବ ନାହିଁ। ୟୁରୋପ, ଆମେରିକା ଏବଂ ଅନେକ ଦେଶର ସଂସଦରେ ମହିଳାଙ୍କ ପ୍ରତିନିଧିତ୍ୱ ୫୦ ପ୍ରତିଶତରୁ ଅଧିକ ରହିଛି। ରୱାଣ୍ଡାରେ ସଂସଦର ୬୦ ପ୍ରତିଶତ ମହିଳା ଅଛନ୍ତି।

ପୃଥିବୀର ଯେ କୌଣସି ଦେଶ କେବଳ ମାନବ ଆଧୁନିକତା ପରିପ୍ରେକ୍ଷୀରେ ନାରୀର ସମାନତାର ମାପକାଠି ଦ୍ୱାରା ଆକଳନ କରାଯାଇପାରିବ । ଏହି କ୍ଷେତ୍ରରେ ୟୁରୋପ, ଆମେରିକା ବିଶ୍ୱରେ ଶୀର୍ଷରେ ଥିବା ବେଳେ ମୁସଲମାନ ଦେଶମାନଙ୍କରେ ମହିଳାଙ୍କ ସ୍ଥିତି ଅତ୍ୟନ୍ତ ନୈରାଶ୍ୟଜନକ। ସରକାରୀ ସ୍ତରରେ ମହିଳାଙ୍କ ଉନ୍ନତି ପାଇଁ ଯେଉଁ ପଦକ୍ଷେପ ନିଆଯାଉଛି, ସେଥିରେ ସମଗ୍ର ସମାଜକୁ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ପଡ଼ିବ। ତା'ହେଲେ ହିଁ ମହିଳାଙ୍କ ଅବସ୍ଥାରେ ସମ୍ପୂର୍ଣ୍ଣ ଉନ୍ନତି ଆସିପାରିବ।


ନୟାଗଡ଼

ମୋ: ୯୪୩୭୬୪୨୯୪୭


# ଉଜ୍ଜ୍ୱଳ ଭବିଷ୍ୟତ ଦିଗରେ ଏକ ପ୍ରୟାସ : ଭାରତର ଜି-୨୦ ଅଧ୍ୟକ୍ଷତା ଏବଂ ଏକ ନୂତନ ବହୁପକ୍ଷବାଦର ପ୍ରାରମ୍ଭ



## ନରେନ୍ଦ୍ର ମୋଦୀ
### ପ୍ରଧାନମନ୍ତ୍ରୀ

ଭାରତ ଜି-୨୦ ଅଧ୍ୟକ୍ଷତା ଗ୍ରହଣ କରିବାକୁ ଆଜି ୩୬୫ ଦିନ ପୂରିଛି। 'ବସୁଧୈବ କୁଟୁମ୍ବକମ୍'- 'ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ'ର ଭାବନାକୁ ପ୍ରତିଫଳିତ କରିବା, ସଂକଳ୍ପବଦ୍ଧ ହେବା ଏବଂ ଏହାକୁ ପୁନର୍ଜୀବିତ କରିବା ପାଇଁ ବର୍ତ୍ତମାନ ଉପଯୁକ୍ତ ମୁହୂର୍ତ୍ତ ଉପନୀତ ହୋଇଛି ।

ଗତ ବର୍ଷ ଯେତେବେଳେ ଆମେ ଏହି ଦାୟିତ୍ୱ ଗ୍ରହଣ କରିଥିଲୁ, ବିଶ୍ୱ ପରିଦୃଶ୍ୟ ବହୁମୁଖୀ ଆହ୍ୱାନର ସମ୍ମୁଖୀନ ହୋଇଥିଲା: କୋଭିଡ୍ -୧୯ ମହାମାରୀରୁ ପୁନରୁଦ୍ଧାର, ଜଳବାୟୁ ବିପଦ, ଆର୍ଥିକ ଅସ୍ଥିରତା ଏବଂ ବିକାଶଶୀଳ ରାଷ୍ଟ୍ରମାନଙ୍କରେ ଋଣ ସଙ୍କଟ ସହିତ ହ୍ରାସ ପାଉଥିବା ବହୁପକ୍ଷବାଦ ଚିନ୍ତାର କାରଣ ପାଲଟିଥିଲା । ସଂଘର୍ଷ ଓ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ବିକାଶ ପାଇଁ ସହଯୋଗ କ୍ଷତିଗ୍ରସ୍ତ ହୋଇଛି, ପ୍ରଗତିରେ ବାଧା ସୃଷ୍ଟି ହୋଇଛି ।

ଜି-୨୦ ଅଧ୍ୟକ୍ଷତା ଗ୍ରହଣ କରି ଭାରତ ବିଶ୍ୱକୁ ସ୍ଥିତାବସ୍ଥାର ବିକଳ୍ପ ପ୍ରଦାନ କରିବାକୁ ଚାହୁଁଥିଲା, ଯାହା ଜିଡିପି-କେନ୍ଦ୍ରୀତ ଆଭିମୁଖ୍ୟରୁ ମାନବ-କେନ୍ଦ୍ରୀତ ପ୍ରଗତିକୁ ପରିବର୍ତ୍ତିତ ହୋଇଥିଲା। କେଉଁ ସବୁ କାରଣ ଆମକୁ ବିଭାଜିତ କରୁଛି ତାହା ବଦଳରେ ଆମକୁ କେଉଁ କାରଣ ଏକାଠି କରିଥାଏ ତାହା ବିଶ୍ୱକୁ ମନେ ପକାଇବାକୁ ଭାରତ ଲକ୍ଷ୍ୟ ରଖିଥିଲା। ଶେଷରେ, ଏକ ବିଶ୍ୱସ୍ତରୀୟ ବିଚାରବିମର୍ଶ ବିକଶିତ ହୋଇଥିଲା - ଅନେକଙ୍କ ଆକାଂକ୍ଷା ପାଇଁ ଅଳ୍ପ କିଛି ଲୋକଙ୍କ ସ୍ୱାର୍ଥ ବାଧ୍ୟ ହୋଇ ବାଟ ଛାଡ଼ିଥିଲା । ଏଥିପାଇଁ ବହୁପକ୍ଷବାଦର ମୌଳିକ ସଂସ୍କାର ଆବଶ୍ୟକ ଥିଲା ଯାହା ଆମେ ପୂର୍ବରୁ ଜାଣିଥିଲୁ ।

ସମାବେଶୀ, ଉଚ୍ଚାକାଂକ୍ଷୀ, କାର୍ଯ୍ୟଭିତ୍ତିକ ଏବଂ ନିର୍ଣ୍ଣାୟକ - ଜି-୨୦ ଅଧ୍ୟକ୍ଷ ଭାବରେ ଏହି ଚାରିଟି ଶବ୍ଦ ଆମର ଆଭିମୁଖ୍ୟକୁ ବ୍ୟାଖ୍ୟା କରିଥିଲା ଏବଂ ସମସ୍ତ ଜି-୨୦ ସଦସ୍ୟଙ୍କ ଦ୍ୱାରା ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇଥିବା ନୂଆଦିଲ୍ଲୀ ନେତୃମଣ୍ଡଳୀଙ୍କ ଘୋଷଣାନାମା (ଏନଡିଏଲଡି) ଏହି ନୀତିଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଆମର ପ୍ରତିବଦ୍ଧତାର ପ୍ରମାଣ ।

ଅନ୍ତର୍ଭୁକ୍ତିକରଣ ଆମ ଅଧ୍ୟକ୍ଷତାର କେନ୍ଦ୍ରରେ ରହିଛି। ଆଫ୍ରିକୀୟ ସଂଘ (ଏୟୁ)କୁ ଜି-୨୦ର ସ୍ଥାୟୀ ସଦସ୍ୟ ଭାବରେ ଅନ୍ତର୍ଭୁକ୍ତ କରିବା ଦ୍ୱାରା ୫୫ଟି ଆଫ୍ରିକୀୟ ଦେଶ ଏହି ମଞ୍ଚରେ ସାମିଲ ହୋଇଥିଲେ ଏବଂ ବିଶ୍ୱ ଜନସଂଖ୍ୟାର ୮୦% ଭାଗକୁ ସାମିଲ କରିବା ପାଇଁ ଏହି ମଞ୍ଚକୁ ବିସ୍ତାର କରିଥିଲେ । ଏହି ସକ୍ରିୟ ଆଭିମୁଖ୍ୟ ବୈଶ୍ୱିକ ଆହ୍ୱାନ ଏବଂ ସୁଯୋଗ ଉପରେ ଅଧିକ ବ୍ୟାପକ ଆଲୋଚନାକୁ ପ୍ରୋତ୍ସାହିତ କରିଛି ।

ଦୁଇଟି ସଂସ୍କରଣରେ ଭାରତ ପକ୍ଷରୁ ଆୟୋଜିତ ପ୍ରଥମ 'ଭଏସ୍ ଅଫ୍ ଦି ଗ୍ଲୋବାଲ୍ ସାଉଥ୍ ଶିଖର ସମ୍ମିଳନୀ' ବହୁପକ୍ଷବାଦର ଏକ ନୂତନ ପର୍ଯ୍ୟାୟର ଶୁଭାରମ୍ଭ କରିଛି। ଆନ୍ତର୍ଜାତିକ ଆଲୋଚନାରେ ଗ୍ଲୋବାଲ ସାଉଥର ଚିନ୍ତାକୁ ଭାରତ ମୁଖ୍ୟ ସ୍ରୋତରେ ସାମିଲ କରିଛି ଏବଂ ଏକ ଯୁଗ ଆରମ୍ଭ କରିଛି ଯେଉଁଠାରେ ବିକାଶଶୀଳ ଦେଶମାନେ ବିଶ୍ୱ ପରିଦୃଶ୍ୟକୁ ଆକାର ଦେବାରେ ଉପଯୁକ୍ତ ସ୍ଥାନ ଗ୍ରହଣ କରିବେ ।

ଅନ୍ତର୍ଭୁକ୍ତିକରଣ ମଧ୍ୟ ଜି-୨୦ ପ୍ରତି ଭାରତର ଘରୋଇ ଆଭିମୁଖ୍ୟକୁ ପ୍ରୋତ୍ସାହିତ କରିଥିଲା ଏବଂ ଏହାକୁ ଏକ ପିପୁଲ୍ସ ପ୍ରେସିଡେନ୍ସି ରେ ପରିଣତ କରିଥିଲା ଯାହା ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଅନୁରୂପ ହୋଇପାରିଛି । 'ଜନ ଭାଗିଦାରୀ' କାର୍ଯ୍ୟକ୍ରମ ଜରିଆରେ ଜି-୨୦ ୧୪୦ କୋଟି ନାଗରିକଙ୍କ ନିକଟରେ ପହଞ୍ଚିଛି, ଯେଉଁଥିରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଅଂଶୀଦାର ଭାବେ ସାମିଲ ହୋଇଛନ୍ତି। ଆହୁରି ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ରୂପରେ ଭାରତ ସୁନିଶ୍ଚିତ କରିଛି ଯେ ଜି-୨୦ର ଉଦ୍ଦେଶ୍ୟ ଅନୁରୂପ ବ୍ୟାପକ ବିକାଶମୂଳକ ଲକ୍ଷ୍ୟ ପ୍ରତି ଆନ୍ତର୍ଜାତିକ ସମୁଦାୟର ଦୃଷ୍ଟି ଆକର୍ଷଣ କରିବା ।

୨୦୩୦ ଏଜେଣ୍ଡାର ଗୁରୁତ୍ୱପୂର୍ଣ୍ଣ କେନ୍ଦବିନ୍ଦୁରେ ଭାରତ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି)ର ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ଜି-୨୦ କାର୍ଯ୍ୟଯୋଜନା ୨୦୨୩ ପ୍ରଦାନ କରିଛି । ସ୍ୱାସ୍ଥ୍ୟ, ଶିକ୍ଷା, ଲିଙ୍ଗଗତ ସମାନତା ଏବଂ ପରିବେଶ ସ୍ଥାୟିତ୍ୱ ସମେତ ପରସ୍ପର ସହ ଜଡିତ ପ୍ରସଙ୍ଗଗୁଡିକ ପାଇଁ ଏକ କାର୍ଯ୍ୟକାରିତା ଭିତ୍ତିକ ଆଭିମୁଖ୍ୟ ଗ୍ରହଣ କରିଛି ।

ଏହି ଅଗ୍ରଗତିର ଏକ ପ୍ରମୁଖ କ୍ଷେତ୍ର ହେଉଛି ସୁଦୃଢ଼ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ)। ଆଧାର, ୟୁପିଆଇ ଓ ଡିଜିଲକର ଭଳି ଡିଜିଟାଲ ଉଦ୍ଭାବନର ବୈପ୍ଳବିକ ପ୍ରଭାବ ପ୍ରତ୍ୟକ୍ଷ ଭାବେ ଦେଖିଥିବା ଭାରତ ଏଠାରେ ନିଜ ସୁପାରିସ କରିବାରେ ନିର୍ଣ୍ଣାୟକ ସାଜିଥିଲା। ଜି-୨୦ ଜରିଆରେ ଆମେ ସଫଳତାର ସହ ଡିଜିଟାଲ ପବ୍ଲିକ ଇନଫ୍ରାଷ୍ଟ୍ରକଚର ରିପୋଜିଟୋରୀକୁ ସମ୍ପୂର୍ଣ୍ଣ କରିଛୁ, ଯାହାକି ବିଶ୍ୱ ବୈଷୟିକ ସହଯୋଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ୧୬ଟି ଦେଶର ୫୦ରୁ ଅଧିକ ଡିପିଆଇଙ୍କୁ ନେଇ ଗଠିତ ଏହି ଭଣ୍ଡାର ଗ୍ଲୋବାଲ ସାଉଥକୁ ଡିପିଆଇ ନିର୍ମାଣ, ଗ୍ରହଣ ଏବଂ ବିସ୍ତାର କରିବାରେ ସହାୟକ ହେବ।

ଆମର ଏକ ପୃଥିବୀ ପାଇଁ, ଆମେ ଜରୁରୀ, ସ୍ଥାୟୀ ଏବଂ ସମାନ ପରିବର୍ତ୍ତନ ସୃଷ୍ଟି କରିବା ଲାଗି ଉଚ୍ଚାକାଂକ୍ଷୀ ଏବଂ ସମାବେଶୀ ଲକ୍ଷ୍ୟ ପ୍ରଚଳନ କରିଛୁ । ଘୋଷଣାନାମାର 'ସବୁଜ ବିକାଶ ଚୁକ୍ତି' ସମ୍ପାଦିତ ହୋଇଛି। ନିଯୁକ୍ତି ଓ ପରିବେଶ ପରସ୍ପରର ଅନୁପୂରକ ହେବା, ଉପଭୋଗ ଜଳବାୟୁ ସଚେତନ ହେବା ଏବଂ ଉତ୍ପାଦନ ପୃଥିବୀ ଅନୁକୂଳ ହେବା ପାଇଁ ଏକ ବିସ୍ତୃତ ରୋଡମ୍ୟାପ ପ୍ରସ୍ତୁତ କରିବା ଜରିଆରେ କ୍ଷୁଧା ମୁକାବିଲା ଓ ପୃଥିବୀର ସୁରକ୍ଷା ମଧ୍ୟରେ ରହିଥିବା ଆହ୍ୱାନର ସମାଧାନ କରିବା ନିମନ୍ତେ ଏଥିରେ ଗୁରୁତ୍ୱ ଦିଆଯାଇଛି। ଏଥିସହିତ ଜି-୨୦ ଘୋଷଣାନାମାରେ ୨୦୩୦ ସୁଦ୍ଧା ବିଶ୍ୱ ଅକ୍ଷୟ ଶକ୍ତି କ୍ଷମତାକୁ ତିନି ଗୁଣା ବୃଦ୍ଧି କରିବାକୁ କୁହାଯାଇଛି। ବିଶ୍ୱ ଜୈବ ଇନ୍ଧନ ମେଣ୍ଟ ପ୍ରତିଷ୍ଠା ଏବଂ ସବୁଜ ହାଇଡ୍ରୋଜେନ ପାଇଁ ମିଳିତ ପ୍ରୟାସ ଏବଂ ଏକ ସ୍ୱଚ୍ଛ, ସବୁଜ ବିଶ୍ୱ ଗଠନ ପାଇଁ ଜି-୨୦ର ଆକାଂକ୍ଷା ଅନସ୍ୱୀକାରଯୋଗ୍ୟ । ଏହା ସର୍ବଦା ଭାରତର ନୀତି ରହିଆସିଛି । ଦୀର୍ଘସ୍ଥାୟୀ ବିକାଶ ପାଇଁ ଜୀବନଶୈଳୀ (ଏଲଆଇଏଫଇ) ମାଧ୍ୟମରେ ବିଶ୍ୱ ଆମର ବହୁ ପୁରୁଣା ସ୍ଥାୟୀ ପରମ୍ପରାରୁ ଉପକୃତ ହୋଇପାରିବ ।

ଏହାବ୍ୟତୀତ, ଏହି ଘୋଷଣାନାମା ଜଳବାୟୁ ନ୍ୟାୟ ଏବଂ ସମାନତା ପ୍ରତି ଆମର ପ୍ରତିବଦ୍ଧତାକୁ ସୂଚାଇ ଦେଇଛି ଏବଂ ଗ୍ଲୋବାଲ ନର୍ଥଠାରୁ ଯଥେଷ୍ଟ ଆର୍ଥିକ ଏବଂ ବୈଷୟିକ ସହାୟତା ପାଇଁ ଅନୁରୋଧ କରିଛି। ପ୍ରଥମ ଥର ପାଇଁ, ବିକାଶ ଅର୍ଥଯୋଗାଣର ପରିମାଣରେ ଆବଶ୍ୟକ ବୃଦ୍ଧି ଲାଗି ସ୍ୱୀକୃତି ମିଳିଛି, ଯାହା ବିଲିୟନ ଡଲାରରୁ ଟ୍ରିଲିୟନ ଡଲାରକୁ ବୃଦ୍ଧି ପାଇଛି। ଜି-୨୦ ସ୍ୱୀକାର କରିଛି ଯେ ବିକାଶଶୀଳ ଦେଶଗୁଡ଼ିକ ୨୦୩୦ ସୁଦ୍ଧା ସେମାନଙ୍କର ଜାତୀୟ ସଂକଳ୍ପବଦ୍ଧତା ଅବଦାନ (ଏନଡିସି) ପୂରଣ କରିବା ପାଇଁ ୫.୯ ଟ୍ରିଲିୟନ ଡଲାର ଆବଶ୍ୟକ କରନ୍ତି।

ଆବଶ୍ୟକ ବିପୁଳ ସମ୍ବଳକୁ ଦୃଷ୍ଟିରେ ରଖି ଜି-୨୦ ଉନ୍ନତ, ବୃହତ ଏବଂ ଅଧିକ ପ୍ରଭାବଶାଳୀ ବହୁପାକ୍ଷିକ ବିକାଶ ବ୍ୟାଙ୍କର ଗଠନ ଉପରେ ଗୁରୁତ୍ୱାରୋପ କରିଥିଲା । ଏହା ସହିତ ଭାରତ ଜାତିସଂଘ ସଂସ୍କାର, ବିଶେଷକରି ଜାତିସଂଘ ନିରାପତ୍ତା ପରିଷଦ ଭଳି ପ୍ରମୁଖ ଅଙ୍ଗର ପୁନର୍ଗଠନରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି, ଯାହା ଅଧିକ ସମାନ ବୈଶ୍ୱିକ ବ୍ୟବସ୍ଥା ସୁନିଶ୍ଚିତ କରିବ।

ଏହି ଘୋଷଣାନାମାରେ ଲିଙ୍ଗଗତ ସମାନତାକୁ ଗୁରୁତ୍ୱ ଦିଆଯାଇଛି, ଯାହା ଆସନ୍ତା ବର୍ଷ ମହିଳା ସଶକ୍ତିକରଣ ଉପରେ ଏକ ସମର୍ପିତ କାର୍ଯ୍ୟକାରୀ ଗୋଷ୍ଠୀ ଗଠନ ସହିତ ସାକାର ରୂପ ନେବ। ଭାରତର ମହିଳା ସଂରକ୍ଷଣ ବିଲ୍ ୨୦୨୩, ଦେଶର ସଂସଦ ଏବଂ ରାଜ୍ୟ ବିଧାନସଭାରେ ଏକ ତୃତୀୟାଂଶ ଆସନ ମହିଳାଙ୍କ ପାଇଁ ସଂରକ୍ଷଣ କରିବ ଯାହାକି ମହିଳାଙ୍କ ନେତୃତ୍ୱାଧୀନ ବିକାଶ ପାଇଁ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି ।

ନୀତି ସମନ୍ୱୟ, ବିଶ୍ୱସନୀୟ ବାଣିଜ୍ୟ ଏବଂ ଉଚ୍ଚାକାଂକ୍ଷୀ ଜଳବାୟୁ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇ ଏହି ପ୍ରମୁଖ ପ୍ରାଥମିକତା ଗୁଡ଼ିକରେ


(ଅବଶିଷ୍ଟାଂଶ ପୃଷ୍ଠା ୭ରେ)





## ମୋ'ପ୍ରେମ !
### ସୁରେନ୍ଦ୍ର ନାଥ ସାହୁ

ପୁଣ୍ୟ କାର୍ତ୍ତିକ ମାସର<br>
ବିଫଳ ମଙ୍ଗଳ ମନାସ।<br>
ସଦା ପ୍ରୟାସରତ ରହିଥିବା<br>
ଶୀତ ପାହାନ୍ତି ବୁଢର<br>
ଅଭାବନୀୟ ହତାଶ।<br>
ତପ ବିଭୋର ତରୁଣତାର<br>
ବେଦରଦୀ କାହାଣୀ<br>
ବିଫଳ ହବିଷ ଉପାସ।

ମୋ'ପ୍ରେମ !<br>
ଅହେତୁକ ଦୀପ ଉତ୍ସବର<br>
ଧରାଶାୟୀ ଉଦ୍ଦୀପନା<br>
ଅଫେରା ଅଚିରାଭ ଆଲୋକର<br>
ଅଭୁଲା ଆକର୍ଷଣ।<br>
ଅଭିଶପ୍ତ ସୌଭାଗ୍ୟର<br>
କ୍ଷୀଣଜୀବୀ ଖେଳନା।<br>
ବିଶ୍ୱାସର ବିଶ୍ୱାସ ପ୍ରତି<br>
ଚିର ଅବହେଳନା।

ମୋ'ପ୍ରେମ !<br>
ଅପ୍ରତିମ ଅମାସିଆ ଅନ୍ଧାରରେ<br>
ଆଜୀବନ ଘୁରି ବୁଲୁଥିବା<br>
ଅଥୟ ଅଭିଳାଷ।<br>
ଆହାତ ତନ ମନ ହୃଦୟର<br>
ପୀଡାର୍ତ୍ତ ଅନାମ ଉପନ୍ୟାସ।<br>
ନିରବ ଲୁହ ଆଉ ରକ୍ତର<br>
ନିରୀହ ନେହୁରା<br>
ଅଲେଖା ଇତିହାସ।

ମୋ'ପ୍ରେମ !<br>
ନଜର ଲଗା ମହାପଞ୍ଚୁକ ଭକ୍ତିର<br>
ଅକାମ ଜପା ନାମ।<br>
ଅକାଳ ଗ୍ରସିତ<br>
ହତଭାଗ ପୂନେଇଁ ଜହ୍ନର<br>
ଅଘୋଷିତ ଚିତ୍କାରର ନାମ।<br>
ଛଳନା ଲବ୍ଧ ଛତ୍ରଛାୟା<br>
ଛତ୍ରଭଙ୍ଗ ଦେଇଥିବା<br>
ସୁବିଧାବାଦୀର ଛାଡଖାଇ<br>
ଅମାନିଆ ଚରିତ୍ରର କାମ।


କଳମ୍ବ(ଡିହସାହି)<br>
ପୋଲସରା, ଗଞ୍ଜାମ- ୭୬୧୧୦୫<br>
ମୋ :-୮୧୨୮୯୧୯୨୫୬


## ଚକ୍ରବ୍ୟୁହେ ଅଭିମନ୍ୟୁ
### ଚନ୍ଦ୍ରହାସ୍ୟ ସତନାମି



ମାନଗୋବିନ୍ଦଙ୍କ କୌଶଳତା ଆଜି<br>
ପାଣ୍ଡବ ସମ୍ମୁଖେ ତଳେ<br>
କୌରବ ଶିବିର କୁରୁକ୍ଷେତ୍ରେ ଦିଶେ<br>
ସାମର୍ଥ୍ୟ ନାହିଁଟି ତିଳେ ।

ଗୋଟି ଗୋଟିକରି ରଥୀ ମହାରଥୀ<br>
ବିଳୟ ଲଭିଲେ ପ୍ରାଣ<br>
ଶୂନ୍ୟ ହେଉଅଛି ଶିବିର ସମରେ<br>
ଗଲେଣି ଶିଳନ୍ତୁରାଣ ।

ମାନଗୋବିନ୍ଦଙ୍କ ବିନମ୍ର କାତର<br>
ଦେଖି ଆର୍ଯ୍ୟ ଗୁରୁ ଦ୍ରୋଣ<br>
ପାଣ୍ଡବ ନିମନ୍ତେ ସଂଙ୍କଟ ରଚିଲେ<br>
ଚକ୍ରବ୍ୟୁହ ଏକ ଜାଣ ।

କୌରବ କୂଳଟି ଗୌରବେ ଉଠିଲା<br>
ଶତ ଗୁଣେ ବଢେ ବେଶି<br>
ଗୁରୁ ଦ୍ରୋଣାଚାର୍ଯ୍ୟ ଆଚାର୍ଯ୍ୟ ଭାବରେ<br>
ଚକ୍ରବ୍ୟୁହ କଲେ ରାଶି ।

ପାର୍ଥ ବିନା ସର୍ବେ ଅଜ୍ଞାତ ଅନର୍ହ<br>
ସମର ମଧ୍ୟକୁ ଭେଦି<br>
ସଂସପ୍ତକରଣେ ପାର୍ଥ ଓ କେଶବ<br>
ନିଶ୍ଚିୟ ବିଳୟ ବନ୍ଦୀ ।

ଜୟଗାନ ଶୁଭେ କୌରବଭିମୁଖେ<br>
ଶୁଭ ସଂଙ୍ଖ ବାଜି ଘଣ୍ଟ<br>
ପାଣ୍ଡବ ନିମିତ୍ତ ବିପଦ ସଙ୍କେତ<br>
ସଂଙ୍କଟ ନୁହେକି ସ୍ପଷ୍ଟ ।

ବୃକୋଦର ଧୃଷ୍ଟ ସହଦେବ ସଂଙ୍ଗେ<br>
ଅନୁଜ ନକୁଳ ଭ୍ରାତା<br>
ଆଲୋଚ୍ୟ କରନ୍ତି ନିରାଶ ସଭାରେ<br>
ସମସ୍ତେ ମିଲିଣ ଚିନ୍ତା ।

ଗୁପ୍ତ ସମ୍ମେଳନେ ଅର୍ଜୁନ ସୁପୁତ୍ର<br>
ସଭା ମଧ୍ୟେ ଯାଏ ପଶି<br>
ଜ୍ୟେଷ୍ଠତାତ କହି ପଚାରେ ଧୃଷ୍ଟଙ୍କୁ<br>
କିମ୍ପାଏ ମୁଖ ନିରାସୀ ।

ଅଜ୍ଞାତ ନିତ୍ୟାନ୍ତ ନିର୍ବୋଧ ବାଳକ<br>
ରଣ ବିଦ୍ୟା ନାହିଁ ଜଣା<br>
ଚକ୍ରବ୍ୟୁହ ମଧ୍ୟେ ପଶିବା କେମନ୍ତେ<br>
ସମସ୍ତଙ୍କ ଧୀ ଅଜଣା ।

ସେ ନିମନ୍ତେ କିମ୍ପା ଚିନ୍ତା ଜ୍ୟେଷ୍ଠତାତ<br>
ରଣସ୍ଥଳେ ଥିବି ମୁହି<br>
ଦ୍ରୋଣ ଅଶ୍ୱତ୍ଥାମା କର୍ଣ୍ଣ ଆଦି ରଥି<br>
ମମ ସମକକ୍ଷ ନାହିଁ ।

କେମନ୍ତେ ଜାଣୁତୁ ବାଳୁତ ବୟସେ<br>
ରଣ ବିଦ୍ୟା କୌଶଳତା<br>
ବୀର ବୃକୋଦର ପୁଛିଲେ ସୁତଙ୍କୁ<br>
ତହିଁର ବୃତ୍ତାନ୍ତ ଗାଥା ।

ଯେତେବେଳେ ମୁହିଁ ଜନନୀ ଜଠରେ<br>
ଥିଲି ଆହେ ଜ୍ୟେଷ୍ଠ ତାତ<br>
ରଜନୀରେ ଦିନେ ପୁଛିଲେ ପିଅରେ<br>
ଚକ୍ରବ୍ୟୁହ ତାରଛେଦ ।

ହରଷେ ବୋଲନ୍ତି ମାତାଙ୍କୁ ବୁଝାଇ<br>
ପ୍ରବେଶ ଉପାୟମାନ<br>
କହୁ କହୁ ମାତା ନିଦ୍ରା ବିମୋହିତା<br>
ଗରଭେ ଥାଇ ମୋ କାନ ।

ପ୍ରବେଶ ଉପାୟ ଶୁଣିଥିଲେ ମାତ<br>
ଏଥକୁ କର ବିଚାର<br>
ନିଗମ ଉପାୟ ନ କହିଲେ ଆଉ<br>
ବ୍ୟୁହ ମଧ୍ୟେ ଗାଥା ସ୍ଥିର ।

ଅମ୍ଭୋଦ ପର୍ଜନ୍ୟ ଯେହ୍ନେ କମ୍ପାୟନ<br>
ବୀର ଶବ୍ଦେ ବୃକୋଦର<br>
ପୃଷ୍ଠଭାଗେ ଥିବୁ ଆମ୍ଭେ ଚାରିଭ୍ରାତ<br>
ପ୍ରତ୍ୟାଗମେ ପ୍ରସ୍ତୁତିର ।

ତରୁଣ ବୟସେ ଅରୁଣ ସାଜି କି<br>
ବୀର ଦର୍ପେ କର ନାସ<br>
ବେଗେ ହୋଇ ସାଜ୍ୟ ଯୁଦ୍ଧ ପାଇ ଆଜ<br>
ତୁମ୍ଭ ହସ୍ତେ ମାନ ଯଶ ।

ସପ୍ତଦ୍ୱାରେ ରୁହ ସପ୍ତବ୍ୟାଘ୍ର ପରି<br>
ବ୍ୟୁହକୁ ନ ଦିଅ ପଶି<br>
କୌଶଳତେ ଯଦି ପଶିଯାଏ ତେବେ<br>
ସର୍ବେ ହସ୍ତେ ଯିବ ନାସି ।

ପ୍ରଥମ ଦ୍ୱାରରେ ଜୟଦ୍ରଥ ରୁହେ<br>
ଦ୍ୱିତୀୟରେ ଦୁଃଶାସନ<br>
ତୃତୀୟରେ କର୍ଣ୍ଣ, କ୍ରୁପ ଚତୁର୍ଥରେ<br>
ମଧ୍ୟସ୍ଥରେ ଗୁରୁ ଦ୍ରୋଣ ।

ପଞ୍ଚମରେ ଶୈଲ୍ୟ, ଶଷ୍ଠେ ଅସ୍ୱତ୍ଥମା<br>
ସପ୍ତମରେ ଦୁର୍ଯ୍ୟୋଧନ<br>
ଦକ୍ଷିଣାଭିମୁଖେ ନିକଟସ୍ଥ ଦୃଶ୍ୟେ<br>
ସ୍ୱ ସ୍ଥାନେ ସାବଧାନ ।

ଗୋଟି ଗୋଟି କରି ସପ୍ତରଥି ସଙ୍ଗେ<br>
ଅସ୍ଥିରତେ କରେ ରଣ<br>
ଜ୍ଞାତ ହେଲା ସର୍ବ ସପ୍ତରଥିଙ୍କର<br>
ଜାଣି ତାଙ୍କ ବୀର ପଣ ।

ବୃଥା ଅବିଳମ୍ବେ ପ୍ରୟାସ ନକରି<br>
ଶୁଣ ହେ କୌରବ ଗଣ<br>
ସପ୍ତରଥି ଦ୍ୱାରା ନିହିତ ନିଶ୍ଚିତ<br>
ଗୁରୁ ମାର୍ଗେ କର ରଣ ।

ସପ୍ତରଥି ମଧ୍ୟେ ଏକ ଅଭିମନ୍ୟୁ<br>
ଅବିରତେ ତା ସଂଗ୍ରାମ<br>
କୌରବ ଶିବିରେ କଳଙ୍କ ରଚିଲା<br>
ଏହାକି କ୍ଷତ୍ରିୟ ଧର୍ମ ।

ଏକତ୍ର ମିଳିଣ ସପ୍ତରଥି ଗଣ<br>
ସତ୍ୟ ଧର୍ମ ଅବିଚାରି<br>
ନିରସ୍ତ୍ର ହସ୍ତରେ ସଂଗ୍ରାମ ସମରେ<br>
ସର୍ବେ ହସ୍ତେ ପ୍ରାଣହାରୀ ।


ଟେମରା, କୋକସରା, କଳାହାଣ୍ଡି<br>
ମୋ-୮୨୪୯୮୪୨୬୪୮



ଆଜିର
ନାରୀର ନିଜସ୍ୱ ପୃଷ୍ଠା

ଧ୍ୱନି ପ୍ରତିଧ୍ୱନି

୫ | ୩୦ ନଭେମ୍ବର ୨୦୨୩, ଗୁରୁବାର, ବାଲେଶ୍ୱର

# ମାତୃଶକ୍ତିର ଜ୍ୱଳନ୍ତ ପ୍ରତିଭା



ମୀରା ବେଉରା



ଯେଉଁମାନେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ କେବଳ ସ୍ୱପ୍ନ ଦେଖିନଥିଲେ ବରଂ ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ଦ୍ୱାରା ଏବଂ ସେବା ଦ୍ୱାରା ମହିଳା ଜାତିର ସର୍ବାଙ୍ଗୀନ ଉନ୍ନତି ପାଇଁ ଜାତୀୟଦାବାଦରେ ଉଦ୍‌ବୁଦ୍ଧ ହୋଇ ଜାତିର ଇତିହାସକୁ ଏକ ନୂତନ ଦିଗରେ ନେବା ପାଇଁ ଆଜୀବନ ପ୍ରଚେଷ୍ଟା କରିଥିଲେ, ସେ ଥିଲେ ସେବା ଓ ମମତାର ପ୍ରତିମୂର୍ତ୍ତି ମା' ରମାଦେବୀ। ମାନବ ସେବା ହିଁ ମାଧବ ସେବା, ଏହି ନୀତିକୁ ପାଥେୟ କରିଥିଲେ ମା' ରମାଦେବୀ। ଏହା ସତ୍ୟ ଯେ କେବଳ ହିଂସା ଓ ରକ୍ତପାତରେ ନୁହେଁ, ଉତ୍କଳର ଯେଉଁ ମହିୟସୀ ମହିଳାମାନେ ଶାନ୍ତି ଓ ଅହିଂସା ମାଧ୍ୟମରେ ତତ୍କାଳୀନ ଇଂରେଜ ସରକାର ବିରୋଧରେ ସଂଗ୍ରାମ କରି ଏକ ନୂତନ ଓଡ଼ିଶା ନିର୍ମାଣ ପାଇଁ ସ୍ୱପ୍ନ ଦେଖିଥିଲେ, ସେହି ନାରୀଶକ୍ତିର ପ୍ରମୁଖ ପ୍ରତୀକ ହେଉଛନ୍ତି ମା' ରମାଦେବୀ। ସେହି ସମୟରେ ମହାତ୍ମା ଗାନ୍ଧୀଙ୍କର ଓଡ଼ିଶା ଆଗମନ ହିଁ ଏହି ନାରୀ ସମାଜକୁ ସ୍ୱାଧୀନତା ଆନ୍ଦୋଳନରେ ଝାସଦେବାକୁ ପ୍ରେରଣା ଯୋଗାଇଥିଲା। ଜାତିରପିତା ଗାନ୍ଧିଜୀଙ୍କ ଆଦର୍ଶରେ ଗଭୀର ଭାବେ ଅନୁପ୍ରାଣିତ ହୋଇ ଏହି ମହିୟସୀ ମହିଳାମାନେ ଅଗ୍ନିଶମ ସ୍ୱାଧୀନତା ସଂଗ୍ରାମକୁ ଲ ପ୍ରଦାନ କରିଥିଲେ। ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଭୁଲିଯାଇ ଦେଶ, ସମାଜ, ଜାତି ଓ ରାଷ୍ଟ୍ର ନିର୍ମାଣ ପାଇଁ ସେବାକୁ ଆଜୀବନ ନିଜ ଜୀବନର ବ୍ରତ କରିଥିବା ଏହି ଉତ୍କଳର ଶିଳାଭୂମି ତଳେ ଆଜି ବି ଲୁଚି ରହିଛି ଏହି ମହିୟସୀ ମହିଳାମାନଙ୍କର ଆଜୀବନ ତ୍ୟାଗ, ସାଧନା, ସଂଗ୍ରାମ ଏବଂ ବ୍ୟଥାଭରା କାହାଣୀ।

ତତ୍କାଳୀନ ରକ୍ଷଣଶୀଳ ସମାଜରେ ଜନ୍ମଲାଭ କରି ମଧ୍ୟ ଅନେକ ବାଧା, ପ୍ରତିବାଦ, ବିରୋଧ, ଅନେକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ନିଜର ଜୀବନବ୍ୟାପୀ ସାଧନା ଦ୍ୱାରା ସମଗ୍ର ମାତୃଜାତିର ଆଦର୍ଶ ଥିଲେ ମା' ରମାଦେବୀ। ଏହିମାନେ ହିଁ ଥିଲେ ପ୍ରଚଣ୍ଡ ଦେଶପ୍ରେମ, ତ୍ୟାଗ ତିତିକ୍ଷାର ଜ୍ୱଳନ୍ତ ନିଦର୍ଶନ। ନାରୀକୁ ବ୍ୟକ୍ତିଭାବେ ପ୍ରତିଷ୍ଠା କରିବା ପାଇଁ କୁସଂସ୍କାର, ଅଶିକ୍ଷା, ଅନ୍ଧବିଶ୍ୱାସ ବିରୋଧରେ ସ୍ୱର ଉତ୍ତୋଳନ କରି ଏକ ସୁସ୍ଥ ମଙ୍ଗଳମୟ ସମାଜ ଏବଂ ସର୍ବୋପରି ଏକ ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନ କରିବା ଥିଲା। ଏହି ମହିୟସୀ ମା' ରମାଦେବୀଙ୍କ ବ୍ରତ। ସେ ଦିନ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ନାରୀଶକ୍ତିର ପ୍ରତୀକ ସରଳାଦେବୀ, ସେବା ଓ ମମତାର ପ୍ରତିମୂର୍ତ୍ତି ମା' ରମାଦେବୀ ଏବଂ ବିପ୍ଳବୀ ବହ୍ନିକନ୍ୟା ମାଳତୀ ଚୌଧୁରୀ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ସମଗ୍ର ନାରୀ ସମାଜ ପାଇଁ ଆଦର୍ଶ ପାଲଟି ଯାଇଥିଲେ। ପ୍ରାଚୁର୍ଯ୍ୟ ମଧ୍ୟରେ ବଢ଼ିଥିଲେ ମଧ୍ୟ ଡେପୁଟି କଲେକ୍ଟର ଚାକିରି ଛାଡ଼ିଥିବା ସ୍ୱାମୀ ଗୋପବନ୍ଧୁ ଚୌଧୁରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମା' ରମାଦେବୀ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ ୧୯୨୧ ମସିହାରେ କାଠଯୋଡ଼ି ନଦୀ କୂଳରେ ମହାତ୍ମା ଗାନ୍ଧୀଙ୍କ ଭାଷଣରେ ଉଦ୍‌ବୁଦ୍ଧ ହୋଇ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ନିଜର ଶହେ ଭରି ସୁନା ଏବଂ ନିଜ ହାତରେ ଅରଟରେ କାଟିଥିବା ବିରାଟ ସୂତା ପୁଡ଼ିଆକୁ ମହାତ୍ମା ଗାନ୍ଧୀଙ୍କ ହାତକୁ ଯିଏ ବଢ଼େଇ ଦେଇଥିଲେ, ସେ ଥିଲେ ମା' ରମାଦେବୀ। ଯିଏ ଆଜୀବନ ପାଦରେ ଚପଲଟିଏ ମଧ୍ୟ ନ ପିନ୍ଧି ଏବଂ ସୂତା ଖଦଡ଼ ଲୁଗାକୁ ପିନ୍ଧି ଦୁଃଖୀ, ଦରିଦ୍ର, ହରିଜନ, କୃଷକ, ମହିଳା ଓ ଶିଶୁ ଆଦି ସମସ୍ତଙ୍କ ପାଇଁ କାର୍ଯ୍ୟ କରୁଥିଲେ, ସେ ଥିଲେ- ମା' ରମାଦେବୀ। ଯାହାଙ୍କ ଜୀବନଶୈଳୀ ଅତ୍ୟନ୍ତ ସରଳ, ସାବଲୀଳ ଥିଲା, ସେ ଥିଲେ ମା' ରମାଦେବୀ। ତାଙ୍କର କନ୍ୟା ଅନ୍ନପୂର୍ଣ୍ଣା ଏବଂ ପୁତ୍ର ମନମୋହନ ମଧ୍ୟ ମା'ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ୧୯୬୨ ମସିହାରେ ଭାରତ ଏବଂ ଚୀନ୍ ମଧ୍ୟରେ ଯୁଦ୍ଧ ଚାଲିଥିଲା ବେଳେ ଯିଏ ସେନାଛାଉଣୀରେ ଅବସ୍ଥାନ କରି ସୈନ୍ୟମାନଙ୍କର ସେବା କରିଥିଲେ, ସେ ଥିଲେ ମା' ରମାଦେବୀ। କେବଳ ସେତିକି ନୁହେଁ, ୧୯୬୪ ମସିହାରେ ଦଣ୍ଡକାରଣ୍ୟଠାରେ ବଙ୍ଗଳାଦେଶୀ ଶରଣାର୍ଥୀଙ୍କ ସେବାରେ ଯିଏ ବ୍ରତୀ ଥିଲେ, ସେ ହେଉଛନ୍ତି ମା' ରମାଦେବୀ।

ବନ୍ୟା ହେଉ କି ବାତ୍ୟା ହେଉ କି ମରୁଡ଼ି ହେଉ ପ୍ରପୀଡ଼ିତ ଲୋକମାନଙ୍କର ସେବା କରି ଯିଏ ଅପାର ଆନନ୍ଦ ଲାଭ କରୁଥିଲେ, ସେ ଥିଲେ ମା' ରମାଦେବୀ। ପ୍ରଥମେ ଅଳକା ଆଶ୍ରମ ଏବଂ ପରେ ବରୀ ଆଶ୍ରମ ଗଢ଼ି ଅନେକ ସେବାମୂଳକ କାର୍ଯ୍ୟ ଜାରି ରଖିଥିଲେ ମା' ରମାଦେବୀ। ଯେମିତିକି ନାରୀ ଜାଗରଣ, ନିଶା ନିବାରଣ, ମୌଳିକ ଶିକ୍ଷା, ମହୁଚାଷ, ଗୋ' ସେବା, ପୌଢ଼ଶିକ୍ଷା, ରୋଗୀସେବା, ଅସ୍ପୃଶ୍ୟତା ନିବାରଣ, ଗାଁ ସଫେଇ, ଲୁଗାବୁଣିବା ଇତ୍ୟାଦି କାର୍ଯ୍ୟରେ ମା' ସର୍ବଦା ବ୍ୟସ୍ତ ରହୁଥିଲେ। କେବଳ ସେତିକି ନୁହେଁ, ୧୯୩୦ ମସିହା ଅପ୍ରେଲ ୧୩ ତାରିଖରେ ଇଞ୍ଚୁଡ଼ିଠାରେ ଆରମ୍ଭ ହୋଇଥିଲା 'ଆଇନ୍ ଅମାନ୍ୟ ଆନ୍ଦୋଳନ' ହେଉ, ୧୯୩୪ ମସିହାରେ 'ହରିଜନ ପଦଯାତ୍ରା' ହେଉ ଅବା ୧୯୪୨ ଅଗଷ୍ଟ ୯ର 'ଭୂଦାନ ଆନ୍ଦୋଳନ' ହେଉ, ପ୍ରତ୍ୟେକ ଆନ୍ଦୋଳନରେ ଯୋଗଦେଇ ମା' ରମାଦେବୀ କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତବର୍ଷରେ ମହିଳମାନଙ୍କ ପାଇଁ ଆଦର୍ଶ ସାଜିଥିଲେ।

ଉଲ୍ଲେଖନୀୟ ସେବାକାର୍ଯ୍ୟ ପାଇଁ ତାଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ସମ୍ମାନନୀୟ 'ଡକ୍ଟରେଟ୍' ଉପାଧି ଏବଂ ଯମୁନାଲାଲ୍ ଫାଉଣ୍ଡେସନ୍ ତରଫରୁ ପୁରସ୍କାର ମିଳିଥିଲା। ଏହି ଫାଉଣ୍ଡେସନ୍ ତରଫରୁ ପାଇଥିବା ଏକଲକ୍ଷ ଟଙ୍କାର ପୁରସ୍କାର ରାଶିକୁ ମା' ରମାଦେବୀ ଦଳିତ, ଅବହେଳିତ ଜନତାଙ୍କ ସେବାରେ ଖର୍ଚ୍ଚ କରିଥିଲେ। ପ୍ରକୃତରେ ମା' ରମାଦେବୀ ଥିଲେ ସେବା, ମମତା ଏବଂ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ। ତାଙ୍କର ଅବଦାନ ଏ ଜାତି କେବେ ଭୁଲିବ ନାହିଁ।

ରଘୁନାଥଜୀଉ ମହାବିଦ୍ୟାଳୟ,
ଦେଉଳ ସାହି,
ତୁଳସୀପୁର, କଟକ
ମୋ: ୯୮୫୩୩୫୦୩୮୪/
୯୮୫୩୩୫୦୩୮୪

ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)



# ତ୍ରିପାଦମେଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୨୪ ॥
(ପୂର୍ବ ପ୍ରକାଶିତ ଉତ୍ତାରୁ)

ହଁ, ସେଦିନ କ୍ଷୀର ସମୁଦ୍ର ତଟରେ ମୁନି, ଋଷି ମାନେ ଯେଉଁ ଆଦି ଜୀବଟିକୁ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ, ସେ ଥିଲେ କଚ୍ଛପ। ତାହାଙ୍କର ପୃଷ୍ଠରେ ଏକ କଠିନ ଆବରଣ ତାଙ୍କୁ ସୁରକ୍ଷିତ ରଖୁ ଥିଲା।

ପୃଥିବୀ ପୃଷ୍ଠରେ ଜୀବ ସୃଷ୍ଟି ହୋଇ, ପ୍ରଥମେ ନିଜେ ବାୟୁ ମଣ୍ଡଳକୁ ସୃଷ୍ଟି କଲା ଓ ଶ୍ୱାସ କ୍ରିୟା କରିଥିଲା। ଏହାପରେ ସେ କ୍ଷୁଧା ନିବାରଣ କଲା। ଦୃଷ୍ଟି ଶକ୍ତି ଏବଂ ଶ୍ରବଣ ଶକ୍ତି ଲାଭ କଲା। ମୀନଙ୍କ ସମୟରେ ସୃଷ୍ଟି ହୋଇଥିବା ଜୀବମାନଙ୍କଠାରୁ କଚ୍ଛପଙ୍କର ଦୃଷ୍ଟି ଶକ୍ତି ଅଧିକ ଉନ୍ନତ ଥିଲା। ସେ ରଙ୍ଗୀନ ଓ ଉଜ୍ଜ୍ୱଳ ବସ୍ତୁ ଗୁଡ଼ିକୁ ଦେଖି ପାରୁଥିଲେ ଓ କିଛି ଦୂର ଓ ଉଚ୍ଚତା ପର୍ଯ୍ୟନ୍ତ ତାଙ୍କ ଦୃଷ୍ଟି ପ୍ରସାରିତ ହେବାକୁ ସକ୍ଷମ ଥିଲା।(ଯାହା କି ମୁଁ ଅର୍ଥାଳଙ୍କାରରେ ଅବତାରରେ ଲେଖିଥିଲି।)ତାଙ୍କର ଶ୍ରବଣ ଶକ୍ତି ଅଧିକ ଥିଲା। ଏହା ପରେ ପ୍ରାଣୀ ମାନେ ଆତ୍ମରକ୍ଷା କରିଥିଲେ। ସେମାନଙ୍କ ଉପରେ ଏକ ବହିରାବରଣ ସୃଷ୍ଟି ହୋଇଥିଲା। କାରଣ, ଏବେ ସେ କେବଳ ଜଳ ମଧ୍ୟରେ ସୀମାବଦ୍ଧ ନରହି ଜଳ ଓ ସ୍ଥଳ ଉଭୟ ସ୍ଥାନରେ ବିଚରଣ କଲା ଏବଂ ଉଭୟଚର ପ୍ରାଣୀ ହୋଇଗଲା।

କଚ୍ଛପଙ୍କ ପୂର୍ବରୁ କୀଟ, ପତଙ୍ଗ ମାନଙ୍କର ସୃଷ୍ଟି ହୋଇ ସାରିଥିଲା। ଏମାନେ ଆକାଶ ଓ ସ୍ଥଳଚର ପ୍ରାଣୀ ଥିଲେ। ଏମାନଙ୍କର ଗୋଡ, ପାଦ ଏପରିକି କୀଟ ମାନଙ୍କର ବହୁ ସଂଖ୍ୟକ ପାଦ ,ପତଙ୍ଗ ମାନଙ୍କର ଡେଣା ମଧ୍ୟ ସୃଷ୍ଟି ହୋଇଥିଲା। କିନ୍ତୁ,ଏମାନଙ୍କର ଆୟୁଷ ଅତି କମ୍ ସମୟ ଥିଲା। ଏହି ଦୃଷ୍ଟିରୁ କଚ୍ଛପଙ୍କ ଅଙ୍ଗରେ ଅବୟବ, ଯଥା, ମସ୍ତକ, ପାଦ ଆଦି ଅବୟବ ଗୁଡ଼ିକ ଅଧିକ ବିକଶିତ ଓ ଶକ୍ତ ଥିଲା। କଚ୍ଛପଙ୍କର ମସ୍ତକର ଆକୃତି ଓଟ ସଦୃଶ ଥିଲା ଏବଂ ଏହି ପ୍ରାଣୀ ଦୀର୍ଘ ଦିନ ଧରି ଜଳ ବା ଆହାର ଗ୍ରହଣ ନକରି ମଧ୍ୟ ଜୀବନ ଧାରଣ କରି ପାରୁଥିଲା। ଯାହାକି ଉଚ୍ଚ ସ୍ତରର ଯୋଗ ସାଧକ ମାନଙ୍କ ସଦୃଶ ଥିଲା।

ମହର୍ଷି ବ୍ୟାସଦେବ ସମ୍ଭବତଃ ଏହି ସତ୍ୟ ବିଷୟରେ ଅବଗତ ଥିଲେ। କିନ୍ତୁ,ସେହି ସମୟର ମଣିଷ ସରଳ ବିଶ୍ୱାସୀ ଥିଲା। ସତ୍ୟ ଅପେକ୍ଷା ବିଶ୍ୱାସ ସେହି ସମୟରେ ଈଶ୍ୱରଙ୍କୁ

ଜାଣିବା ପାଇଁ ଦେବ ସମାନ ମାନବର ପ୍ରଧାନ ଆଧାର ଥିଲା। ସମୟ କ୍ରମେ ମାନବର ପରିବର୍ତ୍ତନ ହେଲା ଓ ମାନବ ବାହ୍ୟ ବିଜ୍ଞାନକୁ ଅଧିକ ବିଶ୍ୱାସ କଲା। ସତ୍ୟକୁ ଜାଣିବା ପାଇଁ ସେ ପରୀକ୍ଷା କଲା। ତେଣୁ, ସତ୍ୟର ଉପସ୍ଥାପନା କରିବାର ସମୟ ଆସିଗଲା ଏବଂସତ୍ୟର ପ୍ରକାଶ ହେଲା। ହଁ, ସେହି କ୍ଷୁଦ୍ରକାୟ କଚ୍ଛପ, ଯେ ଜଳ ଓ ସ୍ଥଳ ଉଭୟରେ ବିଚରଣ କରି ପାରୁଥିଲେ, ପ୍ରଜାପତି ମାନେ ତାଙ୍କ ମଧ୍ୟରେ ଐଶ୍ୱରୀୟ ଶକ୍ତିର ଅବତରଣ କରାଇଲେ।ସେ ପୂର୍ଣ୍ଣ ରୂପ ଧାରଣ କଲେ ଏବଂ ଏକ ପ୍ରକାଣ୍ଡ କାୟ କଚ୍ଛପ ରୁପେ ନିଜର ଶକ୍ତି ପ୍ରକାଶକରି, ଦାନବମାନଙ୍କୁ ପୁନଶ୍ଚ ଗ୍ଲାନି ଲାଭ କରୁଥିବା ଦେବ ଧର୍ମ ପ୍ରତି ଆହ୍ୱାନ ଜଣାଇଲେ। ସେହି ବିସ୍ମିତ ଜୀବମାନେ ଯଦି ଭଗବାନଙ୍କର ଅବତାର ନଥିଲେ, ତେବେ ଏକ ପ୍ରକାଣ୍ଡକାୟ କଚ୍ଛପ ରୂପରେ ସେ ପୃଥିବୀରେ ଅମୃତର ବାର୍ତ୍ତାବହ ହୋଇଥାନ୍ତେ କାହିଁକି ? ?

ଏହି ସମୟରେ ହିରଣ୍ୟ କଶ୍ୟପର ଭଗ୍ନୀ ସିଂହିକାର ଜ୍ୟୋଷ୍ଠ ପୁତ୍ର ରାହୁ ମଧ୍ୟ ଆର୍ଯ୍ୟ ମାନଙ୍କ ସହଏକତ୍ରିତ ଭାବେ ଯୋଗରେ ସିଦ୍ଧି ପ୍ରାପ୍ତ ହୋଇଥିଲେ। ସେ ମଧ୍ୟ ଏହି ଅମୃତକୁ ଭକ୍ଷଣ କରି ଅମର ହେଲେ ମଧ୍ୟ ତାଙ୍କୁ ଅମରମାନଙ୍କ ମଧ୍ୟରେ ଗ୍ରହଣ କରାଗଲା ନାହିଁ । କାରଣ, ଯେ ଅମୃତ ପାନ କରୁଥିଲା, ସେ ଦୀର୍ଘାୟୁ ଏବଂ ଅମର ହୋଇ ଯାଉଥିଲା। ଦାନବ ମାନେ ତାମସିକ ତଥା ପୃଥିବୀ ପାଇଁ କ୍ଷତି କାରକ ଗୁଣ ଗୁଡ଼ିକର ଅଧିକାରୀ ଥିଲେ। ତେଣୁ, ଆର୍ଯ୍ୟଗୁରୁ ମାନେ ସେମାନଙ୍କୁ ସ୍ୱ ଇଚ୍ଛାରେ ଗ୍ରହଣ କରୁନଥିଲେ। ଗୁରୁଙ୍କ ଦ୍ୱାରା ଗୃହୀତ ନହୋଇ ଗୋପନରେ ସାଧନ କରି ସେ ଦେବ ନିୟମ ଲଂଘନ କରି ଦଣ୍ଡନୀୟ ହୋଇଥିଲେ। ସମୁଦ୍ର ମନ୍ଥନ ସମୟରେ ଧନ୍ୱନ୍ତରୀଙ୍କ ସହ ଆୟୁର୍ବେଦ ଓ ଅମୃତ , ଚନ୍ଦ୍ର, ଲକ୍ଷ୍ମୀଙ୍କ ବ୍ୟତୀତ କଶ୍ୟପଙ୍କ ଔରସରେ ମୁନିଙ୍କଠାରୁ ଗନ୍ଧର୍ବ ( ଗାନ୍ଧାର ଦେଶର ଲୋକ) ଓ ଅପ୍ସରା ମାନେ ଆପ୍ ବା ଜଳ ମଧ୍ୟରୁ ବା ସମୁଦ୍ର ଦ୍ୱୀପ ବାସିନୀ ଓ ଗନ୍ଧର୍ବ ମାନଙ୍କ ପତ୍ନୀ) ମାନେ ମଧ୍ୟ ସୃଷ୍ଟି ହୋଇ ସାରିଥିଲେ । ସେମାନେ ଅବୟବ ଓ ଇନ୍ଦ୍ରିୟ ଚାଳନା ରେ ଉନ୍ନତ ହୋଇ ନୃତ୍ୟ, ଗୀତ ଆଦିର ବିକାଶ ସାଧନ କରିଥିଲେ। ଏହାବ୍ୟତୀତ ଉଚୈଶ୍ରବା ଅଶ୍ୱ ( ଉଚ୍ଚ ଶ୍ରବଣ ଶକ୍ତି ଥିବା ଅଶ୍ୱ), ଐରାବତ ହସ୍ତୀ (ସମ୍ରାଟ ହସ୍ତୀ ), ସୁନ୍ଦର ଓ ସୁଗନ୍ଧିତ ପୁଷ୍ପ ପାରିଜାତ ମଧ୍ୟ ସୃଷ୍ଟି ହୋଇଥିଲା। ତାହାକୁ ଇନ୍ଦ୍ରିୟ ଜୟୀ ଆର୍ଯ୍ୟ ଋଷି ଓ ଦେବତା ମାନେ ଗ୍ରହଣ କଲେ। କାମଧେନୁ ଗାଭୀ, (ସମ୍ଭବତଃ ଆର୍ଯ୍ୟ ସାଧକ ମାନେ ଏପରି ଏକ ଧେନୁ ସୃଷ୍ଟି କରିଥିଲେ କିମ୍ବା ଏହା ଯୋଗର ଏକ ସିଦ୍ଧି ଥିଲା ଯାହା ସମସ୍ତଙ୍କର ଅଭୀଷ୍ଟକୁ ପୁରଣ କରିପାରୁଥିଲା । (ଏହା ଉଚ୍ଚ କୋଟିର ସାଧକ ମାନଙ୍କ ପକ୍ଷେ ସମ୍ଭବ।) ସମୁଦ୍ର ମନ୍ଥନରୁ ଯେଉଁ ମହାଲକ୍ଷ୍ମୀ ମିଳିଥିଲେ ସେ କେବଳ ବିଷ୍ଣୁଙ୍କୁ ବର ରୂପେ ସ୍ୱୀକାର କରିଥିଲେ। ଅର୍ଥାତ ବିଷ୍ଣୁଙ୍କୁ ଯଦି ଆମେ ପ୍ରଥମରୁ ପରମ ଜୀବନ ରୂପେ ଗ୍ରହଣ କରିବା,ତାହେଲେ ଜୀବନ ପାଇଁ ଧନ, ସମ୍ପଦ ବା ଲକ୍ଷ୍ମୀ ପ୍ରୟୋଜନ, କିନ୍ତୁ ଧନ, ସମ୍ପଦରୁ ଜୀବନ ସୃଷ୍ଟି ହୋଇ ପାରେନାହିଁ। ହଁ, ପୁଣି ଏହି ସମୟରେ ସାଧକ ମାନେ ସାଧନା ବଳରେ ଅଷ୍ଟ ବସୁ ଓ ଅଣିମା ଆଦି ଐଶ୍ୱର୍ଯ୍ୟ ଭୋଗ କରି ଥିଲେ। ଏହି ସମୟରେ ଲକ୍ଷ୍ମୀଙ୍କ ସଦୃଶା ଆକର୍ଷଣୀୟା ବାରୁଣୀ ନାମକ ମଦ୍ୟ ଅବା ପଶ୍ଚିମା କନ୍ୟା ମାନଙ୍କର ସନ୍ଧାନ ମିଳିଥିଲା।ସେତେବେଳେ ସମୁଦ୍ର ଉତ୍ତପ୍ତ ଥିଲା,ପ୍ରଖର ସୂର୍ଯ୍ୟ ତାପ ଯୋଗୁ ପୃଥିବୀ ମଧ୍ୟ ଉତ୍ତପ୍ତ ହୋଇଥିଲା। ଜଳ ଭାଗରୁ ଉତ୍ତପ୍ତ ବାଷ୍ପ ଖଣ୍ଡ ମାନ ସୃଷ୍ଟି ହୋଇ ଆକାଶକୁ ଆଚ୍ଛାଦିତ କରିଥିଲା। ସେହି ବାଷ୍ପରୁ ମେଘ ଓ ମେଘରୁ ବର୍ଷା ହୋଇ ଯେତେବେଳେ ସମୁଦ୍ର ଶୀତଳ ହେଲା ସେତେବେଳେ ଜ୍ଞାନୀ ମାନେ ଜାଣି ପାରିଲେ ଯେ, ଜଳ ଉତ୍ତପ୍ତ ହୋଇ ବାଷ୍ପରେ ପରିଣତ ହୁଏ ଏବଂ ବାଷ୍ପ ଶୀତଳ ହେଲେ ବର୍ଷା ହୋଇ ପୃଥିବୀକୁ ରକ୍ଷା କରେ। ଏହି ସବୁ ଦୃଷ୍ଟିରୁ ଆର୍ଯ୍ୟ ଯୋଗୀ ମାନେ ଯୋଗ ବଳରେ ଦର୍ଶନ କରିଥିବା କଚ୍ଛପ ଙ୍କ ସୃଷ୍ଟି ସମୟ ଏବଂ ସମୁଦ୍ର ମନ୍ଥନ ଉପାଖ୍ୟାନ ର ସମୟ ର ଅନ୍ତର ମଧ୍ୟରେ ଘଟଣା ମାନଙ୍କର ଏକ ବିଶେଷ ସମ୍ପର୍କ ରହି ଥିବାର ଜଣାଯାଏ। ଏତେ ଗୁଡିଏ ଶୁଭ ଜ୍ଞାନ ଏବଂ ଜରା, ମୃତ୍ୟୁ ବ୍ୟାଧିହୀନ ଅମର ଜଗତର ଅମୃତ ବାର୍ତ୍ତାର ଅଗ୍ରଦୂତ ରୂପେ କଚ୍ଛପ ନିଶ୍ଚୟ ଅନନ୍ତ ଜୀବନ ଶକ୍ତିର ପ୍ରତିଭୂ ଥିଲେ ଏବଂତାଙ୍କର ଚିତ୍ର କଳ୍ପଟି ପ୍ରାଚୀନ ରଚନାକାର ମାନେ ଅତି ସୁନ୍ଦର ଭାବରେ ଉପସ୍ଥାପିତ କରିଥିଲେ। ଏବେ ଆମେ ବିଶ୍ୱାସର ସହିତ ଭଗବାନଙ୍କର ଏହି ଭାଗବତ ରସାମୃତ ଓ ପ୍ରେମାମୃତକୁ ପାନକରି ଅମର ଜଗତରେ ବିଚରଣକରିବା। କାରଣ ବିଶ୍ୱାସ ହିଁ ହେଉଛି ଆମର ବିଜ୍ଞାନ ।

(କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

# ଅସୁସ୍ଥ ମନ ସୌନ୍ଦର୍ଯ୍ୟକୁ ନଷ୍ଟ କରେ

## ସମ୍ପର୍କର ରଙ୍ଗ

ଶ୍ୱେତା ରାଉତ୍

ଯଦିଓ ଏତେ ସହଜ ନୁହେଁ କୌଣସି ଜଟିଳ ପରିସ୍ଥିତିକୁ ସରଳ କରି ହସି ହସି ଜୀବନ କାଟିବା, ତଥାପି ଆମ ମନର ଉପଚାର ପାଇଁ ଆମକୁ ହିଁ ପଦକ୍ଷେପ ନେବାକୁ ହେବ। ପରିସ୍ଥିତିର ପ୍ରହାରରେ ପ୍ରଭାବିତ ନହୋଇ ନିଜକୁ ଦୁର୍ମୂଲ୍ୟ ଓ ଈଶ୍ୱରଙ୍କ ସର୍ବୋତ୍ତମ ସୃଷ୍ଟି ସ୍ୱୀକାର କରିବାକୁ ପଡ଼ିବ। ଜୀବନରେ ଯାହା ଘଟି ଯାଉଛି, ତାହା ଆମର ପ୍ରାରବ୍ଧ ଓ ପରମାତ୍ମାଙ୍କ ଇଚ୍ଛା ଏବଂ ଏଥିରେ ବିବ୍ରତ ନହୋଇ ଈଶ୍ୱରଙ୍କୁ ପ୍ରାର୍ଥନା କରିବା ଆମକୁ ଦୁଃଖ ସହିବାକୁ ଶକ୍ତି ଦିଅନ୍ତୁ, କଷ୍ଟ ଲାଘବ କରିବାକୁ ସାହସ ଦିଅନ୍ତୁ, ଏ ଖରାପ ସମୟକୁ ଅତିକ୍ରମ କରିବାକୁ ଧର୍ଯ୍ୟ ଦିଅନ୍ତୁ, ଆମର ମାର୍ଗ ଦର୍ଶନ କରାଇ ଆମ ମନକୁ ଶାନ୍ତ ରଖିଥାନ୍ତୁ। ସମୟର ପ୍ରଭାବରେ ସାରା ସଂସାର ପ୍ରଭାବିତ ହୁଏ, କେତେବେଳେ ଦୁଃଖ ତ କେତେବେଳେ ସୁଖ। ସବୁକୁ ଜୀବନ ଚକ୍ରର ଖେଳ ଭାବିନେଲେ, ନୈରାଶ୍ୟବୋଧ ରହିବ ନାହିଁ। ଦୁଃଖ, ହତାସ କେବଳ ମନର କ୍ଷତି କରେନାହିଁ,ଏହା ଆମ ସୋନ୍ଦର୍ଯ୍ୟକୁ ମଧ୍ୟ ନଷ୍ଟ କରିଥାଏ।

ସୁନ୍ଦର ଚେହେରା ପାଇଁ ଆମକୁ କେତେ ପ୍ରଯତ୍ନ କରିବାକୁ ପଡେ। କେହି କେହି ବିଭିନ୍ନ କମ୍ପାନୀର ପ୍ରସାଧନୀ ବ୍ୟବହାର କରନ୍ତି ତ କେହି ଔଷଧ ବ୍ୟବହାର କରନ୍ତି, କିଏ ପ୍ଲାଷ୍ଟିକ ସର୍ଜରୀ କରନ୍ତି ତ କିଏ ଯୋଗ, ପ୍ରାଣାୟାମ କରନ୍ତି, କେହି ଘରୋଇ ଉପଚାର କରନ୍ତି ତ କିଏ ବିଉଟି ପାର୍ଲର ଯାଇଥାନ୍ତି। କେବଳ ନିଜର ଚେହେରା ସୁନ୍ଦର ଦେଖାଯିବା ପାଇଁ। କିନ୍ତୁ ଯଦି ମନରେ ଦୁଃଖ, ହତାସ, ଭୟ, କ୍ରୋଧ, ନୈରାଶ୍ୟ ଭରି ରହିଥାଏ, ଚେହେରା ପାଇଁ ଯେତେ ଉପଚାର କଲେ ବି କୌଣସି ଲାଭ ହୋଇ ନଥାଏ। ଯେତେ ଅର୍ଥ ଖର୍ଚ୍ଚ କଲେ ବି ବାହାରର କୌଣସି ଦ୍ରବ୍ୟ ମନ ପାଇଁ ମଲମ ହୋଇପାରେ ନାହିଁ। ଚିଡିଚିଡାପଣ, ମନ ସହିତ ମୁଖର ସୋନ୍ଦର୍ଯ୍ୟ ନଷ୍ଟ କରିଦିଏ। ମନ ଭଲ ନଥିଲେ ଖାଇବାକୁ ଇଚ୍ଛା ହୁଏନାହିଁ, ଖାଦ୍ୟର ଅସନ୍ତୁଳନ ହେଲେ ସ୍ୱାସ୍ଥ୍ୟ ବିଗିଡି ଯାଏ। ଏକଥା ଆମେ ସମସ୍ତେ ଜାଣିଛେ, ବୁଝିଛେ, ହେଲେ ପାଳନ କରୁନାହେଁ। ଯାହା ଫଳରେ ଆମ ମନ, ବିଚାର, ବୁଦ୍ଧି ସବୁଥିରେ ଅସନ୍ତୁଳନ ରହି ଆମ ଶରୀରର ପ୍ରାକୃତିକ ସୌନ୍ଦର୍ଯ୍ୟ ନଷ୍ଟ ହେବାକୁ ଲାଗୁଛି।

ମନ ଭଲ ଥିଲେ, ବିଚାର ବି ସକାରାତ୍ମକ ଆସିବ, କାମ କରିବାକୁ ଆଗ୍ରହ ବଢିବ, ସମ୍ପର୍କ ଭିତରେ ଶ୍ରଦ୍ଧା, ସମ୍ମାନ ବଢିବ। ଉତ୍ତମ ବିଚାର ଓ ଖୁସି ମନ ମସ୍ତିଷ୍କରେ ଖୁସି ହେଉଥିବା ହର୍ମୋନ କ୍ଷରଣ କରେ, ତେଣୁ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ, ମନ ଭିତରେ ଉତ୍ସାହ, ଆଗ୍ରହ, ଆନନ୍ଦ ଭରି ରହେ।

ପ୍ରତିଯୋଗିତାପୂର୍ଣ୍ଣ ବ୍ୟସ୍ତବହୁଳ ଜୀବନ ଆମକୁ ବାଧ କରିଦେଉଛି ବ୍ୟସ୍ତ, ବିବ୍ରତ, ବିରକ୍ତି ଓ ଚିଡ଼ିଚିଡ଼ା ଭିତରେ ଦିନ କାଟିବାକୁ। ସବୁ ବୁଝିବି ଆମେ ପରିସ୍ଥିତି ଚାପରେ ସନ୍ତୁଳି ହେଉଛେ।



ତଥାପି ପ୍ରୟାସ କରୁଛେ ଆମ ଚେହେରା ଓ ସୁନ୍ଦରତାକୁ ବଜାୟ ରଖିବାକୁ। ଏ ଭାରାକ୍ରାନ୍ତ ମନକୁ ଯଦି ବୁଝାଇ ସୁଝାଇ ଶାନ୍ତ କରି ପାରନ୍ତେ, ହୁଏତ ଚେହେରା ପାଇଁ ପରିଶ୍ରମ କିମ୍ବା ପ୍ରଶାଧନର ଆବଶ୍ୟକତା ପଡ଼ନ୍ତା ନାହିଁ। କେବଳ ଚେହେର ନୁହେଁ ମନ ଭଲ ରହିଲେ ତାର ସୁପ୍ରଭାବ ଆମ ସମ୍ପର୍କରେ ବି ମିଠାପଣ ଭରିଦିଏ।

+ରାଉତ କମ୍ପ୍ଲେକ୍ସ, କଟକ ରୋଡ,
ଲକ୍ଷ୍ମୀସାଗର, ଭୁବନେଶ୍ୱର
(ମୋ)୯୪୩୯୭୨୬୦୬୦

## ଆଜିର କବିତା



### କଥା କୁହା ପକ୍ଷୀ

ରଶ୍ମୀ ସାମଲ

ବିନା ସୂଚନାରେ ହଜି ଯାଇଥିଲା
କଥାକୁହା ପକ୍ଷୀଟି ମୋର,
ଆଖି ହଳକ ସେମିତି
ଚାହିଁଥିଲା ଅପେକ୍ଷାରେ
ଆକାଶର ମିଞ୍ଜିମିଞ୍ଜି ତାରା ପରି
ନାଲି ଟହ ଟହ ସିନ୍ଦୁରା ଫାଟିବା ଆଗରୁ
ଅଧା ଜହ୍ନ ଆଲୋକର
ଲୁଚକାଳି ଖେଳରେ
ରାତ୍ରିର ତୃତୀୟ ପ୍ରହରେ
ଫୁର କିନା ଉଡିଯାଇଥିଲା
କେଉଁ ଦୂର ଆକାଶକୁ।
ଜାଣିଥିଲି ଅଣ୍ଟିରେ ନିଆଁ ରଖିଲେ
ସାରା ଶରୀର ନିଶ୍ଚିତ ଜଳିଯିବ
ତଥାପି ଏପରି ଦୁଃସାହସ କରିବାକୁ
ତିଳେ ମାତ୍ର ପଛେଇନଥିଲି
ବିଶ୍ୱାସ ରେ ଟିକେ ଫିକା ପଡି ନଥିଲା।
ଭଲ ପାଇବାର ଆୟୁଷକୁ ବାଜି ରଖି
ଉଚ୍ଛୁଳା ନଦୀରେ ପାଦ ରଖିଥିଲି
ଭାବିଥିଲି ବିନା ଆହୁଲାରେ
ଖୁବ ସହଜରେ କୂଳରେ ପଂହଁଚିଯିବି।
ଅନ୍ୟକୁ ଦେଉଥିବା ବଞ୍ଚିବାର ରାହା
ମୋ ନିଜକୁ ମିଳିଲାନି
ଚିହ୍ନିବାରେ ବୋଧେ
କିଛି ଭୁଲ ରହିଗଲା,
ବିରହର ନିସଙ୍ଗତାରେ
ସ୍ୱପ୍ନ ଭଳି ଶୁଭୁଥାଏ
ପକ୍ଷୀର ସେ ଗୁଣୁଗୁଣୁ ସ୍ୱର।
ବସା ଖୋଜିବାର ଧର୍ଯ୍ୟ
ଏବେ କ୍ଷତ ବୀକ୍ଷତ
ପାଦ ନା ଆଗକୁ ଯାଉଛି ନା ପଛକୁ ଫେରୁଛି
ଆଖିରେ ବହୁତ ପ୍ରଶ୍ନ
ଆଜି ପରି ଦିନରେ
ଏକୁଟିଆ ସମୁଦ୍ର କୂଳରେ
ମନଟା ଝାଇଁ ଝାଇଁ ଲାଗୁଛି।
ବାଧିଛି ବୋଲି ତ କହୁଛି
ଛାତି ଥରା କୋହ ସବୁ ବିଛାଡି ହୋଇଛି
ଅତୀତର ଶବ୍ଦ ସବୁ ଫିଙ୍ଗା ଫୋପାଡା ହୋଇ
ବଦଳିଛି ଜିଇଁବାର ରାହା
ପକ୍ଷୀ ଟିର ସେହି ସଙ୍ଗୀତ ମୂର୍ଚ୍ଛନାରେ,
ସେହି ସଙ୍ଗୀତ ମୂର୍ଚ୍ଛନାଁରେ।

+ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫

# ଜିଲ୍ଲାପାଳ ଓ ଏସପିଙ୍କ କୃତଜ୍ଞତା ଜ୍ଞାପନ

ପୁରୀ, ୨୯/୧୧ (ନି.ପ୍ର): ହବିଷ୍ୟାଳୀ ମା ମାନଙ୍କର ଏକ ମାସର ରାଇଦାମୋଦର ବ୍ରତ ବା କାର୍ତ୍ତିକ ହବିଷ ବ୍ରତ ଗତକାଲି କାର୍ତ୍ତିକ ପୂର୍ଣ୍ଣିମାରେ ପରିସମାପ୍ତି ଘଟିଛି। ମା ମାନେ ନିଜ ନିଜ ଘରକୁ ଫେରି ଯାଉଛନ୍ତି। ଏକ ମାସର ବ୍ରତ ମଧ୍ୟରେ ସେମାନଙ୍କୁ ସୁବିଧାରେ ରହଣି ବ୍ୟବସ୍ଥା, ବୃନ୍ଦାବତୀ ପୂଜା ବ୍ୟବସ୍ଥା, ମନ୍ଦିର ଦର୍ଶନ ବ୍ୟବସ୍ଥା, ମହାପ୍ରସାଦ ସେବନ ବ୍ୟବସ୍ଥା, ଭଜନ, କିର୍ତନ, ପ୍ରବଚନ ଇତ୍ୟାଦିର ବ୍ୟବସ୍ଥା, ସୁରକ୍ଷା, ଯାତାୟାତ ପାଇଁ ଗାଡି ବ୍ୟବସ୍ଥା, ଚିକିତ୍ସା ବ୍ୟବସ୍ଥା ଏକାଦଶୀରେ ଫଳ ଆହାର ବ୍ୟବସ୍ଥା ଇତ୍ୟାଦିକୁ ଶୃଙ୍ଖଳିତ ଭାବେ କରାଯାଇଥିଲା। ଏହା ଯେପରି ବିନା ତୃଟିରେ ସମାପନ ହେବ ସେଥିପାଇଁ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକାଧିକ ଥର ବୈଠକ ହେବା ସହ ବରିଷ୍ଠ ଅଧିକାରୀ ମାନଙ୍କୁ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଓ କର୍ମଚାରୀ, ମନ୍ଦିର ପରିଚାଳନା କମିଟି ସଦସ୍ୟ, ସମସ୍ତ ବିଭାଗର ଅଧିକାରୀ, କର୍ମଚାରୀ, ସୁରକ୍ଷା ଅଧିକାରୀ ଓ କର୍ମଚାରୀ, ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ, କର୍ମଚାରୀ ସ୍ୱେଛାସେବୀ, ଆଶାକର୍ମୀ, ଦାୟିତ୍ୱରେ ଥିବା ଶିକ୍ଷକ ଶିକ୍ଷୟତ୍ରୀ, କଳା ପରିବେଷଣ କରିଥିବା କଳାକାର ବୃନ୍ଦ, ସଫେଇ କର୍ମଚାରୀ ପ୍ରମୁଖଙ୍କ ସହଯୋଗରେ ଏହି ଆହ୍ୱାନ ପୂର୍ଣ୍ଣ କାର୍ଯ୍ୟ ସହଜ ଓ ଶୃଙ୍ଖଳିତ ହୋଇ ପାରିଥିଲା। ଏଥିପାଇଁ ଜିଲ୍ଲାପାଳ ସମର୍ଥ ବର୍ମା, ଏସପି ଡଃ. କନୱର ବିଶାଲ ସିଂ ଓ ସମସ୍ତ ବରିଷ୍ଠ ଅଧିକାରୀ ସମସ୍ତଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଛନ୍ତି। ସେହିପରି ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ ଏହି କାର୍ଯ୍ୟରେ ସହଯୋଗ କରିବା ସହ ଆଉ କଣ କରାଗଲେ ବ୍ୟବସ୍ଥା ଶୃଙ୍ଖଳିତ ହୋଇପାରିବ ସେଥିପ୍ରତି ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ତାହାକୁ ଉନ୍ନତ କରିଥିବାରୁ ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମଧ୍ୟ ସେମାନେ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ସ୍ୱୋପରି ୩ ହଜାରରୁ ଊର୍ଦ୍ଧ୍ୱ ମା ମାନେ ଯେପରି ମାସ ସାରା ସମସ୍ତଙ୍କୁ ସହଯୋଗ କରିଛନ୍ତି ଓ ସେମାନଙ୍କ ବ୍ରତ ଓ ପୂଜା ମାଧ୍ୟମରେ ସମସ୍ତଙ୍କ କଲ୍ୟାଣ ମଙ୍ଗଳ କାମନା କରିଛନ୍ତି ସେଥିପାଇଁ ମା ମାନଙ୍କୁ କୃତଜ୍ଞତା ଜଣା ଯାଇଛି। ବ୍ରତ ଆରମ୍ଭରେ ମୁଖ୍ୟମନ୍ତ୍ରୀ ହବିଷ୍ୟାଳୀ ବ୍ରତ ଉଦଘାଟନ କରିବା ସହ ସମସ୍ତ ମା ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ଏବଂ ସମସ୍ତ କାର୍ଯ୍ୟକୁ ପ୍ରଶାସନ ଶୃଙ୍ଖଳିତ ଭାବେ କରିବାକୁ ନିର୍ଦ୍ଦେଶ ଓ ପ୍ରେରଣା ଦେଇଥିଲେ। ସେଥିପାଇଁ ଜିଲ୍ଲାପାଳ ଓ ଏସପି ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ପୂର୍ବରୁ ସମସ୍ତ ହବିଷ୍ୟାଳୀ ମା ମାନଙ୍କୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଗୋଟିଏ ଗୋଟିଏ ଶାଲ ଓ ମହାପ୍ରଭୁଙ୍କ ଶୁଖିଲା ଭୋଗ ପ୍ରଦାନ କରାଯାଇଥିଲା। ଲୋତକପୂର୍ଣ୍ଣ ଆଖିରେ ମା ମାନେ ସରକାର, ପ୍ରଶାସନ ଓ ସ୍ୱେଚ୍ଛାସେବୀ ମାନଙ୍କୁ ଆଶୀର୍ବାଦ ଦେଇ ସ୍ୱ ଗୃହକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

# ବଲାଙ୍ଗିର ନିକଟସ୍ଥ ଜଙ୍ଗଲ ଓ ସହର ଜଳାଶୟର ପକ୍ଷୀ ସୁରକ୍ଷା ପାଇଁ ଦାବି

ବଲାଙ୍ଗିର, ୨୯/୧୧ (ନି.ପ୍ର): ବଲାଙ୍ଗିର ସହରର ୧୭ଟି ଜଳାଶୟ କୁ ଶୀତଦିନେ ଅନେକ ବିରଳ ପକ୍ଷୀ ଆଗମନ କରିଥାନ୍ତି । ଜଳାଶୟ ଗୁଡିକର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାନ୍ତି । ଏହି ବିରଳ ପକ୍ଷୀମାନଙ୍କୁ ସୁରକ୍ଷା ଦେବା ପାଇଁ ପକ୍ଷୀ ସୁରକ୍ଷା କମିଟି ପକ୍ଷରୁ ସ୍ଥାନୀୟ ଡିଏଫ୍ଓ ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଅସାଧୁତା ଶୀକାରୀମାନେ ନିରୀହ ପକ୍ଷୀମାନଙ୍କୁ ଅବାଧ ଶିକାର କରୁଛନ୍ତି । ଉକ୍ତ ନବଗତ ପକ୍ଷୀମାନଙ୍କୁ ଆସୁଥିବାରୁ ପରିବେଶ ଓ ପକ୍ଷୀପ୍ରେମୀମାନେ ବଲାଙ୍ଗିର ଜନସାଧାରଣ ଦେଖି ଆସୁଛନ୍ତି । ପକ୍ଷୀମାନଙ୍କୁ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଦାବୀ କରୁଛି । ପ୍ରହୁତ ପ୍ରଜାତି ର ପକ୍ଷୀମାନେ ଜଳାଶୟମାନଙ୍କୁ ଆଗମନ କରୁଥିବା ବେଳେ ତାଙ୍କୁ ସୁରକ୍ଷିତ କରିବା ପାଇଁ ପକ୍ଷୀ ପ୍ରେମିମାନେ ଦାବି କରି ଆସୁଛନ୍ତି । ଦିର୍ଘ ଦୁଇ ରୁ ତିନି ମାସ ଯାଏ ଆଗମନ ଚାଲିଥିବା ବେଳେ ବେଧଡକ ଶିକାର ଚାଲିଛି ଏବଂ ବଲାଙ୍ଗିର ସହରର କଦଲି ମୁଣ୍ଡା ନର୍ସରୀ ଗଳା ବେଳେ ରାସ୍ତାରେ ବ୍ରଜଧାମ ଗଲା ୭ କିମି ପ୍ରକୃତିର ଝରଣା ଆବିର୍ଭାବ ହୋଇଥିବା ଛୋଟ ହରିଶଙ୍କର ର ଅସମାଜିକ ଲୋକଙ୍କ ଆର୍ଡା ପାଲଟିଛି । ବିଭିନ୍ନ ପ୍ରଜାତିର ପକ୍ଷୀମାନେ ଆଗମନ କରିଥିବା ବେଳେ ହିଂସ୍ର ଜୀବଜନ୍ତୁ ମଧ୍ୟ ଅଛନ୍ତି । ଏମାନଙ୍କୁ ବଲାଙ୍ଗିର ସହରର ଆଖ ପାଖ ଗାଁ ଲୋକେ ମଧ୍ୟ ଜଙ୍ଗଲ କୁ ଯାଇ ମଦ୍ୟପାନ କରୁଛନ୍ତି ଏବଂ ଗଛ କାଟି ପରିବେଶ ନଷ୍ଟ କରୁଛନ୍ତି ଏ ଜାଗା କୁ ନିଷେଧାଂଚଳ କଲେ ଜୀବଜନ୍ତୁ ସୁରକ୍ଷିତ ରହିବା ସହିତ ପରିବେଶ ସୁରକ୍ଷିତ ରହିବ ଏବଂ ବଲାଙ୍ଗିର ସହର ଠାରୁ ୧୨ କିମି ଦୂରରେ ଥିବା ତାଲଝରନ ଖରସେଲ ଜଙ୍ଗଲ ମଧ୍ୟରେ ଥିବା ରାଜା ରାଜୁଡା ସମଳରୁ ଶିକାର ସ୍ଥଳ କୁ ବିଭିନ୍ନ ହିଂସ୍ର ଜୀବ ଜନ୍ତୁ ଏବଂ ପକ୍ଷୀ ରହୁଥିବା ବେଳେ ଆଖ ପାଖ ଗାଁ ଲୋକ ଜଙ୍ଗଲ କାଟି ନଷ୍ଟ କରି ଦେଉଥିବାରୁ ଏହାକୁ ମଧ୍ୟ ସୁରକ୍ଷା ହେତୁ ନିଷେଧାଂଚଳ ଘୋଷଣା କରାଯାଉ ବୋଲି ଶମ୍ଭୁ ପ୍ରସାଦ ଶତପଥି, ପ୍ରଶାନ୍ତ ମହାକୁର, ସୁଦର୍ଶନ ସାହୁ, ଅମର କର ଦାବି ପ୍ରଦାନ କରିଥିଲେ । ଏହି ସବୁ ଦାବି କୁ ସକାରାତ୍ମକ ଭାବେ ବିଚାର କରିବେ ବୋଲି ଡିଏଫ୍ଓ ନିତିଶ କୁମାର କହିବା ସହ ଜଳାଶୟର ପକ୍ଷୀଙ୍କ ସୁରକ୍ଷା ପାଇଁ ସଚେତନତା ପୂର୍ବକ ବନ୍ଧହିଡମାନଙ୍କରେ ନୋଟିସ ବୋର୍ଡ ଲଗାଯିବା ସହ ବିରଳ ପକ୍ଷୀ ଶୀକାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ପୁନଶ୍ଚ ବଲାଙ୍ଗିର ସହର ନିକଟସ୍ଥ ଜଙ୍ଗଲ କୁ ନିଷିଦ୍ଧାଂଚଳରେ ପରିଣତ କରାଯିବ ବୋଲି ସେ କହିଥିଲେ । ବଲାଙ୍ଗିର ଜିଲ୍ଲାରେ ପଶୁ ପକ୍ଷୀଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଦେବା ପାଇଁ ସେ ପ୍ରାୟସ କରିବେ ବୋଲି କହିବା ସହ ପଶୁପକ୍ଷୀଙ୍କ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ ।

# ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

ଚମ୍ପୁଆ, ୨୯/୧୧ (ନି.ପ୍ର): ଉପାନ୍ତ ଚମ୍ପୁଆ ବ୍ଲକ କାର୍ଯ୍ୟଳୟ ପରିସରରେ ଚମ୍ପୁଆ କୃଷି ବିଭାଗ ପକ୍ଷରୁ ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦଘାଟିତ ହୋଇ ଯାଇଛି। ଏହି ମେଳାକୁ ମୁଖ୍ୟ ଅତିଥିଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ପାଟଣା ବିଧାୟକ ଜଗନ୍ନାଥ ନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, କେନ୍ଦୁଝର ସଦର ବିଧାୟକ ମୋହନ ମାଝୀ, କେନ୍ଦୁଝର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମିହିର ସାହୁ, ସହକାରୀ ଜିଲ୍ଲା କୃଷି ଅଧିକାରୀ ସତ୍ୟବାନ ସୋରେନ, ଚମ୍ପୁଆ ଗୋଷ୍ଠି ଉନ୍ନୟନ ଅଧିକାରୀ ରାଜା ରଣଜିତ ପ୍ରତାପ ବଳ, ଚମ୍ପୁଆ ପଂଚାୟତ ସମିତି ଅଧକ୍ଷ ସୁରେଶ ନାୟକ, ଜିଲ୍ଲା ବିଜେଡି ମହିଳା ସଭାପତି ରମଣୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସର ରେ ସମସ୍ତ ସମ୍ମାନିତ ଅତିଥି ତଥା ମାଣ୍ଡିଆ ଦିଦି ଭାବେ ସାରା ରାଜ୍ୟରେ ପରିଚିତ ମୟୂରଭଞ୍ଜ ଜିଲ୍ଲାର ସଫଳ ମାଣ୍ଡିଆ ଚାଷୀ ସୁବାସ ମହାନ୍ତଙ୍କୁ ଉପଢୌକନ ଓ ପୁଷ୍ପ ମାଲ୍ୟ ଦେଇ ସ୍ୱାଗତ କରାଯାଇଥିଲା। ଚାଷୀଙ୍କୁ ଉନ୍ନତ ମାନର ଏବଂ ରିହାତି ଦରରେ କୃଷି ଯନ୍ତ୍ର ପାତି ଯୋଗାଇ ଦେବା ଲକ୍ଷରେ ଏହି ମେଳା ର ଆୟୋଜନ କରା ଯାଇଥିବା ବେଳେ ସମଗ୍ର କେନ୍ଦୁଝର ଜିଲ୍ଲା ରୁ କୃଷି ଯନ୍ତ୍ରପାତି ଡିଲର ମାନେ ଏଥିରେ ଅଂଶ ଗ୍ରହଣ କରି ଚାଷୀଙ୍କୁ ସରକାରଙ୍କ ତରଫରୁ ଯୋଗାଇ ଦିଆ ଯାଉଥିବା ରିହାତି ବିଷୟରେ ଅବଗତ କରିବା ସହିତ କୃଷି ଯନ୍ତ୍ରପାତି ର ବ୍ୟବହାର ସଂପର୍କରେ ବୁଝାଇ ଥିଲେ। ଏହା ବ୍ୟତୀତ ଓଡ଼ିଶା କୃଷି ଶିଳ୍ପ ନିଗମ, ଖେତଓ୍ୱାର୍କ ର ସୌର ଚାଳିତ ଜଳ ସେଚନ ଯନ୍ତ୍ରପାତି, ଉତ୍କଳ ସେଲ୍ସ, କୃଷକ ସେବା କେନ୍ଦ୍ର , ଓମ ଏଂଟରପ୍ରାଇସେସ, ଓପିକଲ, ଓଡ଼ିଶା ମିଲେଟ ମିଶନ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମୃତ୍ତିକା ସଂରକ୍ଷଣ ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ମତ୍ସ୍ୟ ବିଭାଗ, ଉଦ୍ୟାନ ବିଭାଗ, ଚମ୍ପୁଆ କୃଷକ ଉତ୍ପାଦନ ସଂଗଠନ ଇତ୍ୟାଦି ମୋଟ ୪୬ ଟି ଷ୍ଟଲ ଖୋଲା ଯାଇ ଚାଷୀଙ୍କୁ ବିଭିନ୍ନ କୃଷି ସମ୍ବନ୍ଧୀୟ ପରାମର୍ଶ ଦିଆଯାଇଥିଲା। ଚମ୍ପୁଆ ବ୍ଲକ କୃଷି ଅଧିକାରୀ ନୀଳମାଧବ ଦାସ, ଯୋଡ଼ା ବ୍ଲକ କୃଷି ଅଧିକାରୀ ସଂଯୁକ୍ତା ମୁଣ୍ଡା, ଝୁମ୍ପୁରା ବ୍ଲକ କୃଷି ଅଧିକାରୀ ସମତା ମହାନ୍ତ, ଚମ୍ପୁଆ ସହକାରୀ କୃଷି ଅଧିକାରୀ ପ୍ରିୟଙ୍କା ମିଶ୍ର, ରମାମଣୀ ସାହୁ, ରତିକାନ୍ତ ମହାନ୍ତି, ଦେବବ୍ରତ ମିଶ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବ୍ଲକ କୃଷି ଅଧିକାରୀ ପରେଶ ଦାସ ମଂଚ ପରିଚାଳନା କରିଥିଲେ। ଏହି କୃଷି ଯନ୍ତ୍ରପାତି ମେଳା ୩ ଦିନ ଧରି ଅନୁଷ୍ଠିତ ହେବ ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି।

# ବଲାଙ୍ଗିର ପଶ୍ଚିମ ଓଡିଶାସ୍ତରୀୟ ଡେଡ୍ ଲିଫ୍ଟ ଚମ୍ପିୟାନସିପ୍

ବଲାଙ୍ଗିର, ୨୯/୧୧ (ନି.ପ୍ର): ବଲାଙ୍ଗିର ଜିଲ୍ଲା ବିଏବିବିଏ ଆନୁକୁଲ୍ୟରେ ସ୍ଥାନୀୟ କଳା ମଣ୍ଡପ ଫିଲ୍ଡ ରେ ପଶ୍ଚିମ ଓଡିଶା ସ୍ତରୀୟ ଡେଡ୍ ଲିଫ୍ଟ ଚମ୍ପିୟାନସିପ୍ ଉଭୟ ପୁରୁଷ ଓ ମହିଳା ଙ୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ପଶ୍ଚିମ ଓଡିଶାର ବିଭିନ୍ନ ସହରରୁ ସଭ୍ୟମାନେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଜିଲ୍ଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀ ସମ୍ମାନୀୟ ଅତିଥି ବିଙ୍ଗ୍ ଷ୍ଟ୍ରଙ୍ଗ ଓନ୍ର ସତ୍ୟନାରାୟଣ ଦର୍ଜୀ, ଜାନା ବ୍ୟାଙ୍କର ଭାସ୍କର ଆଚାର୍ଯ୍ୟ, ବିଙ୍ଗ୍ ହ୍ୟୁମେନ୍ ଫାଇନାନ୍ସିସନ ର କାର୍ଯ୍ୟକର୍ତ୍ତା ସୋମନାଥ ମିଶ୍ର, ସ୍ୱତନ୍ତ୍ର ଅତିଥି ଅମିତ ଭୋଇୟା ପ୍ରମୁଖ ପୁରସ୍କାର ବିତରଣ କରିଥିଲେ । ମୁଖ୍ୟ ଆୟୋଜକ ଡିଏବିବିଏ ର ସେକ୍ରେଟେରୀ ସଞ୍ଜୟ ଶତପଥି, ଟିଟିଲାଗଡରୁ ଆସିଥିବା ଗୌତମ ଏଡ୍ଡଏଡ୍, କାଳିଆ ସାହୁ, ବବ୍ଲୁ ରତୀ, ନିଳମଣି ସାହୁ, ସୋମନାଥ ପଟ୍ଟନାୟକ ସୁଦାମ ବେହେରା ବିଚାରକ ଦାୟିତ୍ୱ ତୁଲାଇଥିଲେ । ମହିଳା ଡେଡ୍ଲିଫ୍ଟ ରେ ୫୨ କେଜି ବିଭାଗରେ ବଲାଙ୍ଗିର ର ମୋନାଲିସା ବିଶି ପ୍ରଥମ, ୫୭ କେଜି ବିଭାଗରେ ବଲାଙ୍ଗିର ର ଗୁଞ୍ଜନ ପାଣିଗ୍ରାହୀ ୬୩ କେଜି ବିଭାଗରେ ଅର୍ଚ୍ଚନା ଚୌହାନ ଦ୍ୱିତୀୟ, ୬୯ କେଜି ବିଭାଗରେ ପୂଜା ଚୌହାନ ଦ୍ୱିତୀୟ, ୭୬ କେଜି ବିଭାଗରେ ସରୀନା ଡୁଙ୍ଗଡୁଙ୍ଗ ଦ୍ୱିତୀୟ, ୮୪ କେଜି ବିଭାଗରେ ପ୍ରଥମ ରେ ନିତୁ ଡୁଙ୍ଗଡୁଙ୍ଗ, ଦ୍ୱିତୀୟରେ ପି.ଗିରିଜା ସୁବିଦ୍ଧି, ତୃତୀୟରେ ଶ୍ରୀୟା ପଣ୍ଡା, ୮୪ କେଜି ବିଭାଗରେ ସିନିୟର ରିଙ୍କୁ ସୁନା ପ୍ରଥମ ସ୍ଥାନ ହାସଲ କରିଥିଲେ । ପୁରୁଷ ଡେଡ୍ ଲିଫ୍ଟ ବିଭାଗରେ ୫୩ କେଜି ରେ ସାହିଲ ସ୍ୱାଇଁ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ୫୩ କେଜି ସିନିୟର ବିଭାଗରେ ହେମନ୍ତ ନାଗ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ୫୯ କେଜି ବିଭାଗରେ ରମାକାନ୍ତ ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି, ଦ୍ୱିତୀୟରେ ଅଖିଳେଶ ସାହୁ । ୬୬ କେଜି ବିଭାଗରେ ଦ୍ୱିତୀୟରେ ବୁଲୁ ବାଗ, ୬୬ କେଜି ମାଷ୍ଟରରେ ଏନ୍.ପ୍ରଧାନୀ ପ୍ରଥମ ସ୍ଥାନ, ୭୪ କେଜି ବିଭାଗରେ ହେମନ୍ତ ବାଗ ଦ୍ୱିତୀୟ ସ୍ଥାନ, ୭୪ କେଜି ସିନିୟର ରେ ପରମାନନ୍ଦ ସୁନା ବଲାଙ୍ଗିର ପ୍ରଥମ ସ୍ଥାନ, ୭୪ କେଜି ମାଷ୍ଟର ରେ ଗୋପାଳ ସୁନା ପ୍ରଥମ ସ୍ଥାନ, ୮୩ କେଜି ବିଭାଗରେ ଭୂପତି ସାହୁ, ଦ୍ୱିତୀୟ ସ୍ଥାନ, ୮୩ କେଜି ବିଭାଗରେ ସିନିୟର ରେ ରାମ ପ୍ରସାଦ ବିଶି ପ୍ରଥମ ସ୍ଥାନ, ୯୩ କେଜି ବିଭାଗରେ ଟଙ୍କଧର ଗଡତିୟା ଦ୍ୱିତୀୟ ସ୍ଥାନ, ୧୦୫ କେଜି ବିଭାଗରେ ସିମନ କୁମାର ଦ୍ୱିତୀୟ ସ୍ଥାନ, ୧୦୫ କେଜି ସିନିୟରରେ ଉମାକାନ୍ତ ପାତ୍ର ପ୍ରଥମ ସ୍ଥାନ, ୧୨୦ କେଜି ବିଭାଗରେ ଆଦେଶ ମିଶ୍ର ପ୍ରଥମ ସ୍ଥାନ, ୧୨୦ କେଜି ସିନିୟରରେ ଉମାକାନ୍ତ ବେହେରା ପ୍ରଥମ ସ୍ଥାନ । ପ୍ରତିଯୋଗିତାରେ ସର୍ବାଧିକ ସୁବ୍ରତ ଭାଟି ୨୭୦ କେଜି ମାରି ଷ୍ଟ୍ରଙ୍ଗ ମ୍ୟାନ ଉପାଧି ପାଇଥିଲେ । ପ୍ରତିଯୋଗିତାରେ ଜୁନିୟରରେ ଉମାକାନ୍ତ ମିଶ୍ର ୧୮୦ କେଜି ମାରି ଜୁନିୟର ଷ୍ଟ୍ରଙ୍ଗ ମେନ୍ ଉପାଧି ପାଇଥିଲେ । ପ୍ରତିଯୋଗିତାରେ ମହିଳା ବିଭାଗରେ ସମ୍ବଲପୁରର ଉର୍ମିଳା ବେହେରା ୧୩୫ କେଜି ମାରି ସିନିୟର ଷ୍ଟ୍ରଙ୍ଗ ଓମେନ୍ ଉପାଧି ପାଇଥିଲେ । ପ୍ରତିଯୋଗିତାରେ ଝାରସୁଗୁଡା ର ଅଞ୍ଜଳି ସାହୁ ଜୁନିୟର ଷ୍ଟଙ୍ଗ ଓମେନ ଉପାଧି ପାଇଥିଲେ । ପ୍ରତିଯୋଗିତା କୁ ସଫଳ କରିବାରେ ସଭ୍ୟ ବବ୍ଲୁ ମିଶ୍ର, ରାମସିଂ, ଅନିଲ ନାଏକ, ସନି ନାମଦେଓ, ସାର୍ଥକ ଶ୍ରୀବାସ୍ତବ, ନିକେଶ ସାହୁ, ଅଦ୍ୱିତୀ ସିଂଦେଓ, ରୁକ୍ମଣି ବାଗ, ବିଭୁ, ସଚୀନ, କାଶି, ମନୋରଂଜନ, ଯୁବରାଜ, ରାହୁଲ ପାଣିଗ୍ରାହୀ, ନେପାଲ ବାଗ, ବିଡିଜିଏ ସଂପାଦକ ସଂଗ୍ରାମ ବହିଦାର ପ୍ରମୁଖ ସହଯୋଗ କରିଥିଲେ ।

# ମାଇଁ ଏନସିସି ଆଲୁମିନି ଆସୋସିଏସନର ସପ୍ତମ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୨୯/୧୧ (ନି.ପ୍ର): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ମାଇଁ ଏନ.ସି. ସି. ଆଲୁମିନି ଆସୋସିଏସନର ସପ୍ତମ ବାର୍ଷିକ ଉତ୍ସବ-୨୦୨୩ ଉଦଯାପିତ ହୋଇ ଯାଇଛି। ଅଧକ୍ଷ ଗୋପାଳ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ପୂର୍ବତନ ଅଧକ୍ଷ ମେଜର ପୀତବାସ ମହାନ୍ତି, ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ବିନ୍ଦୁମିତ୍ର ବଳ,ଏନ.ସି. ସି. ବାଳକ ବିଭାଗର ଭାରପ୍ରାପ୍ତ ଅଧିକାରୀ ସତ୍ୟରଞ୍ଜନ ମିଶ୍ର ଏବଂ ମାଇଁ ଏନ.ସି.ସି. ଆଲୁମିନି ଆସୋସିଏସନର ସଭାପତି ପ୍ରଭାସିନୀ ସାହୁ ଓ ସମ୍ପାଦକ ଚିନ୍ମୟ କୁମାର ବିଶ୍ୱାଳଙ୍କ ସମେତ ଏନ.ସି. ସି.ର ବହୁ ପୁରାତନ ସଦସ୍ୟ ମାନେ ଯୋଗଦେଇଥିଲେ। ଏହି ଉତ୍ସବରେ ଏନ.ସି. ସି. ବାଳିକା ବିଭାଗର କ୍ୟାପଟେନ ସୀମା ମହାନ୍ତି ଅଧକ୍ଷତା କରିଥିବା ବେଳେ ଅତିଥି ମାନେ ନିଜ ନିଜ ବକ୍ତବ୍ୟରେ ସମର ଶିକ୍ଷାର୍ଥୀ ବାହିନର ଦେଶ ଗଠନରେ ଅତୁଳନୀୟ ଭୂମିକା ଏବଂ ସେମାନେ କିପରି ଶୃଙ୍ଖଳିତ ଓ ସମୟାନୁବର୍ତ୍ତିତା ହୋଇପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତ ବର୍ଷ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରୀୟ ନାଚ, ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗୀତାର କୃତି ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି ସହିତ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। "ମାଇଁ ଏନ.ସି. ସି. ଆଦର୍ଶ ସେବକ" ଭାବରେ ଗୌରାଙ୍ଗ ଶତପଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। "ମାଇଁ ଏନ.ସି.ସି. ସମ୍ପର୍କ ସମ୍ମାନ"ରେ ପ୍ରଶାନ୍ତ କୁମାର ନାୟକ ଏବଂ ଉମାକାନ୍ତ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଆସୋସିଏସନର ସଦସ୍ୟ ପୁରୁଷୋତ୍ତମ ପ୍ରଧାନ, ଆଶିଷ କୁମାର ଦାସ, ଶାଜିଦ ଖାନ, ସନ୍ତୋଷ କୁମାର ପ୍ରଧାନ ଏବଂ ପ୍ରଫୁଲ୍ଲ କୁମାର ଯେନା ପ୍ରମୁଖଙ୍କୁ ମାଇଁ ଏନ.ସି.ସି. ପ୍ରଗତିଶୀଳ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଏନ.ସି.ସି.କ୍ୟାଡେଟ ମାନଙ୍କ ମଧ୍ୟରେ ଗାର୍ଲ୍ସ ଉଇଙ୍ଗ ସିନିଅର ଅଣ୍ଡର ଅଫିସର ବର୍ଷା ପ୍ରିୟଦର୍ଶିନୀ ମିଶ୍ରଙ୍କୁ ସର୍ବୋଚ୍ଚ ନମ୍ବର ରଖିଥିବାରୁ "ଡକ୍ଟର ପ୍ରଭାସିନୀ ମହାପାତ୍ର ସ୍ମୃତି" ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ଜିଲ୍ଲାର ଦଶମ ଶ୍ରେଣୀରେ ଟପର ହୋଇଥିବା ଛାତ୍ରୀକୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ବେହେରାଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

## ଶ୍ରୀ ଜଗନ୍ନାଥ ଚାରି ଟେବୁଲ ଟ୍ରଷ୍ଟ ପକ୍ଷରୁ ନିରାମିଷ ଛାଡ଼ଖାଇ ପାଳନ

କେନ୍ଦ୍ରାପଡ଼ା, ୨୯/୧୧ (ନି.ପ୍ର): କାର୍ତ୍ତିକ ମାସ ବଡଓଷା ପରେ ଛାଡଖାଇ ପର୍ବ ପାଳନ ପାଇଁ ବହୁ ପରିମାଣର ଜୀବ ହତ୍ୟା କରାଯାଇ ମାଛ, ମାଂସ ଭକ୍ଷଣ କରାଯାଉ ଥିବା ବଦଳରେ ଜୀବେ ଦୟା ଓ ନିରାମିଷ ଭୋଜନ ଉପରେ ଗୁରୁତ୍ୱ ଦେଇ ଶ୍ରୀ ଜଗନ୍ନାଥ ଚାରି ଟେବୁଲ ଟ୍ରଷ୍ଟ ଏହାକୁ ପାଳନ କରିଛି । ଟ୍ରଷ୍ଟ ପକ୍ଷରୁ ନିରାମିଷ ଭୋଜନ ବ୍ୟବସ୍ଥା ମଧ୍ୟରେ ନିରାମିଷ ଅଣ୍ଡା, ନିରାମିଷ ମାଛ ଓ ନିରାମିଷ ଚିକେନ ମଟନ ପ୍ରସ୍ତୁତ କରାଯାଇ ବିତରଣ କରାଯାଇଛି । କେନ୍ଦ୍ରାପଡା ବ୍ଲକ ନିକଟରେ ଥିବା ସ୍ୱାଧିନ ହୋଟେଲ ପରିସରରେ ହୋଇଥିବା କାର୍ଯ୍ୟକ୍ରମରେ ବହୁ ବ୍ୟକ୍ତି ଓ ସ୍ୱେଚ୍ଛାସେବୀ ସାମିଲ ହୋଇ ଏହାକୁ ପାଳନ କରିଛନ୍ତି । ନିରାମିଷ ଖାଇବା ଓ ସୁସ୍ଥ ରହିବା ବାର୍ତ୍ତା ପ୍ରଚାର କରାଯାଇ ଥିଲା ।

# ପାଣିରେ ବୁଡ଼ିଯାଉଥିବା ଦୁଇ ଶିଶୁ ଉଦ୍ଧାର କଲେ ସତ୍ୟ ନାରାୟଣ

କୋରେଇ, ୨୯/୧୧ (ନି.ପ୍ର): କାର୍ତ୍ତିକ ପୂର୍ଣ୍ଣିମାରେ ଭସାଯାଇଥିବା ଡ଼ଙ୍ଗା ଗୁଡ଼ିକୁ ଆଣିବାକୁ ଯାଇ ପୋଖରୀରେ ବୁଡ଼ିଯାଉଥିବା ଦୁଇ ଶିଶୁଙ୍କୁ ଉଦ୍ଧାର କଲେ ସାହାସୀ ଯୁବକ। ସୂଚନାନୁସାରେ ସୋମବାର ଦିନ କାର୍ତ୍ତିକ ପୂର୍ଣ୍ଣିମା ଅବସରର ଗୋଳେଇପୁର ପଂଚାୟତ ଅନ୍ତର୍ଗତ ସାନସୋତି ଗ୍ରାମର ଇଶାନେଶ୍ୱର ମହାଦେବଙ୍କ ମନ୍ଦିର ନିକଟରେ ଥିବା ପୋଖରୀରେ ଗ୍ରାମର ଶ୍ରଦ୍ଧାଳୁ ମାନେ ଡ଼ଙ୍ଗା ଭସାଇ ଚାଲି ଯାଇଥିଲେ। ତେବେ ସଂଧ୍ୟାବେଳେ ଉକ୍ତ ମନ୍ଦିର ନିକଟରେ ଗ୍ରାମର ପିଲାମାନେ ଖେଳୁଥିବା ବେଳେ ଉକ୍ତ ଗ୍ରାମର ପ୍ରଶାନ୍ତ ଦାଶଙ୍କ ଦୁଇ ପୁଅ ସାଇ ଶଙ୍କର (୩ ବର୍ଷ ) ପୋଖରୀରେ ଭସାଯାଇଥିବା ଡ଼ଙ୍ଗା ଗୁଡ଼ିକୁ ଆଣିବା ଲାଗି ପାଣି ଭିତରକୁ ପଶିଥିଲା। ତେବେ ପୋଖାରୀର ଗଭୀରତା ଅଧିକା ଥିବାରୁ ସେ ସଙ୍ଗେ ସଙ୍ଗେ ବୁଡ଼ିଯାଇଥିଲା। ଉକ୍ତ ସମୟରେ କୁଳରେ ଥିବା ପ୍ରଶାନ୍ତଙ୍କ ବଡ଼ପୁଅ ସାର୍ଥକ (୯ ବର୍ଷ) ସାନଭାଇକୁ ଉଦ୍ଧାର କରିବା ଲାଗି ପୋଖରୀକୁ ପଶିଯିବା ଫଳରେ ସେ ମଧ୍ୟ ବୁଡ଼ିଯାଇଥିଲା। ତେବେ ଦୁଇ ଭାଇଙ୍କୁ ବୁଡ଼ି ଯାଉଥିବାର ଦେଖି ଅନ୍ୟ ପିଲାମାନେ ବଡ଼ ପାଟିରେ ଚିଲ୍ଲେଇଥିଲେ। ସେହି ସମୟରେ ନିଜ ଖଳାରେ କାମ କରୁଥିବା ସାହାସୀ ଯୁବକ ପୂର୍ବତନ ସରପଂଚ ଅଦୈତ୍ୟ ଚରଣ ଦାଶଙ୍କ ସାନପୁଅ ସତ୍ୟ ନାରାୟଣ ଦାଶ (କାଠିଆ) ଦୌଡ଼ିଯାଇ ପୋଖରୀକୁ ଡ଼େଇଁ ଦୁଇ ଶିଶୁଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ। ପ୍ରଶାନ୍ତ ଖବର ପାଇ ଘଟଣାସ୍ଥଳକୁ ଆସି ନିଜର ଦୁଇ ପୁଅଙ୍କୁ ଦେଖି ସତ୍ୟଙ୍କୁ କୃତଜ୍ଞତା ଜଣାଇଥିଲେ। ତେବେ ଉଭୟ ଶିଶୁ ବର୍ତ୍ତମାନ ସୁସ୍ଥ ଥିବାର ଜଣାପଡ଼ିଛି। ସତ୍ୟଙ୍କର ସାହାସ ଓ ତୁରନ୍ତ ଉଦ୍ଧାର ଲାଗି ଦୁଇ ଶିଶୁଙ୍କ ମୁଲ୍ୟବାନ ଜୀବନ ବଂଚିଯାଇଥିବାରୁ ତାଙ୍କୁ ଗ୍ରାମବାସୀ ମାନେ ଧନ୍ୟବାଦ ଜଣାଇଛନ୍ତି।

# ଚୋରି ବିଦ୍ୟୁତ୍ ତାର ସହ ପିକଅପ ଭ୍ୟାନ ଜବତ : ୩ ଅଭିଯୁକ୍ତ ଗିରଫ

ଧର୍ମଶାଳା, ୨୯/୧୧ (ନି.ପ୍ର): ଯାଜପୁର ଜିଲା ବଡଚଣା ପୋଲିସକୁ ମିଳିଛି ସଫଳତା । ପୋଲିସ ଦ୍ୱାରା ଚୋରି ବିଦ୍ୟୁତ୍ ତାର ସହ ସରଞ୍ଜାମ ଓ ଏକ ପିକଅପ ଭ୍ୟାନକୁ ଜବତ କରିଛି । ଏହି ଘଟଣାରେ ସମ୍ପୃକ୍ତ ଥିବା ୩ ଜଣ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ନେଇ ବଡଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି । ଅଭିଯୁକ୍ତମାନେ ହେଲେ ଗୋପପୁର ଅଂଚଳର ଧନେଶ୍ୱର ପ୍ରଧାନ(୨୩), ରଙ୍ଗେଇନାଥପୁର ଅଂଚଳର କଳ୍ପତରୁ ରାଉତ (୨୪) ଓ ସ୍ଥାନୀୟ ଖଇରା ଅଂଚଳର ଆଲୋକ ମହାରଣା(୩୪) ବୋଲି ଜଣାପଡିଛି । ସୂଚନା ମୁତାବକ, କିଛି ଦିନ ପୂର୍ବେ ବଡଚଣା ବିଦ୍ୟୁତ୍ ସବଡିଭିଜନ କାର୍ଯ୍ୟାଳୟରୁ ନିୟମିତ ଭାବେ ବିଦ୍ୟୁତ୍ ତାର ସହ ଅନ୍ୟାନ୍ୟ ବିଦ୍ୟୁତ୍ ସରଞ୍ଜାମ ଚୋରି ହେଉଥିଲା । ଏନେଇ ବିଭାଗୀୟ ସେକ୍ସନ ମ୍ୟାନେଜର ଗୋପାଳକୃଷ୍ଣ ମହାପାତ୍ର ବଡଚଣା ଥାନାରେ ଏତଲା ଦେଇଥିଲେ । ବଡଚଣା ଥାନା ପୋଲିସ କେସ୍ ନଂ ୩୬୭/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଏହି ତଦନ୍ତ ସମୟରେ ଏକ ପିକ୍ ଅପ ଭ୍ୟାନ, ତାର ଓ ଅନ୍ୟାନ୍ୟ ବିଦ୍ୟୁତ୍ ସରଞ୍ଜାମ ଜବତ କରିଥିବା ବେଳେ ୩ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳତା ପାଇଥିଲା । ଏହି ଘଟଣାର ତଦନ୍ତ ଜାରି ରହିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି ।

# ଓଡିଶା ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ

ବଲାଙ୍ଗୀର, ୨୯/୧୧ (ନି.ପ୍ର): ଗତ ଦୁଇ ଦିନ ଧରି ରାଜ୍ୟସ୍ତରୀୟ ଶକ୍ତି ଉତୋଳନ ପ୍ରତିଯୋଗିତା (ପାଓ୍ୱାର ଲିଫଟିଂ) ବଲାଙ୍ଗୀର ଜିଲ୍ଲା ଟାଉନ ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର ଜିଲ୍ଲା ପାଓ୍ୱାର ଲିଫଟିଂ ଆସୋସିଏସନ ତଥା ଏମ୍.ଏମ୍.ଫିଟ୍‌ନେସର ମିଳିତ ଆୟୋଜନରେ ଏହି ପ୍ରତିଯୋଗିତାରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୧୫୦ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ପ୍ରଥମ ଦିନରେ ସକାଳ ୯ଟାରୁ ଓଜନ ନେଇସାରିଲା ପରେ ଦ୍ୱିପ୍ରହର ୩ଟାରୁ ପ୍ରତିଯୋଗିତା ଆରମ୍ଭ ହୋଇ ରାତି ୧୦ଟା ପର୍ଯ୍ୟନ୍ତ ଓ ଦ୍ୱିତୀୟ ଦିବସରେ ସକାଳ ଘ.୧୦ ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଏହା ଚାଲିଥିଲା। ସବ୍ ଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର ଏହି ପରି ଚାରିଟି ବର୍ଗରେ ଏହି ପ୍ରତିଯୋଗିତା ପୁରୁଷ ଓ ମହିଳାମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୬୩ କେଜି ଜୁନିୟର ବର୍ଗରେ ରୋନିତ ରୋସନ ସ୍ୱାଇଁ ପ୍ରଥମ, ସବ୍ ଜୁନିୟର ରେ ନିଖିଲ ନାଗ ପ୍ରଥମ, ୫୯ କେଜି ବର୍ଗରେ (ଜୁନିୟର) ଯୋଗେଶ୍ୱର ବେହେରା ପ୍ରଥମ, ପ୍ରତ୍ୟୁଶ ପଟେଲ ଦ୍ୱିତୀୟ, ୬୬ କେଜି ସିନିୟର ବର୍ଗରେ ଗଜାନନ ପଟେଲ ପ୍ରଥମ, ସୁଭେନ ବେହେରା ଦ୍ୱିତୀୟ, ଜୁନିୟର ବର୍ଗରେ ସନ୍ତୋଷ ସ୍ୱାଇଁ ପ୍ରଥମ, ସ୍ୱସ୍ତିକ ସ୍ୱାଇଁ ଦ୍ୱିତୀୟ, ୬୬ କେଜି ସବ୍ ଜୁନିୟର ବର୍ଗରେ ପଂଚମ ପ୍ରଧାନ ପ୍ରଥମ, ୬୬ କେଜି ର ବେଂଚ ପ୍ରେସ ବର୍ଗରେ ଅଶୋକ ପୋଡ ପ୍ରଥମ, ୭୪ କେଜି ବର୍ଗରେ (ସିନିୟର) ଆତିଶ ବେଜ ପ୍ରଥମ, ବିମଳ ବିଶ୍ୱାଳ ଦ୍ୱିତୀୟ, ଜୁନିୟର ବର୍ଗରେ ଜ୍ଞାନରଂଜନ ମିଶ୍ର ପ୍ରଥମ, ଆଲୋକ ସାଗର ଦ୍ୱିତୀୟ, ପ୍ରିୟାଂଶୁ ମହାନ୍ତି ତୃତୀୟ, ୭୪ କେଜି ମାଷ୍ଟର ବର୍ଗରେ ରାଜା ନସ୍କର ପ୍ରଥମ। ସେହିପରି ୮୩ କେଜି ବର୍ଗରେ ଆଶିଷ ଦେହେରୀ ପ୍ରଥମ, ବେଂଚ ପ୍ରେସରେ ଆଶିଷ ଦେହୁରି ପ୍ରଥମ, ନିଖିଲ ସାହୁ ଦ୍ୱିତୀୟ ଓ ଶିବୁ ରାଉତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ୯୩ କେଜି ସିନିୟର ବର୍ଗରେ ସାଇରାମ ଗୌଡ ପ୍ରଥମ, ଓଁକାର ଡାଙ୍ଗ ଦ୍ୱିତୀୟ ଓ ତାଳଧ୍ୱଜ ସାହୁ ତୃତୀୟ, ୧୦୫ କେଜି ବର୍ଗରେ ଡେଡ୍‌ଲିଫ୍ଟରେ ପ୍ରଫୁଲ କ୍ଷତ୍ରୀ ପ୍ରଥମ, ୧୨୦ କେଜି ବର୍ଗରେ (ଜୁନିୟର) ଅଭିଜିତ ଦାଶ ପ୍ରଥମ, ଜୁନିୟର ରେ ଅନୁରାଗ ପ୍ରଧାନ ପ୍ରଥମ ଓ ୧୨୦ ରୁ ଉର୍ଦ୍ଧ୍ୱ ସବ୍ ଜୁନିୟର ବର୍ଗରେ ଏସ୍ ?.କେ. ଇଜହାରୁଦ୍ଧିନ ପ୍ରଥମ ସ୍ଥାନ ଗ୍ରହଣ କରିଥିଲେ। ମହିଳା ବର୍ଗରେ ସବ୍ ଜୁନିୟର ରେ ପ୍ରଜ୍ଞାନ ବେଜ୍ ପ୍ରଥମ, ଜୁନିୟରରେ ସାଗରିକା ପାଢୀ, ସିନିୟର ବର୍ଗରେ ଚିନ୍ମୟୀ ଦାଶ ପ୍ରଥମ, ମହିଳା ୬୬ କେଜି ବର୍ଗରେ ଶୋଭା ଛେତ୍ରୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଆତିଶ କୁମାର ବେଜ ଷ୍ଟ୍ରଙ୍ଗ ମେନ ଓ ଚିନ୍ମୟୀ ଦାଶ ଷ୍ଟ୍ରଙ୍ଗ ଓମେନ୍ ଆଖ୍ୟା ଲାଭ କରିଥିଲେ। ପ୍ରତିଯୋଗିତାରେ ବ୍ୟବସାୟୀ ନିଳମଣୀ ରଥ ମୁଖ୍ୟ ଅତିଥି ଓ କଳିଙ୍ଗ ବଡି ବିଲଡିଂ ଆସୋସିଏସନର ସଂପାଦକ ସନ୍ତୋଷ ମହାନ୍ତି ଅତିଥି ଏବଂ ସମାଜସେବୀ ଆକବର ଖାନ, ସଂଜିବ ରଥ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଦୁଇ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତା କୁ ଜିଲ୍ଲା ପାଓ୍ୱାର ଲିଫ୍ ?ଟିଂ ସଂଘର ସଭାପତି ପ୍ରଶାନ୍ତ ମଟାରୀ, ସଂପାଦକ ପ୍ରଶାନ୍ତ ଦାଶ ତଥା ଏମ୍‌ଏମ୍ ଫିଟନେସର ସମସ୍ତ ସଭ୍ୟ ସହଯୋଗ କରିଥିଲେ। ଓଡିଶା ପାଓ୍ୱାର ଲିଫଟିଂ ଆସୋସିଏସନର ସଂପାଦକ ରୁଦ୍ର ସାହୁ ଓ ବଲାଙ୍ଗିର ଆସୋସିଏସନର ସିନିୟର ଏଡ୍‌ଭାଇଜର ରୂପକ କୁମାର ବରାଳ ବିଚାରକ ର ଦାୟିତ୍ୱ ତୁଲାଇଥିଲେ।

## ନିଆଁ ଲାଗି ଜଳିଗଲା ଟାୟାର: ଅଳ୍ପକେ ବଂଚିଲା ଟ୍ରକ

କୋରେଇ, ୨୯/୧୧ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥରେ ଏକ ଟ୍ରକର ଟାୟାରରେ ନିଆଁ ଲାଗି ସଂପୂର୍ଣ୍ଣ ଟାୟାର ଦୁଇଟି ଜଳିଯାଇଥିଲେ ମଧ୍ୟ ସ୍ଥାନୀୟ ଲୋକଙ୍କ ସହଯୋଗ ଯୋଗୁଁ ଟ୍ରକଟିରେ ନିଆଁ ଲାଗିଯିବାରୁ ଅଳ୍ପକେ ବର୍ତିଯାଇଛି। ପ୍ରକଶ ଯେ ଗତ କାଲି ବିଳମ୍ବିତ ରାତିରେ ପାଣିକୋଇଲି ଛକ ମଧ୍ୟ ଦେଇ ଭଦ୍ରକ ଆଡୁ ଆସୁଥିବା ଏକ ଟ୍ରକ (ଟିଏସ୦୬ ୟୁବି୯୨୩୯)ର ପଛ ଟାୟାର ଦୁଇଟିରୁ ଧୁଆଁ ବାହାରୁଥିବାର ଦେଖି ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସମ୍ପାଦକ ମେଘନାଦ ଜେନା ଉକ୍ତ ଟ୍ରକଟିକୁ ଅଟକାଇଥିଲେ ମଧ୍ୟ ସେ ଭୟରେ ପଳାଇଆସିଥିଲା । କିନ୍ତୁ ଶର୍ମା ଟାଙ୍କି ନିକଟରେ ଉକ୍ତ ଟାୟାର ଦୁଇଟି ଜଳିଯାଇଥିଲା। ସ୍ଥାନୀୟ ଲୋକମାନେ ସଙ୍ଗେ ସଙ୍ଗେ ପାଣି ଢାଳି ନିଆଁକୁ ଲିଭାଇଥିଲେ। ଫଳରେ ଉକ୍ତ ଟ୍ରକଟି ସମ୍ପୂର୍ଣ୍ଣ ଜଳିଯିବାରୁ ବଂଚି ଯାଇଛି।

# ବିକଶିତ ଭାରତ ସଙ୍କଳ୍ପ ଯାତ୍ରା ରଥର ଶୁଭାରମ୍ଭ

କେନ୍ଦ୍ରାପଡ଼ା, ୨୯/୧୧ (ନି.ପ୍ର): କେନ୍ଦ୍ର ସରକାରଙ୍କ ଦ୍ୱାରା "ବିକଶିତ ଭାରତ ସଙ୍କଳ୍ପ ଯାତ୍ରା" ରଥ ପରିକ୍ରମା ସମୟରେ କେନ୍ଦ୍ରପଡ଼ା ବ୍ଲକ୍‌ରୁ ଓସ୍ତପୁର ଗ୍ରାମ ପଂଚାୟତ ପରିଭ୍ରମଣରେ ବାହାରିଥିଲା। ଏହି କ୍ରମରେ ସଙ୍କଳ୍ପ ଯାତ୍ରା ରଥ ଓସ୍ତପୁର ଗ୍ରାମ ପଂଚାୟତରେ ପହଂଚିବା ପରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା ସେଠାରେ ପ୍ରଥମ ଦିନର ପରିଭ୍ରମଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେଠାରେ କେନ୍ଦ୍ରାପଡ଼ା ବ୍ଲକ୍‌ର ଏବିଡିଓ ଅନିରୁଦ୍ଧ ବେହେରା, ଓସ୍ତପୁର ସରପଂଚ ପ୍ରସନ୍ନ କୁମାର ରାଉତ, ଜନ ପ୍ରତିନିଧି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଶିକ୍ଷକ, ଛାତ୍ରଛାତ୍ରୀ, ଗ୍ରାମବାସୀବୃନ୍ଦ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିଙ୍କ ସମେତ ଜିଲ୍ଲା ପରିଷଦର ଏପିଡି ଓ କେନ୍ଦ୍ରାପଡ଼ା ବ୍ଲକ୍‌ର କର୍ମକର୍ତ୍ତା ପ୍ରମୂଖ ଉପସ୍ଥିତ ଥିଲେ। ଓସ୍ତପୁର ଗ୍ରାମ ପଂଚାୟତରେ ପହଂଚିବା ପରେ ସଂକୀର୍ତ୍ତନ ମଣ୍ଡଳୀ ଓ ମହିଳା ମଣ୍ଡଳୀମାନେ ରଥକୁ ସ୍ୱାଗତ ଜଣାଇଥିଲେ।

# ଜନଶୁଣାଣି ଶିବିର ଅନୁଷ୍ଠିତ

ଭବାନୀପାଟଣା, ୨୯/୧୧ (ନି.ପ୍ର): ଆଜି ଧର୍ମଗଡସ୍ଥିତ ପଂଚାୟତ ସମିତି ସମ୍ମିଳନୀ ଗୃହରେ କଳାହାଣ୍ଡି ଜିଲ୍ଲାପାଳ ପି. ଅନ୍ୱେଷାଙ୍କ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପ ଜିଲ୍ଲାପାଳ ଧର୍ମଗଡ଼ ବିରଂଚି ନାରାୟଣ ଦରୱାନ୍, ପଂଚାୟତ ସମିତି ଅଧକ୍ଷା ବବିତା ପାଟଯୋଶୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୪ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୦ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୪ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୮ଟି ଅଭିଯୋଗର ସମାଧାନ ତତକ୍ଷଣାତ୍ କରାଯାଇଥିଲା।

## ଉଜ୍ଜ୍ୱଳ ଭବିଷ୍ୟତ ...

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ସହଯୋଗର ଏକ ନୂତନ ଭାବନାକୁ ନୂଆଦିଲ୍ଲୀ ଘୋଷଣାନାମାରେ ପ୍ରତିଫଳିତ କରାଯାଇଛି । ଏହା ଗର୍ବର ବିଷୟ ଯେ ଆମ ଅଧ୍ୟକ୍ଷତା କାଳରେ ଜି-୨୦ ୮୭ଟି ପରିଣାମ ବିଶିଷ୍ଟ ଏବଂ ୧୧୮ଟି ଗୃହୀତ ଦସ୍ତାବିଜ ହାସଲ କରିଛି, ଯାହା ଅତୀତ ତୁଳନାରେ ଉଲ୍ଲେଖନୀୟ ବୃଦ୍ଧି।

ଆମର ଜି-୨୦ ଅଧ୍ୟକ୍ଷତା ସମୟରେ ଭାରତ ଭୂ-ରାଜନୈତିକ ପ୍ରସଙ୍ଗ ଏବଂ ଆର୍ଥିକ ଅଭିବୃଦ୍ଧି ଏବଂ ବିକାଶ ଉପରେ ଏହାର ପ୍ରଭାବ ଉପରେ ଆଲୋଚନାର ନେତୃତ୍ୱ ନେଇଥିଲା । ଆତଙ୍କବାଦ ଏବଂ ସାଧାରଣ ନାଗରିକଙ୍କ ଅଯଥା ହତ୍ୟା ଗ୍ରହଣୀୟ ନୁହେଁ ଏବଂ ଆମକୁ ଶୂନ୍ୟ ସହନଶୀଳତା ନୀତି ସହିତ ଏହାର ସମାଧାନ କରିବାକୁ ହେବ । ଶତ୍ରୁତାକୁ ଛାଡି ମାନବିକତାକୁ ଆମେ ଗ୍ରହଣ କରିବା ଉଚିତ ଏବଂ ଏହା ଯୁଦ୍ଧର ଯୁଗ ନୁହେଁ ବୋଲି ଦୋହରାଇବା ଉଚିତ୍।

ମୁଁ ଆନନ୍ଦିତ ଯେ ଆମ ଅଧ୍ୟକ୍ଷତା କାଳରେ ଭାରତ ଅସାଧାରଣ ସଫଳତା ହାସଲ କରିଛି: ଏହା ବହୁପକ୍ଷବାଦକୁ ପୁନର୍ଜୀବିତ କରିଛି, ଗ୍ଲୋବାଲ ସାଉଥର ସ୍ୱରକୁ ବିସ୍ତାର କରି, ବିକାଶକୁ ପ୍ରୋତ୍ସାହିତ କରିଛି ଏବଂ ସବୁଠି ମହିଳା ସଶକ୍ତିକରଣ ପାଇଁ ଲଢ଼େଇ କରିଛି ।

ଯେତେବେଳେ ଆମେ ବ୍ରାଜିଲକୁ ଜି-୨୦ ଅଧ୍ୟକ୍ଷତା ହସ୍ତାନ୍ତର କରୁଛୁ, ଆମର ଏହି ବିଶ୍ୱାସ ରହିଛି ଯେ ଜନସାଧାରଣ, ପୃଥିବୀ, ଶାନ୍ତି ଏବଂ ସମୃଦ୍ଧି ପାଇଁ ଆମର ସାମୂହିକ ପଦକ୍ଷେପ ଆଗାମୀ ବର୍ଷଗୁଡ଼ିକରେ ଉତ୍ତମ ପରିଣାମ ଆଣିବ ।

# ଦିଲ୍ଲୀର ହାଉଜ୍‌ଖାସ ଜଗନ୍ନାଥ ମନ୍ଦିରରେ ବୋଇତ ବନ୍ଦାଣ ଉତ୍ସବ ପାଳନ



ନୂଆଦିଲ୍ଲୀ ତା ୨୭/୧୧, ନୂଆଦିଲ୍ଲୀର ହାଉଜଖାସ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ପର୍ବ ଓ ବୋଇତ ବନ୍ଦାଣ ଉତ୍ସବ ମହା ସମାରୋହରେ ପାଳନ କରାଯାଇଥିବା ଜଣାଯାଇଛି ।ମନ୍ଦିର ପରିଚାଳନା କମିଟି ଶ୍ରୀ ନୀଳାଚଳ ସେବା ସଂଘ ଦ୍ୱାରା ଆୟୋଜିତ ଏହି ମହୋତ୍ସବ ରେ ଦିଲ୍ଲୀ ଏବଂ ଜାତୀୟ ରାଜଧାନୀ କ୍ଷେତ୍ରର ଶତାଧିକ ଓଡ଼ିଆ ଓ ଅଣଓଡ଼ିଆ ଜନସାଧାରଣ ସେମାନଙ୍କର ପରିବାର ବର୍ଗ ଓ ବନ୍ଧୁପରିଜନ ଙ୍କ ସହିତ ସାମିଲ ହୋଇଥିବାର ଦେଖା ଯାଇଥିଲା ।ଚଳିତ ବର୍ଷ ର ପାର୍ବଣ ରେ ଭାଗ ନେଇ ଥିବା ଦର୍ଶକମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଉତ୍ସାହ, ଉଲ୍ଲାସ ଏବଂ ଉଦ୍ଦୀପନା ପରିଲକ୍ଷିତ କରାଯାଇଥିଲା ।ଏହି ଉପଲକ୍ଷେ ବୋଇତ ବନ୍ଦାଣ ର ସ୍ଥଳ ମନ୍ଦିର ପାର୍ଶ୍ୱବର୍ତ୍ତୀ ଫୁଆରା ର ଚାରିପଟ ଏବଂ ସମ୍ପୂର୍ଣ୍ଣ ମନ୍ଦିର ବେଢା କୁ ଖୁବ ସୁନ୍ଦର ଭାବେ ସଜାଯାଇଥିଲା । ସମଗ୍ର ପରିବେଶ ଅତ୍ୟନ୍ତ ଭକ୍ତିପୁତ ଓ ଉତ୍ସବ ମୁଖର ହୋଇପଡିଥିବାର ଲକ୍ଷ କରାଯାଇଥିଲା । ବଡ଼ି ଭୋରରୁ ପୂଜାରୀମାନେ ମୁଖ୍ୟ ମନ୍ଦିର ମଧ୍ୟରେ ଚାରିଦିଅଁଙ୍କର ସାମନାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ । ଏହାପରେ ଫୁଆରା ର ପୋଖରୀ ରେ ଭାସମାନ ଥିବା ସୁନ୍ଦର ଓ ସୁସଜ୍ଜିତ ବୋଇତ ଟିକୁ ପୂଜା କରାଯାଇଥିଲା । ଉପସ୍ଥିତ ମହିଳା ମାନେ ବୋଇତ ର ବନ୍ଦାପନା କାର୍ଯ୍ୟ ସମ୍ପନ୍ନ କରିଥିଲେ । ପରେ ପରେ ସମାରୋହର ମୁଖ୍ୟ ଆୟୋଜକ ତଥା ମନ୍ଦିରର ସମ୍ପାଦକ ରବିନ୍ଦ୍ର ନାଥ ପ୍ରଧାନଙ୍କର ତତ୍ତ୍ୱାବଧାନ ରେ ସମ୍ମାନୀତ ଅତିଥିବୃନ୍ଦ ପାରମ୍ପରିକ ଢଙ୍ଗରେ 'ଆ-କା-ମା-ବୈ' ଧ୍ୱନୀ ଉଚ୍ଚାରଣ କରିବା ସହିତ ସୁଶୋଭିତ ବୋଇତ ଟିର ଯାତ୍ରାର ଶୁଭାରମ୍ଭ କରାଇଥିଲେ । ସମଗ୍ର ଗଗନ ପବନ ହରିବୋଲ, ହୁଳହୁଳି ଏବଂ ଶଙ୍ଖଧ୍ୱନୀ, ଭଜନ-କୀର୍ତ୍ତନ ର ସୁଲଳିତ ସ୍ୱର ଝଙ୍କାର ତଥା ଘଣ୍ଟ, ଝାଞ୍ଜ ଓ ମୃଦଙ୍ଗ ଆଦି ବାଦ୍ୟ ର ଘୋର ଘର୍ଗର ନାଦରେ ପ୍ରକମ୍ପିତ ହୋଇ ଉଠିଥିଲା । ଓଡ଼ିଆ ଜାତିର ମାନ,ସମ୍ମାନ ଓ ସ୍ୱାଭିମାନ ର ପ୍ରତୀକ ବୋଇତ ଟି ଫୁଆରା ର ଚତୁଃପାର୍ଶ୍ୱରେ ପରିଭ୍ରମଣ କରିବାର ଦୃଶ୍ୟ ବେଶ ନିଆରା ଓ ମର୍ମସ୍ପର୍ଶୀ ଥିଲା । ଅତୀତ ରେ ଓଡ଼ିଶାର ସାଧବ ପୁଅମାନେ ସୁଦୂର ଜାଭା, ସୁମାତ୍ରା ,ବାଲି ଓ ବୋର୍ଣ୍ଣିଓ ଆଦି ଦ୍ୱୀପ କୁ ବେପାର ବଣିଜ ପାଇଁ ଯାତ୍ରା କରୁଥିବାର ସାଙ୍କେତିକ ଝଲକ ଏଠାରେ ମିଳିଥିଲା । ସତେଯେପରି ବିଶ୍ୱଭରୀ ଓଡ଼ିଆ ମାନଙ୍କ ର ସୌର୍ଯ୍ୟ, ବୀର୍ଯ୍ୟ ଓ ମାଧୁର୍ଯ୍ୟ ର ଗୌରବ ଗାଥା କୁ ଏହି ସାଧବ ପୁଅ ମାନେ ବଖାଣୁଥିବା ଭଳି ପ୍ରତୀୟମାନ ହେଉଥିଲା ।ଓଡ଼ିଶାର ନୌବାଣିଜ୍ୟ ର ସ୍ୱର୍ଣ୍ଣାଭ ଇତିହାସ, ଗୌରବମୟ ପରମ୍ପରା ଏବଂ ମହାନ ସାଂସ୍କୃତିକ ଐତିହ୍ୟର ଅପୂର୍ବ ରୂପାୟନ ଏଠାରେ ଦେଖିବାକୁ ମିଳିଥିଲା । ସମାରୋହର ବିଶେଷ ଆକର୍ଷଣ ଓଡିଶାରୁ ଆସିଥିବା ମୟୂରୀ ଟ୍ରୁପ ର ମନଲୋଭା ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ ଥିଲା । ସମଗ୍ର କାର୍ଯ୍ୟକ୍ରମ କୁ ସ୍ୱର୍ଣ୍ଣ ପ୍ରଭା ପତି ସୁଚାରୁ ରୂପେ ସଂଚାଳନା କରିଥିଲେ । ଏହି ଅବସରରେ ଉପସ୍ଥିତ ଶ୍ରଦ୍ଧାଳୁ ମାନଙ୍କୁ ମନ୍ଦିର ତରଫରୁ ସ୍ୱାଦିଷ୍ଟ ହବିଷ ପ୍ରସାଦ ପରଷା ଯାଇଥିଲା ।ସମଗ୍ର ବୋଇତ ବନ୍ଦାଣ ଉତ୍ସବ ର ସଫଳତା ପଛରେ ଶ୍ରୀ ନୀଳାଚଳ ସେବାସଙ୍ଘର ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ, ଉପଦେଷ୍ଟା ଅବନୀ ସାହୁ ଏବଂ ସଦସ୍ୟ ବୃନ୍ଦ ଯଥା ବିଘ୍ନେଶ୍ୱର ରାଉତ, ଗଜେନ୍ଦ୍ର ସାମନ୍ତ ,ଅଶୋକ ପ୍ରଧାନ (କ),ପଙ୍କଜ ମହାନ୍ତି, କ୍ଷୀରୋଦ ପାତ୍ର, ଜିତେନ୍ଦ୍ର ମହାପାତ୍ର, ଅଜୟ ପ୍ରଧାନ, ଅଶୋକ ପ୍ରଧାନ(ଖ),ନିଷିଦ୍ଧ କୁମାର ଦାସ,ରଙ୍କନିଧି ସାହୁ,ଅଭୟ ପ୍ରଧାନ,ଦିଲ୍ଲୀପ ସ୍ୱାଇଁ, ଅଭିରାମ ସୁତାର, ସୁରଜ ନାୟକ ଓ ମନ୍ଦିର ପରିଚାଳକ ରଶ୍ମି ରଞ୍ଜନ ବେହେରା ପ୍ରମୁଖଙ୍କ ଭୂମିକା ବେଶ ଉଲ୍ଲେଖଯୋଗ୍ୟ ଥିଲା । ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କ ମଧ୍ୟରେ ଡ଼ଃ ସରୋଜ କୁମାର ଜେନା, ରଂଜିତା ଜେନା, ରାଘବ ଦାଶ ଓ ଆଇନଜୀବୀ ସନ୍ତୋଷ ରାଉତ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ ।

# ଭଂଜପୁର ଜଗଦ୍ଧାତ୍ରୀ ମେଳାର ୩ୟ ସନ୍ଧ୍ୟା: ଓଡିଶୀ, ଝୁମର ଓ ଆଦିବାସୀ ନୃତ୍ୟରେ ଝୁମିଲେ ଦର୍ଶକ




ବାରିପଦା, ୨୯/୧୧ (ନି.ପ୍ର): ଭଂଜପୁର ଠାରେ ମା' ଜଗଦ୍ଧାତ୍ରୀଙ୍କ ପୂଜା ଅବସରରେ ଆୟୋଜିତ ମେଳାର ତୃତୀୟ ସନ୍ଧ୍ୟାରେ ହିମାଦ୍ରୀ ତନୟା ଚୌଧୁରୀ ଓ ସୁଶ୍ରୀ ପଦ୍ମଜା ରାଧା ସଙ୍ଗେ ନାଚେ ମୁରଲୀ ପାଣି ଓଡିଶୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମୋହିତ କରିଥିଲେ । ପରେ ପରେ ଓମ ବିନ୍ଦୁ ଝୁମର ମେଲୋଡି, ବାହାଦୁରପୁରର ଝୁମର ଗୀତ ଓ ନୃତ୍ୟର ତାଳେ ତାଳେ ଝୁମିଥିଲେ ଦର୍ଶକ । କାର୍ଯ୍ୟକ୍ରମ ଚାଲିଥିବା ସମୟରେ ମେଳା ସହିତ ଆରମ୍ଭରୁ ଜଡିତ ଥିବା ମେଘନାଥ ପଲେଇଙ୍କ ମୃତ୍ୟୁ ଖବର ପାଇ କମିଟି ସଦସ୍ୟ ମାନଙ୍କ ସହ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଥିବା ସହ ତୁରନ୍ତ ଝୁମର କାର୍ଯ୍ୟକ୍ରମକୁ ବନ୍ଦ କରି କମିଟିର ସଭ୍ୟ ମାନେ ଅମର ଆତ୍ମାର ସଦଗତି ନିମନ୍ତେ ମଞ୍ଚରେ ଏକ ମିନିଟ ନୀରବ ପ୍ରାର୍ଥନା କରିଥିଲେ । ଶେଷରେ ଓଡିଶା ମୁଣ୍ଡାରୀ ଛାତ୍ର ସଙ୍ଘ ପକ୍ଷରୁ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା । ସୋମନାଥ ସିଂହ ଓ ଆଲୋକ ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ, ଆସନ୍ତା କାଲି ଚାରୁ ଏକାଡେମୀ, କରଞ୍ଜିଆ, ଶ୍ରୀ ଜଗନ୍ନାଥ ଡ୍ୟାନ୍ସ କ୍ରିଉ, ହରିହର କଳାମନ୍ଦିର, ବୀଣାପାଣି କଳା ବିକାଶ କେନ୍ଦ୍ର ଓ ଶେଷରେ ମୟୁରଭଞ୍ଜ ଆଦିବାସୀ ଛାତ୍ର ସଙ୍ଘ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ସାଂସ୍କୃତିକ ସମ୍ପାଦକ ମାନସ ମହାନ୍ତି ଓ ପ୍ରିତମ ପଣ୍ଡା ଜଣାଇଛନ୍ତି ।

# ଖୋର୍ଦ୍ଧା ସହରରେ ଥିବା ବଡ ବଡ଼ ରାଜା ରାଜୁଡ଼ା ପୋଖରୀ ଅବହେଳିତ: ପୌରପରିଷଦ ଦୂରଦୃଷ୍ଟି ଅଭାବ

ଖୋର୍ଦ୍ଧା, ୨୯/୧୧ (ନି.ପ୍ର): କାର୍ତ୍ତିକ ଶେଷ ସୋମବାର ଓ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଦିନ , ମହିଳା,ପୁରୁଷ, ଛୋଟ ପିଲା ପୂର୍ବପୁରଷ ବୋଇତ ବନ୍ଧାଣ (ନାଆ ବସାଇବା ପାଇଁ ଗତ ରାତିରୁ ୨୬.୧୧.୦୨୩ ଉତକଣ୍ଠା । ସେମାନେ ନାଆ କାଗଜ ରେ ତିଆରି ରଙ୍ଗୀନ , ଓ ବାଣ କିଣି କିପରି ନିକଟସ୍ଥ ନାଳ, ପୁଷ୍କରିଣୀ, ନଦୀ ଭସାଇ ପାଇଁ ବଡିଭୋର ଯାଇ ନାଆ ବସାଇ ବୋଇତ ବନ୍ଦାଣ ଗୀତ ବୋଲି ଜଳାଶୟ ରେ ଭସାଇ ତିଳ ଦର୍ପଣ କାରୀ ଦେବଦେବୀଙ୍କ ଆଶ୍ରୀବାଦ ମାଗି ଥାଆନ୍ତି । ଏହା ପରେ ନିକଟ ମନ୍ଧିର ଠାକୁର ଦର୍ଶନ ଭୋଗ ରାଗ କରି, ପାଦୁକ ଓ ବେଲ ତୁଳସୀ ପତ୍ର ପାନ କାରୀ ଥାଆନ୍ତି । ଏବେ ଖୋର୍ଦ୍ଧା ପୌରପରିଷଦରେ ଯେତେ ପୁଷ୍କରିଣୀ ଅଛି ତାହା ବହୁ ନାମଜାଦା ପୋଖରୀ ତାହାର ରକ୍ଷଣା ବକ୍ଷଣା ଅଭାବ ଯୋଗୁ ଏହି ପୁଷ୍କରରଣିମାନ ବେବହାର ପାଇଁ ଉପଯୁକ୍ତ ନୁହେଁ । ଦଳ, ଅନା ବନା ଗଛ, ପଙ୍କ ଯୋଗୁ ଗାଧୁଆ ତୁଠ, ଖସଡ଼ା, ଆବୁ ଢ଼ାବୁ ଯୋଗୁ ମଣିଷ ଗୋରୁ ଗାଇ, ପଶୁ ପକ୍ଷୀ ବି ଯିବାକୁ କଷ୍ଟ ।ପାଣି ଏପରି ତାହା ବିଶୋଧନ ନ ହେବାରୁ ବିଭିନ୍ନ ପ୍ରକାର ଜର୍ମ ରୋଗ ହୁଏ ଲୋକେ କହନ୍ତି । ବାହାରୁ ଆସିଥିବା ପଥିକ ଏହି ପୁଷ୍କରିଣୀ ଯାଇ ହଇରାଣ ଓ ଜୀବନ ହରାଇଛନ୍ତି ଏହାର ବହୁ ଦୃଷ୍ଟାନ୍ତ ଅଛି । ଆଲୋଡନ ଖୋର୍ଦ୍ଧା ସୃଷ୍ଟି କରିଛି ତଥାପି ପୌର ଅଧିକାରୀ ନିରବ ନା କଣ ? ଏହାର ଏକ ପୁଷ୍କରିଣୀ ଉଦ୍ଧାହରଣ ଲୋକ ଲୋଚନ ଆଣିବାକୁ ଲୋକେ ଦାବି କରୁଛନ୍ତି ।ବହୁ ପୂରାତନ ବଡ଼ ପୋଖରୀ ଭାଲିଆବାଡି ହାଟ ପୋଖରୀ ଯାହା ଏବେ ଖୋର୍ଦ୍ଧା ପୌରପରିଷଦ ୫ନମ୍ବର ୱାର୍ଡ଼ ଯାଉଛି ।ଆଉ ରହିଲା ୯/ ୧୦ ନମ୍ବର ୱାର୍ଡ଼ ଭାଲିବାଡ଼ି ଲୋକେଶ୍ୱର୍ ପୋଖରୀ (ଲୋକେଶ୍ୱର ପ୍ରସିଦ୍ଧ ମହାଦେବ ମନ୍ଦୀର ଲାଗି ବିରାଟ ପୁଷ୍କରିଣୀ ଯାହା ପ୍ରାୟ ୨/୩ ଏକର ଜାଗାରେ ,ତାହା ଅବସ୍ଥା ନ ଦେଖି ନ ଜାଇ କହି ହେବ ନାହିଁ । ହାଟ ପୋଖରୀ ଖୋର୍ଦ୍ଧା ନୂଆ ବସ ଷ୍ଟାଣ୍ଡ ପାଖ । ଏହି ପୋଖରୀ ଉପରେ ହଜାର ହଜାର ଲୋକ ସ୍ଥାନୀୟ ଓ ଯାତ୍ରୀ ବେବହାର କରନ୍ତି । ମାତ୍ର ଏହି ପୋଖରୀରେ ପାଣି ଆଣ୍ଠୁଏ ନାହିଁ । ଏହି ଆଣ୍ଠୁଏ ପାଣି ଓ ସିଉଳି ଯୋଗୁ ଗାଧୁଆ ତୁଠରେ ଜଣେ ଅବସର ପ୍ରାପ୍ତ ୬୫ ବର୍ଷ ବିଶିଷ୍ଟ ଯନ୍ତ୍ରୀ ୨୦୨୨ ମହାଳୟା ଦିନ ପାଣିରେ ପିଣ୍ଡ ଦାନ ବେଳେ ଗୋଡ ଘଷି , ପାଣି ପଙ୍କରେ ଗୋଡ ପଶି ଯିବାରୁ ନ ବାହାରି ପାରି ସେ ବୁଡ଼ି ମଲେ । ତାଙ୍କ ନାମ ପ୍ରସନ୍ନ କୁମାର ସାମନ୍ତସିଂହାର (ବୁଢ଼ା ବାବୁ ଡାକ ନାମ ବିଶିଷ୍ଟ୍ ଶିକ୍ଷକ ନେତା ଓଡିଶା ପ୍ରଫୁଲ୍ଲ କୁମାର ସାମନ୍ତସିଂହାର ନିଜ ଭାଇ,ବର୍ତମାନ ଚଦୀସିଗଡ ରାଜ୍ୟ ପାଳ ମାନ୍ୟବର ବିଶ୍ୱ ଭୂଷଣ ହରିଚନ୍ଦନ ଓ ପୁର୍ବ ତନ ବିଧାକ ଚିଲିକା ବିଶିଷ୍ଟ ଡାକ୍ତର ବିଭୂତି ଭୂଷଣ ହରିଚନ୍ଦନ ବଡ଼ ବାପା ପୁଅ ଭାଇ । ଏହି ପୁଷ୍କରିଣୀ ଖୋଲିବା, ଓ ମରାମତି ପାଇଁ ବହୁତ ବାର ଦାବି ହେଲେ ଖୋର୍ଦ୍ଧା ପୌର ପାରିଷଦ ଅଧିକାରୀ, ପୌର ଅଧକ୍ଷ ଓ ଅଧକ୍ଷା ଗଲେଣି । କେହି ନତା, ନେତ୍ରୀ ନିଘା ନାହିଁ । ଏବେ ପୌର୍ ନିର୍ବାହୀ ଅଧିକାରୀ ଜଣେ ମୁସିଲିମ୍ ମହିଳା ଅଛନ୍ତି ସେ ବା କଣ ଜାଣିବେ ହିନ୍ଦୁ ନୀତି ଓ ଡଙ୍ଗା ଭସାଣୀ ଓ ପୂଷକରଣି ଗାଧୁଆ ପିଣ୍ଡ ଦାନ, ସୂର୍ଯ୍ୟ ଦେବ ନମସ୍କାର । ଏବେର ଖୋର୍ଦ୍ଧା ବିଧାୟକ ମାନ୍ୟବର ବରିଷ୍ଟ ନାଗରିକ ଖୋର୍ଦ୍ଧା ନେତା ଶ୍ରୀଯୁକ୍ତ ଜିତେନ୍ଦ୍ର ମିତ୍ର (ଖୋର୍ଦ୍ଧା ଜିତୁ ଭାଇ) ଙ୍କୁ ତାଙ୍କ ସ୍କୁଲ ସାଂଗ ଶ୍ରୀଯୁକ୍ତ ଇଶ୍ୱର ଚନ୍ଦ୍ର ମଙ୍ଗରାଜ୧୯୬୭ ମସିହା ବ୍ୟାଚ୍, ପୂର୍ବତନ ସ୍ୱାସ୍ଥ୍ୟ ସେବା, ଶିକ୍ଷ୍ୟା, ଚିକିତ୍ସା ପର୍ଯ୍ୟବେକ୍ଷକ ବର୍ତମାନ ଖୋର୍ଦ୍ଧା ଜିଲ୍ଲା ସାମ୍ବାଦିକ ୱାର୍ଡ଼ ନମ୍ବର ୫ ପ୍ରଥମ ବାସିନ୍ଦା । (ଜନ୍ମ, କାଇପଦର୍ ଗ୍ରାମ୍ୟ,) ବହୁ ବାର ଦେଖା କରି ଓ ବିଭିନ୍ନ ସଭାରେ ମଞ୍ଚ ଉପରେ କହି ଅନୁରୋଧ କରିଛନ୍ତି ମାତ୍ର ଜେଶା କୁ ଦେଶା । ଏହି ଅଞ୍ଚଳ ବାସୀ କାର୍ତ୍ତିକ ପୂର୍ଣ୍ଣିମା ଡଙ୍ଗା ଭସାଇ ପାରିଲେ ନାହିଁ, ଭୟ ଓ ପାଣି ଅଭାବ ଯୋଗୁ । କିଛି ନିଶା ବେପାରୀ ଓ କୁଜିନେତା ପୋଖରୀ ହୁଡ଼ା ହାଣି ଓ ଉକ୍ତ ପୋଖରୀ ପାଖ ଜାଗା ଜବରଦଖଲ ବିନା ତହସିଲ ଅଫିସ ଅଗୋଚର କୀ ଗୋଚର କରିଛନ୍ତି ତଦନ୍ତ ଆବଶ୍ୟକ । ଉକ୍ତ ୱାଡ ମନ୍ଦୀର ଓ ଘର ବରିଷ୍ଟ ନାଗରିକ ବସିବା ପାଇଁ ଉଦ୍ଦିଷ୍ଟ ଜାଗା କୁ ମାଡି ବସି ଗଲେଣି । ଏବେ ଖୋର୍ଦ୍ଧା ରାଜସ୍ୱ ନୀରିକ୍ଷକ ଓ ତହସିଲଦାର ଙ୍କୁ ଜଣାଇ ଦିଆଯାଇଛି କଣ କାର୍ଯ୍ୟ କରୁଛନ୍ତି କାର୍ଯ୍ୟରେ ଦେଖା ଯିବ । ଏବେର ୱାର୍ଡ଼ ୫କାଉନସିଲର ଶ୍ରୀଯୁକ୍ତ ଅମୟ ମହନ୍ତି ତାଙ୍କ ଏକ ବର୍ଷ ଭିତରେ କିଛିଟା କଲେଣି ଓ ଜାଗା ଟଂକା ଦେଲେ କିଛି କରିବାକୁ ସକ୍ଷମ ହେବେ ଆଶା ଓ ବିଶ୍ୱାସ ୱାର୍ଡ଼ ବସୀ କରୁଛନ୍ତି ।


OFFICE OF THE BALASORE MUNICIPALITY, BALASORE

NO. 865 DATE: 28/11/2023

**E-Procurement Notice**

**BID Identification No.BM_14_2023_24**

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Name of the Work : Civil Const. works as mentioned in DTCN
2. No. of works : 01 no.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 28-11-2023 to 11-12-2023
6. Last date and time for receipt : 11-12-2023 up to 5.00 pm
7. Bids received online shall be opened on : 12-12-2023 from 11.00 am onwards
8. Name and address of the Officer Inviting Bid : Executive Officer, Balasore Municipality

Further details can be seen from the e-procurement portal i.e. https://tendersodisha.gov.in/nicgep/app.

Executive Officer
Balasore Municipality

OIPR: 13154/11/0044/2324


# ଶ୍ରମିକ ନେତାଙ୍କ ସାମ୍ବାଦିକ ସମ୍ମିଳନୀ

କେନ୍ଦ୍ରାପଡ଼ା, ୨୯/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆମ୍ ଆଦମି ପାର୍ଟିରେ ନୂତନ ଭାବେ ଯୋଗ ଦେଇଥିବା ଅଶୋକ କୁମାର ତ୍ରିପାଠୀଙ୍କୁ ରାଜ୍ୟ ସାଧାରଣ ସଂପାଦକ ଭାବେ ନିଯୁକ୍ତି ଦିଆଯାଇ ଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି । ଦଳର ପ୍ରତିଷ୍ଠାତା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଆଦର୍ଶ ଓ କାର୍ଯ୍ୟ ଦକ୍ଷତାରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହେଇଥିବା ଶ୍ରୀ ତ୍ରିପାଠୀ ପ୍ରକାଶ କରିଛନ୍ତି । ଦଳରେ ଯୋଗ ଦେଇଥିବା ଶ୍ରୀ ଶତପଥୀ ଜିଲ୍ଲାରେ ଆମ ଆଦମି ପାର୍ଟିକୁ ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀରେ ତୃଣମୂଳ ସ୍ତରରୁ ଦଳର ସଂଗଠନକୁ ମଜଭୁତ କରିବା ଏବଂ ସୁଦୃଢ କରିବା ପାଇଁ ଉଦ୍ୟମ କରବେ ବୋଲି ପ୍ରକାଶ କରିଛନ୍ତି । ଏଥି ସହିତ ଜିଲ୍ଲାରେ ଆମ ଆଦମି ପାର୍ଟିର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବେ ବେଲି ଆପ୍ରାଣ ଉଦ୍ୟମ କରିବେ ବୋଲି ପ୍ରକାଶ କରିଛନ୍ତି । ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ସନ୍ଦିପ୍ତ ଦାସ ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## 'ଚିନୁକ୍'ରେ ଏମ୍ସ ...

ସେପଟେ ଶ୍ରମିକଙ୍କୁ ଉଦ୍ଧାର କରିବାରେ ହିରୋ ସାଜିଥିବା ରାଟ୍ ମାଇନର୍ସଙ୍କ ପାଇଁ ମଧ୍ୟ ପୁରସ୍କାର ରାଶି ଘୋଷଣା କରିଛନ୍ତି କେନ୍ଦ୍ର ସରକାର । ପ୍ରତି ରାଟ୍ ମାଇନର୍ସ ସଦସ୍ୟଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ଦିଆଯିବାକୁ ଘୋଷଣା ହୋଇଛି । ଗତକାଲି ସନ୍ଧ୍ୟାରେ ଟନେଲ ଭିତରୁ ଶ୍ରମିକ ମାନଙ୍କୁ ଉଦ୍ଧାର କରାଯାଇଥିଲା । ପ୍ରାୟ ଦେଢ ଘଣ୍ଟାର ଅପରେସନରେ ଜଣକ ପରେ ଜଣେ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା । ଅପରେସନ ବେଳେ ଝାଡଖଣ୍ଡ ନିବାସୀ ବିଜୟ ହିରୋଙ୍କୁ ପ୍ରଥମେ ଉଦ୍ଧାର କରାଯାଇଥିଲା । ଏହା ପରେ ଜଣକ ପରେ ଜଣେ ସମସ୍ତ ୪୧ ଜଣ ଶ୍ରମିକ ଉଦ୍ଧାର ହୋଇଥିଲେ । ଏସଡିଆରଏଫ, ଏନଡିଆରଫ, ବିଆରଓ, ଆଇଟିବିପି, ବାୟୁସେନାଠୁ ଆରମ୍ଭ କରି ପୁଲିସ ପ୍ରଶାସନ ଉଦ୍ଧାର କାମରେ ମୋର୍ଚ୍ଚା ସମ୍ଭାଳିଥିଲେ ।

## ଦିନେ ଲୋକଙ୍କ ଗୁହାରୀ....

ବାପା-ମାଆଙ୍କ ବଡ଼ ଝିଅ ହୋଇଥିବାରୁ ଘରର ସବୁ କଥା ମଧ୍ୟ ବୁଝୁଥିଲେ କୁନ୍ତି । ରାଜନୀତିରେ ସକ୍ରିୟ ଥିବା ବେଳେ ୨୦୦୦ ମସିହାରେ ହାତକୁ ଦୁଇ ହାତ ହୋଇଥିଲେ କୁନ୍ତି । ବିବାହ କରି ଘର ସଂସାର ଗଢ଼ିଥିଲେ । ରାଜନୀତି ଓ ଘର ସଂସାରକୁ ଚଳାଉ ଥିଲେ । ନିଜ ପରିବାରକୁ ନେଇ ବେଶ୍ ହସ ଖୁସିରେ ରହୁଥିଲେ କୁନ୍ତି । ସ୍ୱାମୀ, ଶାଶୁ ଶ୍ୱଶୁର ଓ ଦୁଇ ପିଲା(ପୁଅ ଓ ଝିଅ)କୁ ସମ୍ଭାଳୁଥିଲେ । ତାହା ଭିତରେ ପୁଣି ରାଜନୀତି । ସବୁ ମେନେଜ କରି ସଂସାର ରଥକୁ ଆଗକୁ ନେଉଥିଲେ । ୨୦୦୨ ମସିହାରେ ବ୍ଲକ ଅଧ୍ୟକ୍ଷା ଭାବେ ତାଙ୍କ ଅବଧି ସରିଥିଲା । ଆଉ ଆଗପରି ରାଜନୀତିରେ ସକ୍ରିୟ ହୋଇପାରିଲେ ନାହିଁ । ସେହି ସମୟରେ ତାଙ୍କ ମୁଣ୍ଡ ଉପରେ ଛିଡ଼ି ପଡ଼ିଲା ଆକାଶ । ସୁନାର ସଂସାରରେ ଲାଗିଗଲା ନିଆଁ । ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମତଭେଦ ଦେଖାଦେଲା । ପାରିବାରିକ ବିବାଦ ବଢ଼ିବାରୁ ୨୦୦୪ ମସିହାରେ ଦୁଇ ଛୁଆଙ୍କୁ ଧରି ବାପଘରକୁ ପଳାଇ ଆସିଥିଲେ କୁନ୍ତି । ବାପ-ମାଆଙ୍କ ପାଖରେ ରହିବାରେ ଲାଗିଲେ । ରାଜନେତା ଭାବେ କୁନ୍ତି ଲୋକଙ୍କ ପାଇଁ ନିଃସ୍ୱାର୍ଥପର ଭାବେ କାମ କରିଥିଲେ । ହେଲେ କୁନ୍ତିଙ୍କ ଏ ଦୁଃଖର ସମୟ ବେଳେ କେହି ତାଙ୍କ ପାଖକୁ ଆସିଲେ ନାହିଁ । ସହାୟତାର ହାତ ବଢ଼ାଇଲେ ନାହିଁ । କଥା ମଧ୍ୟ ହେଲେନାହିଁ । କଥାରେ 'ବାପଘରେ ଝିଅ ଅଢ଼େଇ ଦିନର କୁଣିଆ' । ତାହା ହେଲେ ପିଲାଙ୍କୁ ଧରି କେଉଁଠି ବାପ ଘରେ ରହିବେ ? କେମିତି ପିଲାଙ୍କୁ ମଣିଷ କରିବେ ? ସେହି ଚିନ୍ତାରେ ପଡ଼ିଗଲେ କୁନ୍ତି । କିଛି ଉପାୟ ନପାଇ କାମ ରୋଜଗାରରେ ଘରୁ ବାହାରିଲେ । ପୁଅ ଓ ଝିଅଙ୍କୁ ବାପାମାଆଙ୍କ ପାଖରେ ଛାଡ଼ି ଟିଫିନ୍ ଧରି ମୂଲ ଲାଗିଲେ । ହେଲେ ସେଥିରେ ପେଟ ପୂରିଲା ନାହିଁ । ପରେ ସେ ୨ଟି ଘରୋଇ ଶିକ୍ଷାନୁଷ୍ଠାନରେ କାମ କଲେ । ସେଠାରୁ ବହୁ କମ ପାରିଶ୍ରମିକ ପାଉଥିଲେ । ସେଥିରେ ଚଳିବା କଷ୍ଟକର ହେଲା । ପାଣି ପିଇ ଭୋକ କେତେ ଦିନ ମେଣ୍ଟାଇବେ ? ସେଣୁ ରାଜ୍ୟ ବାହାରକୁ ଯିବା ପାଇଁ ନିଷ୍ପତ୍ତି ନେଲେ । ଝିଅକୁ ବାପାମାଆଙ୍କ ପାଖରେ ଛାଡ଼ି ବଡ଼ ପୁଅକୁ ଧରି ତାମିଲନାଡୁ ଗଳାଗଲେ କୁନ୍ତି । ସେଠାରେ ଏକ ସୂତା କାରଖାନାରେ ଶ୍ରମିକ ଭାବେ କାମ କରୁଛନ୍ତି କୁନ୍ତି ଓ ତାଙ୍କ ପୁଅ । ଦୀର୍ଘ ଦିନ ହେଲା ମାଆ ଓ ପୁଅ ଦାଦନ ଖଟୁଛନ୍ତି । ଯାହା ପାରିଶ୍ରମିକ ମିଳୁଛି, ସେଥିରେ ଚଳି ଯାଉଛନ୍ତି । ଝିଅ ଦାଦନ ଖଟିବାକୁ ଯିବା ନେଇ କୁନ୍ତିଙ୍କ ମାଆ କକୟା କୁମ୍ଭାର କହିଛନ୍ତି, ଝିଅ ଏବେ ଦାଦନ ଖଟିବାକୁ ତାମିଲନାଡୁରେ । ନାତୁଣୀକୁ ମୋ ପାଖରେ ଛଡ଼ି ନାତିକୁ ଧରି ତାମିଲନାଡୁରେ କାମ କରୁଛି । କିନ୍ତୁ ଯେତେବେଳେ ଝିଅ ପଦ ପଦବୀରେ ଥିଲା, ସେତେବେଳେ ତା' ପାଖକୁ ବହୁତ ଲୋକ ଆସୁଥିଲେ । ନିଜ ନିଜର ସମସ୍ୟା ସମାଧାନ କରିବାକୁ ଅନୁରୋଧ କରୁଥିଲେ । ଅଫିସରମାନେ ମଧ୍ୟ ଆସୁଥିଲେ । କିନ୍ତୁ ପଦବୀ ଗଲା ପରେ ଆଉ କେହି ଆସିଲେନି । ଶେଷରେ ପେଟ ପାଟଣା ପାଇଁ କାମ କରିବାକୁ ଗଲା ବୋଲି କୁନ୍ତିଙ୍କ ମାଆ କହିଛନ୍ତି ।

## ଅମିତ ଶାହଙ୍କ ....

କଥା ଯେ ୨୦୨୪ ଲୋକସଭା ନିର୍ବାଚନ ବିଧାନସଭା ନିର୍ବାଚନ ଜିତିବାର ମୂଳଦୁଆ ପକାଇବ । ସିଏଏ ପ୍ରସଙ୍ଗରେ ସେ କହିଛନ୍ତି, "ମମତା ବାନାର୍ଜୀ ସିଏଏ ଲାଗୁ କରିବାକୁ ବିରୋଧ କରୁଛନ୍ତି । କିନ୍ତୁ ସିଏଏ ଲାଗୁ ହେବ । କେହି ବି ଏହାକୁ ଅଟକାଇ ପାରିବେ ନାହିଁ ।" ୨୦୧୯ ଲୋକସଭା ନିର୍ବାଚନରେ ବିଜେପି ପଶ୍ଚିମବଙ୍ଗର ୪୨ଟି ଆସନରୁ ରେକର୍ଡ ୧୮ଟିରେ ଜିତିଥିଲା । ଏଥର ଦଳ ଏହା ଠାରୁ ଅଧିକ ଆସନ ଜିତିବା ଲକ୍ଷ୍ୟରେ ରହିଛି । ତେଣୁ ଏବେ ଠାରୁ ଅମିତ ଶାହ କୋଲକାତାରେ ଦଳ ପାଇଁ ପ୍ରଚାରର ଆରମ୍ଭ କରି ଦେଇଛନ୍ତି ।

## ଆପକୁ ସୁପ୍ରିମକୋର୍ଟ ଝଟକା...

ଅଧିକାରୀଙ୍କୁ ନିଯୁକ୍ତି କରିପାରିବେ ନାହିଁ ବୋଲି ଆବେଦନରେ କୁହାଯାଇଥିଲା । ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି, କାର୍ଯ୍ୟକାଳକୁ ୬ ମାସ ବୃଦ୍ଧି କରିବା କୌଣସି ନିୟମର ଉଲ୍ଲଘଂନ କରୁନାହିଁ । ପ୍ରଶାସନିକ ନିଯୁକ୍ତି ପାଇଁ କେନ୍ଦ୍ର ସରକାର ଆଣିଥିବା ଅଧାଦେଶ ଉପରେ କୌଣସି ରୋକ ଲାଗି ନାହିଁ । ତେଣୁ କୋର୍ଟ କେନ୍ଦ୍ର ସରକାରଙ୍କ ଯୁକ୍ତିକୁ ଗ୍ରହଣ କରୁଛନ୍ତି । ମଙ୍ଗଳବାର କେନ୍ଦ୍ର ସରକାର ନରେଶ କୁମାରଙ୍କ କାର୍ଯ୍ୟକାଳ ୬ ମାସ ବୃଦ୍ଧି କରାଯାଉଥିବା ଦସ୍ତାବିଜ କୋର୍ଟଙ୍କ ଆଗରେ ଉପସ୍ଥାପନ କରିଥିଲେ । ତେବେ କାହିଁକି କେବଳ ଜଣେ ଅଧିକାରୀଙ୍କ ଉପରେ କେନ୍ଦ୍ର ସରକାର ଏତେ ଫୋକସ କରୁଛନ୍ତି ବୋଲି କୋର୍ଟ ଜାଣିବାକୁ ଚାହିଁଥିଲେ । ଖଣ୍ଡପୀଠରେ ଥିବା ଜଷ୍ଟିସ ଚନ୍ଦ୍ରଚୂଡ଼, ଜଷ୍ଟିସ ଜେବି ପାରଡିୱାଲା ଓ ଜଷ୍ଟିସ ମନୋଜ ମିଶ୍ରା କହିଥିଲେ ଯେ "ଆପଣ ନିଯୁକ୍ତି ଦେବାକୁ ଚାହୁଁଛନ୍ତି । ନିଯୁକ୍ତି ଦିଅନ୍ତୁ । କିନ୍ତୁ ଆପଣଙ୍କ ପାଖରେ ଏମିତି କୌଣସି ଅଫିସର ଅଛନ୍ତି ଯିଏ ମୁଖ୍ୟ ଶାସନ ସଚିବ ହୋଇପାରିବେ ? ଆପଣ କେଉଁ କ୍ଷମତା ବଳରେ କାର୍ଯ୍ୟକାଳ ବୃଦ୍ଧି କରୁଛନ୍ତି ? ଆମକୁ ଉକ୍ତ କ୍ଷମତା ଦେଖାନ୍ତୁ ।" ଆଜି ସଲିସିଟର ଜେନେରାଲ ତୁଷାର ମେହେଟା ନୂଆ ମୁଖ୍ୟ ଶାସନ ସଚିବ ନିଯୁକ୍ତି ହେବା ଯାଏ ନରେଶ କୁମାର ଦାୟିତ୍ୱରେ ରହିବେ ବୋଲି କହିଥିଲେ । ଏକଥା ଶୁଣିବା ପରେ ସୁପ୍ରିମକୋର୍ଟ ଆପ୍‌ର ଆବେଦନକୁ ଅଗ୍ରାହ୍ୟ କରିଥିଲେ ।

# କଳିଙ୍ଗ ବାଲିଯାତ୍ରାର ଚତୁର୍ଥ ସଂଧ୍ୟା




ପାରାଦୀପ, ୨୯/୧୧ (ନି.ପ୍ର): ଆଜି ଥିଲା କଳିଙ୍ଗ ବାଲିଯାତ୍ରା ର ଚତୁର୍ଥ ସାନ୍ଧ୍ୟ ।ଆଜି ବୁଧବାର ପାଇଁ ପ୍ରତ୍ୟେକ ଫାଷ୍ଟ ଫୁଡ ଷ୍ଟଲ ଗହଳି ରହିଥିଲା । ପ୍ରତିବର୍ଷ ବାଲିଯାତ୍ରା କୁ ଅଧିକ ଆକର୍ଷଣୀୟ କରାଯାଉଛି । ଏଥିରେ ଦେଖିବାକୁ ମିଳୁଛି ନିଆରା ଦୃଶ୍ୟ ।ସ୍ୱୟଂ ସହାୟିକା ଗୋଷ୍ଠୀ (ଏସଏଚଜି) ସଦସ୍ୟ ମାନେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗୁଡିକ ବିକ୍ରି କରୁଛନ୍ତି । ଏଥିରେ ପ୍ରାୟ ୧୦୦ ଟି ଷ୍ଟଲ ର ବ୍ୟବସ୍ଥା କରାଯାଇଛି । ଖେଳ ମଜା ନେଉଛନ୍ତି ଦର୍ଶକ ।ବିଭିନ୍ନ ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ ର ମଜା ନେଉଛନ୍ତି ଦର୍ଶକ ।ଏଠାକୁ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ବ୍ୟବସାୟୀ ଆସି ନିଜ ପସରା ମେଲାଇ ଛନ୍ତି ।ଏହା ସହ ବିଭିନ୍ନ ପ୍ରାନ୍ତରୁ ଆସିଥିବା ହସ୍ତ ଶିଳ୍ପର ସମ୍ଭାର ଏହି ଯାତ୍ରାରେ ଦେଖିବାକୁ ମିଳିଛି ।ଏହି ବାଲିଯାତ୍ରା ରେ କଟକ ଓ କେନ୍ଦ୍ରାପଡା ପ୍ରସିଦ୍ଧ ଦହିବାର ଓ ଆଳୁଦମ, ଠୁଙ୍କା ପୁରୀ ଛେନା ତରକାରୀ ର ସ୍ୱାଦ ନିଆରା ।ଏହି ବାଲିଯାତ୍ରା କୁ ଅଧିକ ଲୋକାଭିମୁଖୀ କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି ।ଆଜି ମୁଖ୍ୟ ଅତିଥି ଭାବେ ଏଏମଏନଏସ ଇଣ୍ଡିଆ ର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ (ଗ୍ରୀନ ଫିଲଡ଼ ଷ୍ଟାଟେଜିକ ପ୍ରକଳ୍ପ) ଟି ଏସ ସାନ ଭୋଗ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସିଆଇଏସଏଫ କମାଡାଣ୍ଟ ଅକ୍ଷତ ପଟେଲ, ଏଏମଏନଏସ ଇଣ୍ଡିଆ ର ଓଡିଶା ପରିଚାଳନା କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି, ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀମତି ଚିନ୍ମୟୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।ଦୁଇ ପ୍ରତିଭାଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନେ ହେଲେ ଜିଲ୍ଲା ଆଇନି ସେବା ପ୍ରାଧିକରଣ ର ଅଧକ୍ଷ ଅନୁପ କୁମାର ଚନ୍ଦନ ଓ କୁଜଙ୍ଗ ଅତିରିକ୍ତ ଜିଲ୍ଲା ଦୌରାଜଜ ପାର୍ଥ ସାରଥୀ ପଟ୍ଟନାୟକ ।

# ଦୁଇ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ନୀଳଗିରି , ୨୯/୧୧ (ନି.ପ୍ର): ନୀଳଗିରି ବ୍ଲକ ଅନ୍ତର୍ଗତ ଆରବନ୍ଧ ପଞ୍ଚାୟତ ରେ ଥିବା ଜୟବାଡାମ ଯୁଥ କ୍ଲବ ଆନୁକୂଲ୍ୟରେ ତୃତୀୟ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ପରିପ୍ରେକ୍ଷୀରେ ଦୁଇ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଦୁଇ ଦିନ ଧରି ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ । ବୁଧବାର ଦିନ ଫାଇନାଲ ମ୍ୟାଚରେ ମୟୁରଭଞ୍ଜର ସିଂ ଏଣ୍ଡ ସିଂ ଟିମ୍ ଓ ବାଲେଶ୍ୱରର ଫୋର୍ସ ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳ ଅମିମାଂସିତ ହୋଇଥିବା ବେଳେ ଉଭୟଦଳ ମଧ୍ୟରେ ପେନାଲ୍ ?ଟି ଗୋଲରେ ସିଂ ଏଣ୍ଡ ସିଂ ଚମ୍ପିଆନ୍ ହୋଇଥିଲା ବେଳେ ଫରସ୍ ଫାଇଟର ଟିମ୍ ରନର୍ସ ଅପ ହୋଇଥିଲା । ଉଦଯାପନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଯୋଗଦେଇ ଉଭୟ ଦଳର ଖେଳାଳି ମାନଙ୍କ ସହ କରମର୍ଦ୍ଦନ କରିବା ସହ ବିଜୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଏହି ଅବସରରେ ଆରବନ୍ଧ ସରପଞ୍ଚ କୁଳମଣି ନାୟକ, ଅକ୍ଷୟ କୁମାର ବେହେରା, ଉପେନ୍ଦ୍ର ଦାସ, ବନିତା ମଢେଇ, କରୁଣାକର ପଣ୍ଡା, ଶ୍ରୀଧର ଖଣ୍ଡେଇ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଦିବାକର ବିଶ୍ୱାଳ, ସୁରେନ୍ଦ୍ର ବିଶ୍ୱାଳ ପ୍ରମୁଖ ମଞ୍ଚରେ ଉପସ୍ଥିତ ରହିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ସଞ୍ଜିବ ଚୌଧୁରୀ ଏବଂ ଅର୍ଗଲ ପିଙ୍କ ଜୁବୁଲୀ ଖଣ୍ଡେଇ (ଲକି) । ଏହାସହ ଆରବନ୍ଧ ଖେଳପଡିଆର ଅନୁଷ୍ଠିତ ଫୁଟବଲ ଟୁର୍ଣ୍ଣାମେଣ୍ଟରେ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ସଡ଼କ ସଚେତନତା ପାଇଁ ପଥପ୍ରାନ୍ତ ନାଟକ ଓ ଶୋଭାଯାତ୍ରା

ଉଦଳା , ୨୯/୧୧ (ନି.ପ୍ର): ସ୍ଥାନିୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ତରଫରୁ ରାଜ୍ୟ ସରକାରଙ୍କର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ମାଧମରେ ଚଳିତ ନଭେମ୍ବର ୨୮ ତାରିଖ ଦିନ ସଡ଼କ ସଚେତନତାର ପର୍ବ ଅନୁଷ୍ଠିତ ହୋଇ ଯାଇଛି । +୨ ଓ +୩ର ଛାତ୍ରୀ ମାନେ ମିଳିତ ଭାବରେ ଏହି ସଚେତନତା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି 'ସଡ଼କ ସୁରକ୍ଷା ଜୀବନ ରକ୍ଷା' , 'ଦୃତ ଗତି ମହାବିପତି' ସ୍ଲୋଗାନ ମାନ ଦେଇ ଉଦଳା ସହର ପରିକ୍ରମା କରିଥିଲେ । ଏଥି ସହିତ ବଜାର ମଝିରେ ଏକ ପଥପ୍ରାନ୍ତ ନାଟକରେ ଅଭିନୟ କରି ସଚେତନତାର ବାର୍ତା ବାଂଟିଥିଲେ । ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବା ବେଳେ ପରିଚାଳନା କମିଟିର ସଭାପତି ରବିନ୍ଦ୍ର କଟୁଆଳ, ଯୋଗ ଗୁରୁ ବ୍ରହ୍ମାନନ୍ଦ ନାୟକ, ଉଦଳା ଥାନାର କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ । ନୋଡ଼ାଲ ଅଫିସର ମଂଜୁଳା କଲିଆ ଓ କୁମ୍‌କୁମ୍ ଦାସ ତାଙ୍କର ବକ୍ତବ୍ୟରେ ନିଶା ଦ୍ରବ୍ୟ ସେବନ ସଡ଼କ ଦୁର୍ଘଟଣାର ପ୍ରଧାନ କାରଣ ବୋଲି ବ୍ୟକ୍ତ କରିଥିଲେ । ଅଧାପିକା ଅମିତା ଦାସ, ମେରିନା ପଣ୍ଡା, ଅନୁରାଧା କବାଟ, ସୁଷମା ସାହୁ ଓ ଲକ୍ଷ୍ମୀପ୍ରୀୟା ସାମଲ ଅଂଶ ଗ୍ରହଣ କରି ହେଲମେଂଟ ପିନ୍ଧି ଗାଡ଼ିଚଲାଇବା ଓ ଗାଡ଼ି ଚଳାଉଥିବା ସମୟରେ ମୋବାଇଲ ବ୍ୟବହାର ନକରିବାକୁ ଅନୁରୋଧ ଜଣାଇଥିଲେ । ଶେଷରେ ଅଧାପକ ରବିନାରାୟଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।




# ଉପନିର୍ଦ୍ଦେଶକଙ୍କ ଡି.ଆଇ.ପି.ଆର୍.ଓ. କାର୍ଯ୍ୟାଳୟ ପରିଦର୍ଶନ



ଭଦ୍ରକ , ୨୯/୧୧ (ନି.ପ୍ର): ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ର ଉପ ନିର୍ଦ୍ଦେଶକ କେନ୍ଦ୍ରାଞ୍ଚଳ, କଟକ ହେମନ୍ତ କୁମାର ନାୟକ ଭଦ୍ରକ ଗସ୍ତରେ ଆସି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ଶ୍ରୀଯୁକ୍ତ ନାୟକଙ୍କୁ ସ୍ୱାଗତ ଜଣାଇଥିଲେ । କାର୍ଯ୍ୟାଳୟର ବିଭିନ୍ନ କାର୍ଯ୍ୟଧାରା ସମ୍ବନ୍ଧରେ ସମୀକ୍ଷା କରିବା ସହିତ ସଂପୃକ୍ତ ରେଜିଷ୍ଟର, ଫାଇଲପତ୍ର ଦେଖିଥିଲେ । ପୂର୍ବରୁ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା କାର୍ଯ୍ୟାଳୟ କୋଠାର ମରାମତି ଓ ପୁନଃଉଦ୍ଧାର କାର୍ଯ୍ୟ ସମାପ୍ତ ହେବା ଦେଖି ସନ୍ତୋଷ ପ୍ରକାଶ କରିଥିଲେ । ମାତ୍ର କାର୍ଯ୍ୟାଳୟ ପାଇଁ ପ୍ରାଚୀର ଓ ଗେଟ ନଥିବା ଯୋଗୁଁ ଉପୁଜୁଥିବା ସମସ୍ୟା ସମ୍ବନ୍ଧରେ ଅବଗତ ହୋଇ ବିଭାଗ ତରଫରୁ ଯଥାଶୀଘ୍ର ପଦକ୍ଷେପ ନିଆଯିବା ନେଇ ସୂଚନା ପ୍ରଦାନ କରିଥିଲେ । କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦିତ ହେବା ପାଇଁ କର୍ମଚାରୀ ଅଭାବ ଜନିତ ଗୁରୁତର ସମସ୍ୟାକୁ ହୃଦ୍‌ବୋଧ କରିଥିଲେ । କ୍ଷେତ୍ର ସ୍ତରୀୟ କାର୍ଯ୍ୟ ସହିତ କାର୍ଯ୍ୟାଳୟର ପ୍ରତିଷ୍ଠାନ ଓ ଆବଶ୍ୟକ ଅନ୍ୟ ସମସ୍ତ କାର୍ଯ୍ୟ ସଠିକ୍ ଧାରାରେ ସମ୍ପାଦନ କରିବା ପାଇଁ ଡି.ଆଇ.ପି.ଆର୍.ଓ.ଙ୍କୁ ପରାମର୍ଶ ପ୍ରଦାନ କରିଥିଲେ ।

# ଭିଆରପିଙ୍କ ପ୍ରତି ବ୍ଲକ ସାମାଜିକ ସମୀକ୍ଷକଙ୍କ ପ୍ରତି ଦୁର୍ବ୍ୟବହାର: ଜିଲାପାଳଙ୍କଠାରେ ନାଲିସ୍



ଜଳେଶ୍ୱର , ୨୯/୧୧ (ନି.ପ୍ର): ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟରେ ଥିବା ସାମାଜିକ ସମୀକ୍ଷକଙ୍କ ଦୁଃବ୍ୟବହାରେ ଅତିଷ୍ଠ ହୋଇ ଗ୍ରାମ ସାଧନା କର୍ମୀ (ଭିଆରପି)ମାନେ ଆଜି ଜଳେଶ୍ୱର ବିଡିଓଙ୍କ ଦାବିପତ୍ର ଦେବା ସହିତ ଜିଲାପାଳଙ୍କ ଦୃଷ୍ଟି ଆକଷଣ କରିଛନ୍ତି । ପଂଚାୟତ ସମିତି ଅଧିନରେ ଥିବା ୩୫ଟି ପଂଚାୟତରେ ୮୪ଜଣ ସାଧନକର୍ମୀ ନିଯୁକ୍ତି ପାଇଛନ୍ତି । ୨୦୨୨-୨୩ ଆର୍ଥିକ ବର୍ଷରେ ସେଥିରୁ ୪୭ଜଣଙ୍କୁ ସେମାନଙ୍କ ଦାୟିତ୍ୱ ଦିଆଯାଇଥିବା ବେଳେ ପ୍ରତି ୬ମାସକୁ ସାମାଜିକ ସମୀକ୍ଷା କରାଯାଇଥାଏ । କିନ୍ତୁ ସାମାଜିକ ସମୀକ୍ଷକ ଇଚ୍ଛାନୁଯାୟୀ କାର୍ଯ୍ୟ କରୁଥିବାରୁ ୧୨ଜଣଙ୍କୁ ନିୟମତି କାର୍ଯ୍ୟ ଦେଉଥିବା ବେଳେ ଅନ୍ୟମାନଙ୍କୁ ଉଦ୍ଦେଶ୍ୟମୂଳକଭାବେ କାର୍ଯ୍ୟ ଦେଉନଥିବା ଅଭିଯୋଗ ହୋଇଛି । ସମୀକ୍ଷକ ଜଣକ ବ୍ଲକ କାର୍ଯ୍ୟାଳୟକୁ ନ ଆସି ରାତିରେ ଆଭାସୀ ମାଧ୍ୟରେ କାର୍ଯ୍ୟ ପରିଚାଳନା କରୁଛନ୍ତି । ସାଧନକର୍ମୀମାନଙ୍କ ଦ୍ୱାରା ଦିଆଯାଉଥିବା ତଥ୍ୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଜଣାଇ ଦିଆଯାଉନଥିବାର ଅଭିଯୋଗ ହୋଇଛି । ବ୍ଲକରେ କାର୍ଯ୍ୟ କରିବା ସହିତ ସମୀକ୍ଷକ ଜଣକ ଏକ ଘରୋଇ କମ୍ପାନୀରେ କାମ କରୁଥିବାରୁ ସେଥିରେ ସଦସ୍ୟତା ନେଇ ବାଧ୍ୟ କରୁଛନ୍ତି । ଏ ସଂପର୍କରେ ଆଜି ସାଧନ କର୍ମୀ ପଦ୍ମାବତୀ ପାଳ, ସୁଭଦ୍ରା ପାତ୍ର, ମମତା ପ୍ରଧାନପ, କବିତା ଦଳେଇ, ସୁଲଚନା ମହାପାତ୍ର, ଭିଆର୍‌ପିମାନେ ଲଥିତ ଅଭିଯୋଗ ଦେଇଥିବା ବେଳେ ଜିଲାପାଳ ଓ ପ୍ରକଳ୍ପ ଅଧିକାରୀଙ୍କ ଦୃଷ୍ଟି କରିଛନ୍ତି । ଖୁବଶୀଘ୍ର ସମସ୍ୟାର ସମାଧାନ ହେବବୋଲି ବିଡିଓ ପୁନମ୍ ରାଉତ କରିଛନ୍ତି ।

# ନାବାଳିକା ଦୁଷ୍କର୍ମକାରୀଙ୍କୁ ୨୦ବର୍ଷ କାରାଦଣ୍ଡ

ବାରିପଦା , ୨୯/୧୧ (ନି.ପ୍ର): ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ ତଥା ସ୍ୱତନ୍ତ୍ର ପୋକ୍ସ କୋର୍ଟର ବିଚାରପତି ସୁମିତା ଜେନା ଆଜି ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ ପୂର୍ବକ ୨୦ବର୍ଷ କାରାଦଣ୍ଡାଦେଶ ସହିତ ୧୦ହଜାର ଟଙ୍କା ଜରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ୩ମାସର କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି । ଏହା ବ୍ୟତିତ ପୀଡିତା ନାବାଳିକାକୁ କ୍ଷତିପୂରଣ ବାବଦରେ ୪ଲକ୍ଷ ଟଙ୍କା ସହାୟତା ଦେବାକୁ ଜିଲା ଆଇନ ସହାୟତା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅଭିଯୁକ୍ତ ଜଣକ ମୟୁରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ସାତପୌଟିଆ ଗ୍ରାମର ଚନ୍ଦନ ସିଂ (୨୫) ବୋଲି ଜଣାଯାଇଛି । ଘଟଣା ମୁତାବକ ୨୦୧୮ ମସିହା ଜୁନ ୨୭ ତାରିଖରେ ପୀଡିତା ନାବାଳିକା ଜଣକ ଅପରାହ୍ନ ୩ଟା ସମୟରେ ନିଜ ମାମୁଁଘର ଭାଲୁବସା ଗ୍ରାମକୁ ଯାଇଥିବା ବେଳେ ଅଭିଯୁକ୍ତ ଚନ୍ଦନ ତାକୁ ହାଟକୁ ଡାକି ନେଇଥିଲା । ମାତ୍ର ହାଟରୁ ମାମୁଁ ଘରକୁ ନଫେରାଇ ତାକୁ ଚକଲେଟ ଦେଇ ଭୁଲାଇ ରୁପ୍ସା ସ୍ଥିତ ବଡ଼ମା ଘରକୁ ନେଇ ରଖିଥିଲା ଏବଂ ସେହିଦିନ ରାତିରେ ଜୋରଜବରଦସ୍ତ ନାବାଳିକା ଜଣଙ୍କୁ ଦୁଷ୍କର୍ମ କରିଥିଲା । ତେବେ ପରଦିନ ଅଭିଯୁକ୍ତ ଚନ୍ଦନ ଘରେ ନଥିବା ବେଳେ, ନାବାଳିକା ଜଣକ ତାର ଭାଇ ଏବଂ ଭିଣୋଇ କୁ ଫୋନ କରି ସେଠାରୁ ତାକୁ ଉଦ୍ଧାର କରିବାକୁ କହିବା ପରେ ଘରଲୋକ ଯାଇ ନବାଳିକା ଜଣକୁ ଉଦ୍ଧାର କରିବା ସହ ବୈଶିଙ୍ଗା ଥାନାରେ ଘଟଣା ବବଦରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୋଲିସ କେସ ନଂ୧୧୮/୨୦୧୮ରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଥିଲା । ମାମଲାର ବିଚାର ସମୟରେ ୧୩ସାକ୍ଷୀଙ୍କ ବୟାନ, ଡାକ୍ତର ଓ ପୋଲିସର ରିପୋର୍ଟକୁ ଭିତ୍ତି କରି ମାନ୍ୟବର ଅଦାଲତ ଉପରୋକ୍ତ ଶୁଣାଣୀ କରିଛନ୍ତି । ଉକ୍ତ ମାମଲାକୁ ପୋକସୋ କୋର୍ଟର ସ୍ୱତନ୍ତ୍ର ପିପି ଅଭିନ୍ନ କୁମାର ପଟ୍ଟନାୟକ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ ।

# କବିତା ସଂକଳନ 'କବିତା ଅର୍ଦ୍ଧଶତକ' ଉନ୍ମୋଚିତ




ବାଲେଶ୍ୱର, ୨୯/୧୧ (ନି.ପ୍ର): ସଂପ୍ରତି ବାଲେଶ୍ୱର ସାହିତ୍ୟ ଜଗତରେ 'ଦେବକାନ୍ତ ଗଙ୍ଗାବାରଣଦାସ' ନାମରେ ସୁପରିଚିତ କବି ଶ୍ରୀଦେବ, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଗଙ୍ଗାଧର ବିଶ୍ୱାଳ, ନିବାରଣ ଜେନା ଓ ପ୍ରଶାନ୍ତ ଦାସଙ୍କ ମିଳିତ କବିତା ସଂକଳନ 'କବିତା ଅର୍ଦ୍ଧଶତକ' ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନଠାରେ ଉନ୍ମୋଚିତ ହୋଇଯାଇଛି । ପରିଷଦର ପ୍ରାକ୍ତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ପୌରୋହିତ୍ୟ କରିଥିବାବେଳେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡ. ସନ୍ତୋଷ କୁମାର ନାୟକ ଆଲୋଚକ ଭାବରେ ଯୋଗଦେଇ ପୁସ୍ତକଟିରେ ସ୍ଥାନିତ କବିତା ସଂପର୍କରେ ଆଲୋଚନା କରିବା ସହିତ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ସଂପୃକ୍ତ କବିମାନଙ୍କର ଓଡ଼ିଆ ବାଣୀଭଣ୍ଡାରକୁ ଅବଦାନ ସଂପର୍କରେ ବକ୍ତବ୍ୟ ରଖିଥିଲେ । ମଞ୍ଚାସୀନ କବିମାନେ ମଧ ନିଜ ନିଜ କବିତା ସଂପର୍କରେ କଥା ରଖିଥିଲେ । ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବାବେଳେ ସଂପାଦକ ଦୀପକ ବୋଷ ପ୍ରାକ୍‌କଥା ରଖିଥିଲେ । ଉସବରେ ବହୁ ସାହିତ୍ୟିକ, ବୁଦ୍ଧିଜୀବୀଙ୍କ ସମେତ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# କମଳାର୍ଜୁନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ




ଖଇରା, ୨୯/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ମାଟିଆଳପଦାସ୍ଥିତ କମଳାର୍ଜୁନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଘାଟିତ ହୋଇ ଯାଇଛି । ଏଥିରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାସ୍ତା ହେଉ କି କଲେଜ ହେଉ କିମ୍ବା ଛାତ୍ରୀଛାତ୍ର ଙ୍କ ଜିବନ ଗଠନ ହେଉ ନବୀନ ସରକାର ୨୩ବର୍ଷ ଧରି ନିର୍ମାଣ ରେ ବିଶ୍ୱାସ ରଖି ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା ପ୍ରକାଶ କରିଥିଲେ । ନୋଡାଲ ଅଧିକାରୀ ଜ୍ୟୋତିର୍ମୟ ପଣ୍ଡା ପ୍ରାରମ୍ଭିକ ସୂଚନା, ସାମାଜିକ କାର୍ଯ୍ୟକ୍ରମ ଅଦିକାରୀ ଅମିତ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । କ୍ରୀଡା କାର୍ଯ୍ୟକ୍ରମ ଅଧିକାରୀ ମନ୍ମଥ ପଣ୍ଡା ଓ ସରପଞ୍ଚ ବନିତା ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅଧ୍ୟକ୍ଷ ଚିତ୍ତରଞ୍ଜନ ମୁଦୁଲି ସଭାପରିଚାଳନା କରିଥିଲେ । ଅଧ୍ୟାପକ ଶଙ୍କର୍ଷଣ ଜେନା, ଜୟନ୍ତୀ ଦାସ, ଅଧ୍ୟାପିକା ଜୟାରାଣୀ ଘଡେଇ, ଜ୍ୟୋସ୍ନାଞ୍ଜଳୀ ସାହୁ କର୍ମଚାରୀ ଗିରିଜା ଶଙ୍କର ଦାସ,ସୁନିଲ ନାୟକ, ଦୁର୍ଗାଶଙ୍କର ଦାସ, ପ୍ରଦୀପ ବୁଗୁଡେଇ, ରାଜେଶ ପତି,କୃଷ୍ଣ ଶତପଥି,ସୌମେନ୍ଦ୍ର ମିର୍ଦ୍ଧା, ସତ୍ୟବ୍ରତ ମହାରଣା, ଗୌରୀଶଙ୍କର ଦାସ ଙ୍କ ସମେତ ଯୁବନେତା ବିଶ୍ୱଭୂଷଣ ପ୍ରଧାନ ଓ ବିଭୁତି ପତି ପ୍ରମୁଖ ଉପସ୍ଥିତ ଥିଲେ । ଏଥିସହ ବିଧାୟକ ନୁତନ ଶ୍ରେଣୀ ଗୃହର ଉଦ୍‌ଘାଟନ କରିଥିଲେ । କ୍ରୀଡା ପ୍ରତିଯୋଗିତା ଡିସେମ୍ବର ୨୪ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ଅଛି ।

# ଶୂନ୍ୟମଣ୍ଡପ ପରିଷ୍କାର କଲା କୁପାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘ

ଖଇରା, ୨୯/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଦସ୍ୟ ମାନେ ମଙ୍ଗଳବାର ଐତିହାସିକ ଶୁନ୍ୟମଣ୍ଡପରେ ଅଳିଆ ଆବର୍ଜନା ସଫା କରିଛନ୍ତି । ସୋମବାର ପଞ୍ଚୁକ ମେଳାରେ ୫୦ହଜାରରୁ ଉର୍ଦ୍ଧ ଭକ୍ତ ସମାଗମ ହୋଇଥିବା ବେଳେ ପୀଠର ଚତୁପାର୍ଶ୍ୱ ଅଳିଆ ଆବର୍ଜନାରେ ପୁର୍ଣ୍ଣ ହୋଇଥିଲା । ୫ଶହ ବର୍ଷର ଗାରିମା ବହନ କରୁଥିବାଏହି ପୀଠରେ ଅଳିଆ ଆବର୍ଜନା ପୁର୍ଣ୍ଣ କ୍ଷେତ୍ରକୁ ପରିସ୍କାର ପାଇଁ ସଙ୍ଗଠନ ଅଣ୍ଟା ଭିଡିଥିଲା । ସଙ୍ଗଠନର ସଭାପତି ପ୍ରଫୁଲ୍ଲ କୁମାର ବେହେରା,ସମ୍ପାଦକ ଶତ୍ରୁଘ୍ନ ଦାସ,କୋଷାଧକ୍ଷ ବାସୁଦେବ ପଣ୍ଡା,ସଙ୍ଗଠନ ସମ୍ପାଦକ ପରେଶ ଦକ୍ଷିଣରାୟ,ସତ୍ୟବ୍ରତ ନାରାୟଣ ବେହେରା ଓ ତପନ ବେହେରା ,ବୈକୁଣ୍ଠ ବେହେରା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ ।

# ବାଲେଶ୍ୱର ଜିଲ୍ଲାସ୍ତରୀୟ ଯୁବ ରେଡକ୍ରସ ତାଲିମ ଶିବିର



ବସ୍ତା ୨୯।୧୧ (ନିପ୍ର) : ବାଲେଶ୍ୱର ଜିଲ୍ଲା ସ୍ତରୀୟ ଯୁବ ରେଡକ୍ରସ ତାଲିମ ଶିବିର ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେରେ ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର କାର୍ଯ୍ୟ କାରୀ ଅଧକ୍ଷ ଡଃ ତପନ କୁମାର ବେହେରା ସଭାପତିତ୍ୱ କରିଥିଲେ । ଏହି ଶିବିରକୁ ଫକୀର ମୋହନ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିବା ସହ ଅଧୟନ ସହ ସମାଜ ସେବା କରିବା ନିମିତ୍ତ ଯୁବ ରେଡକ୍ରସ ଏକ ମାଧମ ଏବଂ ମାନବ ସେବା ହିଁ ମାଧବ ସେବା ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ବସ୍ତା ଏସଡିପିଓ ମାନସ କୁମାର ଦେଓ, ଯୁବ ରେଡକ୍ରସର ଜିଲ୍ଲା ସଂଯୋଜକ ସୁଧୀର କୁମାର ମୁଦୁଲି ଓ ପ୍ରାଧାପକ ସରୋଜ କୁମାର ପାଣି, ସ୍ୱେଚ୍ଛାସେବୀ ମାନଙ୍କୁ ଦେଶ ପ୍ରତି ଅନୁରକ୍ତ ରହିବାକୁ ପରାମର୍ଶ ପ୍ରଦାନ କରିଥିଲେ । ଅଧାପକ ଗୌରାଙ୍ଗ ପଣ୍ଡା କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । କଳ୍ପନା ମଞ୍ଜରୀ ପାତ୍ର, ବିଜୟ କୁମାର ବେହେରା, ସତ୍ୟେନ୍ଦ୍ର କୁମାର ପାଲ, ଶମ୍ଭୁନାଥ ଗିରି, ପିନାକ୍ଷୀ ପଣ୍ଡା ଓ ଇତିଶ୍ରୀ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଶିବିରରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଉଚ୍ଚ ମାଧମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୧୦୦ ଜଣ ସ୍ୱେଚ୍ଛାସେବୀ ଓ ୨୪ ଜଣ କାଉନ ସେଲର ଯୋଗ ଦେଇଛନ୍ତି । ଏହି ଶିବିରରେ ଯୁବ ରେଡକ୍ରସର ମୌଳିକ ନୀତି, ସଡ଼କ ସୁରକ୍ଷା,ଏଚଆଇଭି/ ଏଡ଼ସ, ସ୍ୱେଚ୍ଛା ରକ୍ତଦାନ, ପ୍ରାଥମିକ ଚିକିତ୍ସା ଓ ବିପର୍ଯ୍ୟୟ ପରିଚାଳନା ପ୍ରଭୃତି ବିଷୟରେ ସ୍ୱେଚ୍ଛାସବୀ ମାନଙ୍କୁ ତାଲିମ ପ୍ରଦାନ କରାଯିବା ସହ ସଚେତନତା ଶୋଭାଯାତ୍ରା, ବୃକ୍ଷରୋପଣ ଓ ସ୍ୱଚ୍ଛ ଭାରତ ଅଭିଯାନ ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଶିବିର ସଂଯୋଜକ ଅଧାପକ ଶ୍ରବଣ ନାୟକ ସୂଚନା ପ୍ରଦାନ କରିଥିଲେ । ଶେଷରେ ଯୁବ ରେଡକ୍ରସ କାଉନସେଲର ଅଧାପିକା ଅନ୍ନପୂର୍ଣ୍ଣା ରଣା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ନୀଳଗିରିକୁ ଯାତ୍ରୀବାହୀ ଟ୍ରେନ ଚଳାଚଳର ପ୍ରଥମ ଦାବିଦାର ଅକ୍ଷୟ ଆଚାର୍ଯ୍ୟ: ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ଖୋଦ୍ ଅକ୍ଷୟ



ନୀଳଗିରି , ୨୯/୧୧ (ନି.ପ୍ର): ବୁଧବାର ନୀଳଗିରି ଡାକବଙ୍ଗଳା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ କରି ନୀଳଗିରିର ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟ ନୀଳଗିରିକୁ ପାସେଞ୍ଜର୍ ଟ୍ରେନ ଚଳାଚଳ ପାଇଁ ସେ ପ୍ରଥମେ ଦାବୀ କରିଥିବା ସୂଚନା ଦେଇଛନ୍ତି । ବହୁବାର ଏନେଇ ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଠାରେ ଦାବୀ କରିଥିବା ବେଳେ ପ୍ରଥମେ ୧୯୭୭ ମସିହାରେ ତତ୍କାଳୀନ କେନ୍ଦ୍ର ରେଳମନ୍ତ୍ରୀ ମାଧବ ରାଓ ସିନ୍ଧିଆଙ୍କ ଠାରେ ଦାବୀ ଉପସ୍ଥାପନ କରିଥିଲେ । ପରେ ୧୯୯୮ମସିହାରେ ଓଡ଼ିଶା ବିଧାନସଭାରେ ବିଧାୟକ ଥିବା ସମୟରେ ପାସେଂଜର ଟ୍ରେନ ଚଳାଚଳ ପାଇଁ ଦାବୀ କରିଥିବା ସୂଚନା ଦେଇଥିଲେ । ୨୦୦୭ ମସିହାରେ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ବିରୋଧୀଦଳ ନେତା ଥିବା ବେଳେ ତତ୍କାଳୀନ କେନ୍ଦ୍ର ରେଳମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ଠାରେ ଦାବୀ କରାଯାଇଥିଲା ଏବଂ ପ୍ରତିଶ୍ରୁତି ମଧ ମିଳିଥିଲା । ପ୍ରତିଶ୍ରୁତି ପରେ ରେଳଲାଇନ୍ ବିଦ୍ୟୁତ୍ କରଣ, ପରିଦର୍ଶନ ହେବା କଥା ବିଭିନ୍ନ ସମ୍ବାଦ ଖବରକାଗଜରେ ସ୍ଥାନିତ ହୋଇଥିଲା । ପରେ ୨୦୦୭ ମସିହା ଅକ୍ଟୋବର ୫ତାରିଖରେ ସାଉଥଇଷ୍ଟ ରେଲୱେ କେନ୍ଦ୍ରୀୟ ଅଫିସ ତରଫରୁ ନୀଳଗିରିରୁ ପଥର ବୋଝେଇ ଟ୍ରେନ ଚଳାଚଳ କରୁଥିବାରୁ ଯାତ୍ରୀବାହୀ ଟ୍ରେନ ଚଳାଚଳ କରିପାରିବ ନାହିଁ ବୋଲି ଚିଠିରେ ଉଲ୍ଲେଖ ରହିଥିବା ଅକ୍ଷୟ ଆଚାର୍ଯ୍ୟ ସୂଚନା ଦେଇଛନ୍ତି । ଏଥି ସହିତ ବର୍ତ୍ତମାନର କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବ ଏବଂ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରଚେଷ୍ଟାରେ ଅର୍ଥ ର ବ୍ୟବସ୍ଥା କରି ନୀଳଗିରି ଗୋପୀନାଥପୁର ଠାରେ ନୂତନ ରେଳ ଷ୍ଟେସନ ନିର୍ମାଣ ସହିତ ଯାତ୍ରୀବାହୀ ଟ୍ରେନ ଚଳାଚଳ କରୁଥିବାରୁ ଉଭୟ ରେଳମନ୍ତ୍ରୀ ଓ ସାଂସଦଙ୍କୁ ଧନ୍ୟବାଦ ଦେଇଛନ୍ତି ଅକ୍ଷୟ ଆଚାର୍ଯ୍ୟ । ଏହି ସାମ୍ବାଦିକ ସମ୍ମିଳନୀରେ ବିଶ୍ୱନାଥ ଦାସ, ରାମଚନ୍ଦ୍ର ଜେନା, ଚକ୍ରଧର ଦାସ, ଜୟନ୍ତ ଦାସ, ଚୈତନ୍ୟ ନାୟକ, ପରମାନନ୍ଦ ପାତ୍ର, ଦୈତାରି ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଏକଲ ଅଭିଯାନ ତରଫରୁ ଶୀତବସ୍ତ୍ର ବଂଟନ

ଉଦଳା , ୨୯/୧୧ (ନି.ପ୍ର): ଏକଲ ଅଭିଯାନ ବାରିପଦା ଅଂଚଳ ଉଦଳା କେନ୍ଦ୍ର ତରଫରୁ କପ୍ତିପଦା ସଂଚ ଅନ୍ତର୍ଗତ ଡ଼ାଙ୍ଗରଚୁଆ ଗ୍ରାମରେ ଶୀତବସ୍ତ୍ର ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଗ୍ରାମରେ କାର୍ଯ୍ୟରତ ଗୁରୁମା ସବିତା ବାନ୍ଦିଆ, ଅଂଚଳ ଅଭିଯାନ ପ୍ରମୁଖ ନିରୁପମା ଜେନା, ସଂଚ ପ୍ରମୁଖ ଭାଗିରଥୀ ନାୟକ ଉକ୍ତ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବା ବେଳେ ଆମେରିକାର କାଲିଫର୍ଣ୍ଣିଆ ସହରରେ କାର୍ଯ୍ୟରତ ଯନ୍ତ୍ରୀ ବିଭୁ ଦାସ ଉକ୍ତ ଶୀତ ବସ୍ତ୍ର ଗୁଡ଼ିକ ଦାନ କରିଥିବାର ଜଣାଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ ସମ୍ଭାଗ ପ୍ରମୁଖ ସୁକେଶ ବେହେରା, ଆରୋଗ୍ୟ ପ୍ରମୁଖ ଗୀତାପ୍ରଭାସିନି ପାଢ଼ୀ, ବିଶ୍ୱହିନ୍ଦୁ ପରିଷଦର ରାମଚନ୍ଦ୍ର ସାହା, ରେଣୁବାଳା ପାତ୍ର, ଦୟାନିଧି ଦାସ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାଥମିକ ଶିକ୍ଷା ପ୍ରମୁଖ ବେଣୁଧର କଂଟାବାଉଁଶିଆ ଏକଲ ଅଭିଯାନର ଲକ୍ଷ ଉଦ୍ଦେଶ୍ୟ ସଂପର୍କରେ ଗ୍ରାମବାସୀ ମାନଙ୍କୁ ଅବଗତ କରାଇଥିଲେ ।

# ସଂସ୍କୃତ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଜଳେଶ୍ୱର , ୨୯/୧୧ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନଚ୍ଛିମପୁର ପଂଚାୟତ ସୀମାନ୍ତ ହାଇସ୍କୁଲରେ ସଂସ୍କୃତ ଶିକ୍ଷକ ଦିଲ୍ଲିପ କୁମାର ଗିରିଙ୍କ ଅବସରକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି । ଆଜି ପୂର୍ବାହ୍ନରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ପ୍ରମୋଦ ପରିଡା ସମାପତିତ୍ୱ କରି ଶିକ୍ଷକର ଅବସର ନ ଥାଏ । ଶିକ୍ଷାଦାନ ଏକ ଅହରହ ଜ୍ଞାନ ଆହରୋଣର ପ୍ରକ୍ରିୟା ହୋଇଥିବାରୁ ଜୀବନବ୍ୟାପି ଶିକ୍ଷକ ଶିକ୍ଷାଦେଇଥାଏ ବୋଲି କହିଥିଲେ । ଦୀର୍ଘ ୩୪ବର୍ଷ ଶିକ୍ଷାଦାନ କରୁଥିବା ଦିଲ୍ଲିପ କୁମାର ଗିରିଙ୍କ ବିଭିନ୍ନ କାର୍ଯ୍ୟଦକ୍ଷତା ସଂପର୍କରେ ମଂଚାସୀନ ଅତିଥିମାନେ କହିଥିଲେ । ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଡିବାରେ ତାଙ୍କର ଅକୁଣ୍ଠିତ ଅବଦାନକୁ ପରିଚାଳନା କମିଟି ସଭାପତି ସୈରେନ୍ଦ୍ର ଦେ, ବିଦ୍ୟାଳୟ ପ୍ରତିଷ୍ଠାତା ନିତ୍ୟାନନ୍ଦ ଦାସ, ଅନନ୍ତ ଗିରି, ରବିନ୍ଦ୍ର ଗିରି, ଆଶିଷ ଦେ ଓ ଦୀନବଂଧୁ ପ୍ରଧାନ ପ୍ରମୁଖ କହିଥିଲେ । ଶେଷରେ ଶ୍ରୀ ଗିରିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରବିନ୍ଦ୍ର ଗିରି ଧନ୍ୟବାଦ ଅର୍ପଣ କରିଥିଲେ

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Managing & Executive Editor : Srustidhar Parida
❐ Editor: Sairindhree Sahoo